


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-175 ◆SUNDAY ◆21 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୭୫ ◆ରବିବାର ◆୨୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)




# ଓଡ଼ିଆ ପୁସ୍ତକ ପଢ଼ିବା ନାହିଁ ?
# ଏଥର ନୂଆ ବର୍ଷରେ ଉପହାର କ'ଣ ଦେବା ?

20
ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence


ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ମୋବାଇଲ୍‌ରେ ରିଲ୍ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ ?

















ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ
ଏବଂ ଓଡ଼ିଶାର ଇତିହାସ,
କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ
୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ
**୯୯୯ ଟଙ୍କା**

ପ୍ରାୟ ୩୮% ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ।
ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।**
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।
- ଯୋଜନା ୩୧ ଡିସେମ୍ବର ୨୦୨୫, ବୁଧବାର ରାତି ୧୧ଟା ୫୯ ଯାଏଁ ବୈଧ।

ଏହି ତାରିଖ ପରେ ଅଥବା ୯୯୯/- ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL02

*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

# ରାଜ୍ୟବ୍ୟାପୀ ପାଳନ ହେବ ବିଜେଡି ପ୍ରତିଷ୍ଠା ଦିବସ

## ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବିଜେଡି




ଭୁବନେଶ୍ୱର, ୨୦।୧୨ (ସମିସ): ଆସନ୍ତା ୨୬ ତାରିଖରେ ବିଜେଡି ୨୮ ବର୍ଷ ପୂରଣ କରି ୨୯ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳିତ ହେବା ସହ ଦଳର ମୁଖ୍ୟାଳୟ ଶଙ୍ଖ ଭବନଠାରେ ମହାସମାରୋହରେ ପାଳନ କରାଯିବ। ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବେ। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି।

ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଥିଲେ ଯେ ଡିସେମ୍ବର ୨୬ ତାରିଖରେ ୨୯ତମ ପ୍ରତିଷ୍ଠା ଦିବସ ପାଳନ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଆଗାମୀ ବର୍ଷର କାର୍ଯ୍ୟକ୍ରମ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶା ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ସଂପର୍କରେ ଲୋକଙ୍କୁ ସଚେତନ ଓ ଓଡ଼ିଶାର ସ୍ୱାର୍ଥକୁ ନେଇ

### ୧୮ ମାସର ବିଜେପି ସରକାରର ବିଫଳତାକୁ ଲୋକଙ୍କ ପାଖକୁ ନେବ

ବିଜେଡି ସ୍ୱର ଉତ୍ତୋଳନ କରିବ। ଓଡ଼ିଶାବାସୀଙ୍କ ଭଲ ପାଇବାକୁ ପାଥେୟ କରି ବିଜେଡି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, ଯୁବଛାତ୍ରଙ୍କ ପ୍ରତି ବିମୁଖତା, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳା ସ୍ଥିତିର ଅବନତି, ଆର୍ଥିକ କୁ-ପରିଚାଳନା, ଓଡ଼ିଶାର ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗ ତଥା ପୋଲାଭରମ୍ ଓ ମହାନଦୀ ସମ୍ପର୍କରେ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ହେବା ସମ୍ପର୍କରେ ବିଜେଡି ବିଧାନସଭା, ରାଜ୍ୟସଭା ଓ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରିଆସୁଛି। ବିଜେପି ସରକାରର କୃଷକ ବିରୋଧୀ ନୀତି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ବିଫଳତା ବିରୋଧରେ ଜନକ୍ଷୋଭକୁ ବିଜେଡି ଉତ୍ଥାପନ କରିଚାଲିଛି। ସଂପ୍ରତି ଚାଷୀଠାରୁ ଧାନ ସଂଗ୍ରହରେ ସରକାରର ବିଫଳତା ପ୍ରସଙ୍ଗରେ ବିଜେଡି ସ୍ୱର ଉତ୍ତୋଳନ କରୁଛି ବୋଲି ଉପରୋକ୍ତ ବରିଷ୍ଠ ନେତାମାନେ କହିଥିଲେ।

ଅପରପକ୍ଷେ, ବରିଷ୍ଠ ଉପ-ସଭାପତି (ମୁଖ୍ୟାଳୟ) ଦେବୀ ପ୍ରସାଦ ମିଶ୍ର ପ୍ରତିଷ୍ଠା ଦିବସ ପାଳନ ନେଇ ବିଜେଡିର ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତା, ସାଂସଦ, ବିଧାୟକ, ନିର୍ବାଚନମଣ୍ଡଳୀ ନେତୃତ୍ୱ, ସାଂସଦ ଓ ବିଧାୟକ ପ୍ରାର୍ଥୀ, ରାଜ୍ୟ ପରିଷଦ ସଭ୍ୟ, ଜିଲ୍ଲା ସଭାପତି, ବିଜୁ ଯୁବ, ଛାତ୍ର ଓ ମହିଳା ସଭାପତି, ବିଭିନ୍ନ ସାମ୍ମୁଖ୍ୟ ସଂଗଠନମାନଙ୍କ ରାଜ୍ୟ ଆବାହକ, ଜିଲ୍ଲା ପରିଷଦ ସଭାପତି/ ଉପ-ସଭାପତି, ପୌରାଞ୍ଚଳ ମେୟର୍ ଓ ଡେପୁଟି ମେୟର୍, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ବ୍ଲକ ଓ ନଗର ସଭାପତିମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

# ଆରଟିଓଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ

କଟକ, ୨୦।୧୨(ସମିସ): ରାଜ୍ୟର ୬ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆରଟିଓମାନଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ଏହି ମାର୍ଗଦର୍ଶିକା ଜାରି କରାଯାଇଛି। ଏହାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓ ମାନଙ୍କୁ ନେଇ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା ଏବଂ ଏନଫୋର୍ସମେଣ୍ଟକୁ ଗୁରୁତ୍ୱଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡଲାଇଟ୍ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ୍ ଲାଇଟ୍ ସଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଯଦି ଦୃଶ୍ୟମାନତା କମ୍ ହୁଏ ତେବେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ପରାମର୍ଶ ଦିଆଯାଇଛି। ବାଣିଜ୍ୟିକ ଯାନରେ ହେଡ୍ ଲାଇଟ୍, ବ୍ରେକ୍ ଲାଇଟ୍, ରିଫ୍ଲେକ୍ଟର ବ୍ୟବହାର କରନ୍ତୁ, ଭୋର ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାଇବା ସହ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରିବାକୁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି।

# ଇଗ୍ନୋ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୦।୧୨ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜାନୁଆରି ୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷା ପାଇ ପାରିନଥିବା ପ୍ରାର୍ଥୀମାନେ ନାମ ଲେଖାଇ ପାରିବେ। ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଜାନୁଆରି ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। କଳା, ବିଜ୍ଞାନ, ବାଣିଜ୍ୟରେ ସ୍ନାତକ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଫି' ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ, ଏହି ସୁବିଧା ପାଇବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଇଗ୍ନୋର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଏହାସହ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଇ-ମେଲ୍ ମାଧ୍ୟମରେ ଓ ୦୬୭୪-୨୯୭୨୦୭୨ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

**ଜାନୁଆରୀ ୩୧ ଶେଷ ତାରିଖ**

# ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି ଟ୍ରେନ୍

କଟକ, ୨୦।୧୨(ସମିସ): ଓଡ଼ିଶାରେ ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ପାଲଟିଛି ଟ୍ରେନ୍। ବାହାରୁ ଆସୁଥିବା ଏବଂ ଏଠାରୁ ଚାଲାଣ ହେଉଥିବା ଅଧିକାଂଶ ଗଞ୍ଜେଇ ଟ୍ରେନ୍‌ରେ ପରିବହନ ହେଉଛି। ଟ୍ରେନ୍‌ରେ ଗଞ୍ଜେଇ ଚାଲାଣକୁ ସୁରକ୍ଷିତ ମଣୁଛନ୍ତି ମାଫିଆ। ଚଳିତବର୍ଷ ରେଳବାଇ ପୁଲିସ ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ଅନେକ ଘଟଣାରେ ପୁଲିସକୁ ଚକ୍‌ମା ଦେଇ ମାଫିଆମାନେ ସହଜରେ ଟ୍ରେନ୍‌ରେ ଗଞ୍ଜେଇ ପରିବହନ କରୁଛନ୍ତି। ଚଳିତବର୍ଷ ରେଳବାଇ ପୁଲିସ ୩୩୫୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏନ୍‌ଡିପିଏସ ଆଇନ ଅନୁଯାୟୀ ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସମସ୍ତ ମାମଲାରେ ୨୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

କଟକ ଓ ରାଉରକେଲା ରେଳ ଷ୍ଟେସନ୍ ଗଞ୍ଜେଇ ଚାଲାଣର ହବ୍ ଭାବେ ପରିଗଣିତ ହୋଇଛି। ଚଳିତବର୍ଷ କଟକ ରେଳବାଇ ପୁଲିସ ୮୭ଟି ମାମଲା ରୁଜୁ କରି ୧୪୮୯ କେଜିରୁ ଅଧିକ ଗଞ୍ଜେଇ ଜବତ ସହ ୧୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ରେଳବାଇ ପୁଲିସ ୧୧୩ଟି ମାମଲା ରୁଜୁ କରି ୧୮୬୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହାସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୧୮୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେହିପରି ୨.୬୧ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି।

**ବର୍ଷକରେ ୨୦୦ ମାମଲା ଓ ୩୩୫୨କିଲୋ ଗଞ୍ଜେଇ ଜବତ**

ଉଲ୍ଲେଖଯୋଗ୍ୟ, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଗୁଜୁରାଟ ଭଳି ରାଜ୍ୟର ବୋଲି ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି। ସମସ୍ତ ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି ଏବଂ ଏହା ପଛରେ ଥିବା ନେଟୱାର୍କର ପର୍ଦ୍ଦାଫାସ୍ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।

ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ(ଆରପିଏଫ) ଓ ସରକାରୀ ରେଳବାଇ ପୁଲିସ (ଜିଆରପି) ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ଓ ପକ୍ଷରୁ ମିଳିତ ଅଭିଯାନ କରାଯାଉଛି। ଟ୍ରେନ୍‌ରେ ସନ୍ଦେହଜନକ ବ୍ୟାଗ୍/ପାର୍ସଲ ତନ୍ନତନ୍ନ କରି ଯାଞ୍ଚ ସହ ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ୍ ଓ ଟ୍ରେନ ବଗି ଯାଞ୍ଚ କରାଯାଉଛି। ଜିଆରପି ଓ ଆରପିଏଫ ମଧ୍ୟରେ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ଏବଂ ଅପରାଧରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୨୦।୧୨(ସମିସ): ମହାକାଶଚାରୀ ତଥା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ(ଆଇଏସ୍‌ଏସ୍)କୁ ଯାତ୍ରା କରିଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ସାକ୍ଷାତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ଲାଙ୍କ ସାହସ ଓ ଦୁଃସାହସିକ ଯାତ୍ରାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ଦେଶର କୋଟି କୋଟି ଯୁବପିଢ଼ିଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମହାକାଶ ବିଜ୍ଞାନ ଓ ଗବେଷଣାକୁ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ସାମିଲ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ମହାକାଶ ବିଜ୍ଞାନରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଏହାକୁ ଆଗକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଆଗାମୀ ପିଢ଼ିକୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କୁ ଭବିଷ୍ୟତର ଦକ୍ଷ ସ୍ପେସ୍ ପ୍ରଫେସନାଲ୍ ଭାବେ ଗଢ଼ିତୋଳିବାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# କଏଦୀ ଫେରାର୍ ହୋଇଗଲେ ଥାନା ରୁଜୁ କରୁନି ମାମଲା

ଭୁବନେଶ୍ୱର,୨୦।୧୨(ସମିସ): ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀ ଫେରାର ହୋଇଯାଉଛନ୍ତି। ପାରୋଲ୍ ଏବଂ ସ୍ପେଶାଲ ଲିଭ୍‌ରେ ଯାଉଥିବା କଏଦୀ ଜେଲ୍‌କୁ ଫେରୁ ନାହାନ୍ତି। ଉକ୍ତ ଜେଲ୍ ପକ୍ଷରୁ କଏଦୀମାନଙ୍କ ଘର ପାଖ ଥାନାରେ ଏତଲା ଦିଆଯାଉଛି; ହେଲେ ଜେଲ୍ ବିଭାଗର ଏତଲାକୁ ଥାନା ଫୁ' କରିଦେଉଛି। ଏପରିକି ମାମଲା ବି ରୁଜୁ କରୁନି। ଜେଲ୍ ବିଭାଗକୁ ପୁଲିସଠାରୁ କୌଣସି ପ୍ରକାର ସହଯୋଗ ବି ମିଳୁନି। ଯାହାକୁ ନେଇ ଅଡୁଆରେ ପଡି ଯାଉଛି ଜେଲ୍ ବିଭାଗ। ଏଥିପାଇଁ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଥାନା ପକ୍ଷରୁ କୌଣସି ବି ଏଭଳି ବ୍ୟବହାର ଦେଖାଯାଉଥିଲେ ଜିଲ୍ଲା ଏସ୍‌ପିଙ୍କୁ ତୁରନ୍ତ ଅବଗତ କରାଇବା ସହ ଜେଲ୍ ନିଦ୍ଦେଶାଳୟକୁ ବି ଏସମ୍ପର୍କରେ ଜଣାଅ ବୋଲି ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ଜେଲ୍ ଅଧୀକ୍ଷକମାନଙ୍କୁ ଚିଠି ଲେଖାଯାଇଛି।

ଜଣେ କଏଦୀ ପାରୋଲ କିମ୍ବା ସ୍ପେଶାଲ ଲିଭ୍‌ରେ ଯିବା ପୂର୍ବରୁ ସଂପୃକ୍ତ ଜେଲ୍ କର୍ତ୍ତୃପକ୍ଷ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ ଉକ୍ତ ଜିଲ୍ଲାର ଏସ୍‌ପିଙ୍କ ଅନୁମତି ଲୋଡ଼ିଥା'ନ୍ତି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ସବୁ ଦିଗକୁ ଦେଖି ପାରୋଲ୍ କିମ୍ବା

**କଡ଼ା ଆଭିମୁଖ୍ୟ ଗ୍ରହଣ କଲା ଜେଲ୍ ବିଭାଗ**

**ଜେଲ୍ ଅଧୀକ୍ଷକଙ୍କୁ ଜେଲ୍ ନିର୍ଦ୍ଦେଶାଳୟର ଚିଠି**

ସ୍ପେଶାଲ ଲିଭ୍‌ରେ କଏଦୀ ଛାଡିବାକୁ ଅନୁମତି ଦେଇଥା'ନ୍ତି। ଏମାନଙ୍କ ଅନୁମତିପତ୍ର ଜେଲ୍ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ପରେ ଜେଲ୍ ବିଭାଗ କଏଦୀଙ୍କୁ ପାରୋଲରେ ଛାଡିଥାଏ। କିନ୍ତୁ କଏଦୀ ନ ଆସିଲା ବେଳକୁ ଜେଲ୍ ବିଭାଗର ଏତଲାକୁ ଗ୍ରହଣ କରାଯାଉ ନାହିଁ, ଥାନା ମାମଲା ରୁଜୁ କରୁ ନାହିଁ। ଫଳରେ ଡକାୟତି, ହତ୍ୟା, ଚୋରି ମାମଲାରେ ଲିପ୍ତ ଥିବା ଅପରାଧୀ ଆରାମରେ ବାହାରେ ବୁଲୁଛନ୍ତି। ଗୋଟିଏ ପଟେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ କହୁଛି। ହେଲେ କଏଦୀ ଖସିଗଲେ, କିମ୍ବା ନ ଫେରିଲେ କାହିଁକି ଜେଲ୍ ବିଭାଗର ଏତଲାକୁ ଗୁରୁତ୍ୱ ଦେଉନି, ସେନେଇ ପ୍ରଶ୍ନ ଉଠିଛି।

ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀମାନେ ଫେରାର୍ ହୋଇଯାଉଛନ୍ତି। ହେଲେ ଆଉ ଫେରୁ ନାହାନ୍ତି କିମ୍ବା ସରେଣ୍ଡର କରୁନାହାନ୍ତି। କଏଦୀମାନେ ଜେଲ୍‌କୁ ନ ଫେରିବାକୁ ନେଇ ଓଡ଼ିଶା ହାଇକୋର୍ଟ ଚିନ୍ତାପ୍ରକଟ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଜେଲ୍‌ର ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ଏଥିରେ ଜେଲ୍ ନିର୍ଦ୍ଦେଶାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଜାନୁଆରୀ ୯ରେ

କଟକ,୨୦।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏଭିଇଟି) ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏମଏଭିଇଟି) ଆସନ୍ତା ୨୦୨୬ ଜାନୁଆରି ୯ ତାରିଖରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଓଡ଼ିଶା ମାଧ୍ୟମିକ ଶିକ୍ଷା (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ଷଷ୍ଠ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ସେହିଭଳି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ଦିନ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ୧୦୦ଟି ପ୍ରଶ୍ନ ପାଇଁ ମୋଟ ୧୦୦ ନମ୍ବର ରଖାଯାଇଛି। ଆସନ୍ତା ୩୦ ତାରିଖରୁ ବୋର୍ଡ ୱେବସାଇଟ୍‌ରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ସଂଗ୍ରହ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରେଇ ସୂଚନା ଦେଇଛନ୍ତି। ସୂଚନାଥାଉକି ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ୍ ପଞ୍ଜୀକରଣ ଗତ ନଭେମ୍ବର ୧୨ତାରିଖରୁ ଆରମ୍ଭ ହୋଇ ଡିସେମ୍ବର୧୦ରେ ଶେଷ ହୋଇଥିଲା।

# ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା, ୨୦।୧୨ (ସମିସ): ଶିମିଳିପାଳ ଅଭୟାରଣ୍ୟ ଭିତରୁ ବନବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତା' ନିକଟରୁ ୨୫କେଜି ବାର୍‌ହା ମାଂସ ଜବତ କରିଛି। ସେ ହେଲା, ଯଶିପୁର ଥାନା ଅସ୍ତକୁଅଁର ପଞ୍ଚାୟତ ଗୋପିନାଥପୁରର ମାସି ଆଲେୟା। ତା' ନିକଟରୁ ରକ୍ତଲଗା ୭ଟି ତୀର, ୨ଟି ଧନୁ ଓ ଗୋଟିଏ କୁରାଢ଼ୀ ଜବତ ହୋଇଛି। ତେବେ ବନ ବିଭାଗକୁ ଚକ୍‌ମା ଦେଇ ଅନ୍ୟ ୪ଜଣ ଶିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।

**୨୫ କେଜି ବାର୍‌ହା ମାଂସ ଓ ମାରଣାସ୍ତ୍ର ଜବତ**

ଜଙ୍ଗଲ ଭିତରେ କିଛି ଶିକାରୀ ଶିକାର କରୁଥିବା ଖବର ପାଇ ପିଠାବାଟା ଦକ୍ଷିଣ ବନ୍ୟପ୍ରାଣୀ ରେଞ୍ଜ ଓ ଶିମିଳିପାଳ ଟାଇଗର୍ ପ୍ରୋଟେକ୍ସନ୍ ଫୋର୍ସ(ଏସ୍‌ଟିପିଏଫ୍) ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ବନ କର୍ମଚାରୀଙ୍କୁ ଦେଖି ୪ଜଣ ଶିକାରୀ ଚମ୍ପଟ ମାରିଥିବା ବେଳେ ମାସି ଧରାପଡ଼ି ଯାଇଥିଲା। ଫେରାର୍




ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

## ନୂଆ ବସ୍‌ଷ୍ଟାଣ୍ଡ ପାଇଁ ସମୂହ ଗଛ କଟାଯିବାକୁ ବିରୋଧ

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଇନଜୀବୀ

ବାରିପଦା, ୨୦।୧୨(ସମିସ): ବାରିପଦାରେ ପ୍ରସ୍ତାବିତ ନୂତନ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସହରର ପାଲବଣୀ ନିକଟରେ ବ୍ୟାପକ ଗଛକଟାକୁ ବିରୋଧ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଏକ ଲେଟର-ପିଟିସନ ପଠାଇ ତୁରନ୍ତ ଗଛକଟା ବନ୍ଦ କରିବାକୁ ଦାବି କରିଛନ୍ତି।

ଆଇନଜୀବୀ ଶ୍ରୀ ଶର୍ମାଙ୍କ ଏହି ଆବେଦନରେ କୁହାଯାଇଛି ଯେ ପ୍ରକଳ୍ପ ପାଇଁ ସରକାରୀ ଭାବେ ୧,୭୮୯ଟି ଗଛ କଟାଯିବାର ଅନୁମତି ମିଳିଥିବା ବେଳେ ପ୍ରକୃତରେ ପ୍ରାୟ ୫,୦୦୦ରୁ ଅଧିକ ଗଛ କଟାଯାଇ ସାରିଛି। ଏହାମଧ୍ୟରେ ୪୦-୫୦ ବର୍ଷର ପୁରୁଣା ଗଛ ମଧ୍ୟ ରହିଛି। ସେହିଭଳି ଗଛକଟା କାର୍ଯ୍ୟକୁ ଦିନ ବଦଳରେ ହଠାତ୍ ରାତିରେ କାହିଁକି କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସବୁଜ ଅଞ୍ଚଳର ବିନାଶ ଦ୍ୱାରା ଏସିଆର ସର୍ବାଧିକ ଉତ୍ତପ୍ତ ସହର ମଧ୍ୟରୁ ଅନ୍ୟତମ ବାରିପଦାର ତାପମାତ୍ରାକୁ ଆହୁରି ବୃଦ୍ଧି କରିବ ଏବଂ ଜଳବାୟୁ ପ୍ରତିରୋଧ କ୍ଷମତା ହ୍ରାସ ପାଇବ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ମତାମତକୁ ଉଦ୍ଧୃତ କରି ଆବେଦନରେ କୁହାଯାଇଛି ଯେ ଗଛ କାଟିବା ମଣିଷ ହତ୍ୟାଠାରୁ ମଧ୍ୟ ସଂଗିନ୍, ଭୟଙ୍କର। ତେଣୁ, ତୁରନ୍ତ ଗଛକଟା ବନ୍ଦ କରିବା, ୩୬.୮୩ ଏକର ସବୁଜ ଅଞ୍ଚଳର ସ୍ଥିତି ବଜାୟ ରଖିବା, ସମସ୍ତ ଅନୁମତି ପ୍ରକାଶ କରିବା ଓ ଏହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହି ଆବେଦନ ଓଡ଼ିଶାର ମୁଖ୍ୟ ସଚିବ, ପ୍ରଧାନ ବନ ସଂରକ୍ଷକ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଓ ବାରିପଦା ଡିଏଫଓଙ୍କୁ ପଠାଯାଇଛି। ସ୍ଥାନୀୟ ପରିବେଶବିତ୍ ଓ ନାଗରିକ ଏହି ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ପରିବେଶଗତ ସଙ୍କଟର ସଙ୍କେତ ବୋଲି ସେମାନେ ମତ ଦେଇଛନ୍ତି।




## ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

# ରାସ୍ତାରେ ବସିଲେ ଆଇନଜୀବୀ




ପୁରୀ, ୨୦।୧୨(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର କରାଯିବା ପାଇଁ ମସୁଧା ଚାଲିଛି। ହେଲେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ। ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଶନିବାର ଏହି ସତ୍ୟାଗ୍ରହ ୨୯୬ ଦିନରେ ପହଞ୍ଚିଥିବା ବେଳେ ଏହାର କୌଣସି ସୁଫଳ ମିଳିପାରିନାହିଁ। ତେଣୁ କଡ଼ା ଆଭିମୁଖ୍ୟସ୍ୱରୂପ ରାସ୍ତାକୁ ଓହ୍ଲାଇଛନ୍ତି ଆଇନଜୀବୀ। ଶନିବାର ପୁରୀ ପ୍ରବେଶପଥ ଅଠରନଳାଠାରେ ଶହଶହ ଓକିଲ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ରାସ୍ତାରେ ବସି ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବା ସହ ଏହାକୁ ବଦଳାଇବାକୁ ଜିଦ୍ କରିଛନ୍ତି। ଏହି ରାସ୍ତାରୋକ ଫଳରେ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।

ଆନ୍ଦୋଳନକାରୀ ଆଇନଜୀବୀ ସଂଘ ପକ୍ଷରୁ କୁହାଯାଇଛି ଯେ ପୁରୀ ଅଦାଲତ କୋଠା ୧୭୨ ବର୍ଷ ତଳର ଐତିହ୍ୟ। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ ସେବା ପାଉଛନ୍ତି। ଜିଲ୍ଲାପାଳ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆରଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ଯୋଜନା ଗ୍ରହଣଯୋଗ୍ୟ

**■ ଅଠରନଳାଠାରେ କଲେ ରାସ୍ତାରୋକ ଆନ୍ଦୋଳନ**
**■ ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ କଲା ଆପ୍**

ନୁହେଁ। ସେଠାରେ ହଜାରହଜାର ଗଛ ଅଛି। ଏହା ସହରବାସୀଙ୍କ ପାଇଁ ଏକମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହା ମଧୁର ଜଳ ଅଞ୍ଚଳକୁ ଶେଷ କରିବା ପାଇଁ ଚକ୍ରାନ୍ତ ନୁହେଁ ତ? ସରକାର କେଉଁଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ସେଇ ଜମିକୁ ଆଇନ ବିଭାଗକୁ ଟେକି ଦେଇଛନ୍ତି? ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ? ସେହି ଜମି ହସ୍ତାନ୍ତରକୁ ବାତିଲ୍ କରାଯାଉ। ପୂର୍ବରୁ ଓକିଲ ସଂଘ ଉଚ୍ଚ ନ୍ୟାୟାଳୟ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନକରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ୍, ଡିଆର୍‌ଡିଏ, ଉପଜିଲ୍ଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି, ଯେପରି ଭୁବନେଶ୍ୱର ଓ ଗଞ୍ଜାମରେ ହୋଇଛି; ପୁରୀରେ କାହିଁକି ନ ହେବ?

ଏହି ଆନ୍ଦୋଳନରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆରସିଂ, ମନୋରଞ୍ଜନ ସାହୁ, ଜ୍ୟୋତିପ୍ରକାଶ ପାଇକରାୟ, ରାଜେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ସରକାର ଦାବି ନ ମାନିଲେ, ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଦୀର୍ଘ ୯ ମାସ ହେବ ପୁରୀ ଓକିଲ ସଂଘ ଯେଉଁ ଆନ୍ଦୋଳନ ଚଳାଇଛି ଏହାକୁ ସମର୍ଥନ କରିଛି ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି (ଆପ୍)। ଆପ୍ ଜିଲ୍ଲା ସଭାପତି ଶନିବାର ଓକିଲ ସଂଘକୁ ସମର୍ଥନ କରୁଥିବା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।



ଟି-୨୦ ବିଶ୍ୱକପ୍ ଦଳରେ ଇଶାନ ସାମିଲ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-175 ◆SUNDAY ◆21 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୫ ◆ରବିବାର ◆୨୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ରାଜଧାନୀ ଏକ୍ସପ୍ରେସ୍ ଧକ୍କାରେ ୭ ହାତୀ ମୃତ

■ ଗୌହାଟୀ, ୨୦।୧୨(ଏଜେନ୍ସି): ଆସାମର ହୋଜାଲ ଜିଲ୍ଲାରେ ରାଜଧାନୀ ଏକ୍ସପ୍ରେସ ଧକ୍କାରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ହାତୀ ଛୁଆ ଆହତ ହୋଇଛି। ଏହି ଟ୍ରେନର ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀ ଯାଉଥିଲା। ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ହାତୀପଲକୁ ଧକ୍କା ଦେବା ପରେ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନ ଓ ୫ଟି ବଗି ଲାଇନଚ୍ୟୁତ ହୋଇଛି। ତେବେ କୌଣସି ରେଳ ଯାତ୍ରୀ ଆହତ ହୋଇ ନାହାନ୍ତି। ତେବେ ଏହି ରୁଟରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି।

### ଇଞ୍ଜିନ୍ ସହ ୫ ବଗି ଲାଇନ୍‌ଚ୍ୟୁତ

### ଉତ୍ତର-ପୂର୍ବାଞ୍ଚଳରେ ଟ୍ରେନ ସେବା ବ୍ୟାହତ

ରେଳବାଇ ବିଭାଗର ଜଣେ ମୁଖପାତ୍ର କହିଛନ୍ତି ଯେ ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଛି, ତାହା ହାତୀ କରିଡର ନଥିଲା। ଚାଙ୍ଗଜୁରାଇ ଗାଁ ନିକଟରେ ରାତି ୨ଟା ୧୭ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା। ରାଜଧାନୀ ଏକ୍ସପ୍ରେସ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ହାତୀ ପଲ ରେଳ ଧାରଣା ପାର ହେଉଥିବା ଟ୍ରେନ ଡ୍ରାଇଭର ଦେଖିଥିଲେ। ଦୁର୍ଘଟଣଶ ଏଡ଼ାଇବା ଲାଗି ସେ ଏମର୍ଜେନ୍ସି ବ୍ରେକ୍ ଲଗାଇଥିଲେ। ତଥାପି ଟ୍ରେନ ହାତୀପଲକୁ ଧକ୍କା ଦେଇଥିଲା। ଟ୍ରେନ ଡ୍ରାଇଭରଙ୍କର ପ୍ରଶଂସା କରି ସେ କହିଛନ୍ତି ଯେ ଏମର୍ଜେନ୍ସି ବ୍ରେକ୍ ଲଗାଇନଥିଲେ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ଥିଲା। ଏହା ଯାତ୍ରୀମାନଙ୍କୁ ବିପଦରେ ପକାଇ ଥାଆନ୍ତା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ୮ଟି ହାତୀର ମୃତ୍ୟୁ ନେଇ ସୂଚନା ମିଳିଥିଲା। କିନ୍ତୁ ପରେ ଗୋଟିଏ ଛୁଆ ହାତୀ ବଞ୍ଚିଯାଇଥିଲେ ମଧ୍ୟ ଗୁରୁତର ଭାବେ ଆହତ ହୋଇଛି। ରେଳ ଧାରଣା ଉପରେ ହାତୀ ଶବଗୁଡ଼ିକ ପଡ଼ିଥିବାରୁ ତାକୁ ହଟାଯାଉଛି। ଟ୍ରେନ ଯାତ୍ରୀଙ୍କୁ ଦିଲ୍ଲୀ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଛି।

ଉତ୍ତରପୂର୍ବ ଫ୍ରଣ୍ଟିଅର ରେଳବାଇ (ଏନ୍‌ଏଫ୍‌ଆର)ର ମୁଖ୍ୟ ଜନସମ୍ପର୍କ ଅଧିକାରୀ କପିଞ୍ଜଳ କିଶୋର ଶର୍ମା କହିଛନ୍ତି ଯେ ଗୌହାଟୀରୁ ପ୍ରାୟ ୧୨୬ କିମି ଦୂରରେ ଲୁମଡିଂ ▶ପୃଷ୍ଠା-୭



# ଆଣ୍ଟେଇଛି ପିଏମ୍ ସୂର୍ଯ୍ୟ ଘର ଯୋଜନା

■ ଭୁବନେଶ୍ୱର, ୨୦।୧୨ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୌର ବିଜୁଳି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାର ବ୍ୟାପକ ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ଓଡ଼ିଶାରେ ଏହି ଯୋଜନା ସେମିତି ଆଖିଦୃଶିଆ ଅଗ୍ରଗତି ହାସଲ କରିପାରୁ ନାହିଁ। ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ୧.୫ ଲକ୍ଷ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୩ ଲକ୍ଷ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଟାର୍ଗେଟ ଦେଇଛନ୍ତି। ମାତ୍ର ଓଡ଼ିଶାରେ ଏଯାବତ୍ ଦେଢ଼ଲକ୍ଷ ଆବେଦନକାରୀ ଥିବାବେଳେ ମାତ୍ର ୨୪,୯୫୫ଟି ରୁଫଟପ୍ ବା ଛାତରେ ସୌର ପ୍ୟାନେଲ ଲାଗିପାରିଛି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ସୋଲାର ପ୍ୟାନେଲ ଲଗାଇବାରେ ୧୨ତମ ସ୍ଥାନରେ ରହିଥିବା ବେଳେ ଅନେକ ଛୋଟ ରାଜ୍ୟ ଓଡ଼ିଶା ଉପରେ ରହିଛନ୍ତି, ଯାହା ରାଜ୍ୟରେ ଯୋଜନାର ଅଗ୍ରଗତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସର୍ବଭାରତୀୟ ସ୍ତରରେ ଓଡ଼ିଶାଠାରୁ ଆଗରେ ଅଛନ୍ତି ଏକାଧିକ ଛୋଟ ରାଜ୍ୟ




### ଦେଢ଼ଲକ୍ଷ ଆବେଦନ; ୨୪,୯୫୫ ରୁଫ୍‌ଟପ୍‌ରେ ସୋଲାର ପ୍ୟାନେଲ

ମିଳିଥିବା ସୂଚନା ଅନୁଯାୟ ଓଡ଼ିଶାରେ ଏଯାବତ୍ ୨୫ ହଜାରରୁ କମ୍ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲାଗିଥିବା ବେଳେ କେରଳ ପରି ଛୋଟ ରାଜ୍ୟ କିନ୍ତୁ

### ମାର୍ଚ୍ଚ ଶେଷ ସୁଦ୍ଧା ସବୁ ଆବେଦନକାରୀଙ୍କୁ ସୌରଶକ୍ତି ଯୋଗାଣ ନେଇ ପ୍ରଶ୍ନବାଚୀ

### ୟୁଏଲ୍ଏ ମଡେଲ ଅଧୀନରେ ଏଣିକି ୧ କିଲୋୱାଟ ପାଇଁ ୧୮୭୫ ଟଙ୍କା ଦେୟ

ଏ କ୍ଷେତ୍ରରେ ବେଶ୍ ଆଖିଦୃଶିଆ ପ୍ରଦର୍ଶନ କରିଛନ୍ତି। କେରଳରେ ୧ ଲକ୍ଷ ୭୧ ହଜାର ୫୯୦ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ ଏଯାବତ୍ ଲାଗିସାରିଛି। ସେହିପରି ଆସାମରେ ୬୬୦୯୨, ଉତ୍ତରାଖଣ୍ଡରେ ୫୬ ହଜାରରୁ ଅଧିକ ପ୍ୟାନେଲ ଲାଗି ସାରିଛନ୍ତି। ଆୟତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ଉପରୋକ୍ତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବେଶ୍ ପଛରେ ଥିବାବେଳେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ବେଶ୍ ସଚେତନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି।

ରୁଫ୍‌ଟପ୍ ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ ରାଜ୍ୟ ଶକ୍ତି ବିଭାଗ ଏବଂ ବିତରକ କମ୍ପାନୀର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଉଛି ଯେ ସୋଲାର ପ୍ୟାନେଲ ଲଗାଇବା ପାଇଁ ଓଡ଼ିଶାର ୪ଟି ବିତରକ କମ୍ପାନୀ ନିକଟରେ ପ୍ରାୟ ଦେଢ଼ ଲକ୍ଷ ଲୋକ ଆବେଦନ କରିଥିଲେ। ତନ୍ମଧ୍ୟରୁ ୯୭,୦୭୪ ଜଣ ପ୍ୟାନେଲ ଲଗାଇବା ପାଇଁ ଭେଣ୍ଡର ମଧ୍ୟ ଚୂଡ଼ାନ୍ତ କରିଥିଲେ। ଏସବୁ ସତ୍ତ୍ୱେ ମାତ୍ର ୨୪,୯୫୫ ଜଣ ସୋଲାର ପ୍ୟାନେଲ ଲଗାଇବାକୁ ନେଇ ଶକ୍ତି ▶ପୃଷ୍ଠା-୭

### ବାଂଲାଦେଶରେ ଥମୁନି ବିଦ୍ୱେଷର ବହ୍ନି

# ଘର ସହ ନାବାଳିକାଙ୍କୁ ଜାଳିଦେଲେ

■ ଢାକା, ୨୦।୧୨ (ଏଜେନ୍ସି): ଇନ୍‌କିଲାବ ମଞ୍ଚର ନେତା ଉସମାନ ହାଦିଙ୍କ ହତ୍ୟା ପରେ ବାଂଲାଦେଶରେ ଆରମ୍ଭ ହୋଇଥିବା ବିଦ୍ୱେଷ ନିଆଁ ବନ୍ଦ ହେବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରିଛି। ଚରମପନ୍ଥୀ ମାନବିକତା ଭୁଲି ହିତ୍ୟା, ଲୁଟପାଟ୍ ଚଳାଇଥିବାବେଳେ ବିଏନ୍‌ପି ନେତାଙ୍କ ଘରେ ଆକ୍ରମଣ କରି ତାଙ୍କ ଶିଶୁ କନ୍ୟାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ଏପରି ସମୟରେ ଆଜି ହାଦିଙ୍କୁ ରାଷ୍ଟ୍ରୀୟ କବି ନଜରୁଲ ଇସଲାମଙ୍କ କବର ନିକଟରେ କବର ଦିଆଯାଇଛି। ଇନକିଲାବ ମଞ୍ଚର ସମର୍ଥକ ମହମ୍ମଦ ୟୁନୁସଙ୍କ ସରକାରଙ୍କୁ ୨୪ ଘଣ୍ଟିଆ କଣ୍ଟ ଦେଇଛନ୍ତି। ହତ୍ୟାକାଣ୍ଡରେ ସାମିଲ ଅପରାଧୀଙ୍କୁ ଧରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ତାହାର ସୂଚନା ମାଗିଛନ୍ତି। ହାଦିଙ୍କ ଏହି ଅନ୍ତିମ ଯାତ୍ରାରେ ସାମିଲ ଲକ୍ଷାଧିକ ଲୋକେ ବାରିକେଡ ଭାଙ୍ଗି ସଂସଦରେ ପଶି ଆଜି ଭଙ୍ଗାରୁଜା କରିଛନ୍ତି। ବାଂଲାଦେଶର ସ୍ଥିତିକୁ ଦେଖି ଭାରତୀୟ ସେନା ସୀମାରେ ସଜାଗ ରହିଛି। ଏପରି ସମୟରେ ହାଦିଙ୍କ ହତ୍ୟା ପଛରେ ପାକିସ୍ତାନ ଗୁଇନ୍ଦା ▶ପୃଷ୍ଠା-୭



### ସଂସଦରେ ଲୁଟ୍ ମଚାଇଲେ ଉପଦ୍ରବୀ, ସରକାରଙ୍କୁ ଦେଲେ ୨୪ ଘଣ୍ଟିଆ କଣ୍ଟ

### ହିଂସା ପଛରେ ଆଇଏସଆଇର 'ଢାକା ସେଲ୍'

### ପରିସ୍ଥିତି ନେଇ ଭାରତ-ବାଂଲାଦେଶ ସେନାମୁଖ୍ୟ ଆଲୋଚନା

# ୧୦୦ ବର୍ଷ ତଳେ ୧୦ ଡଲାର ସହ ସମାନ ଥିଲା ୧ ଟଙ୍କା

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଭାରତୀୟ ଟଙ୍କା ଗତ ମଙ୍ଗଳବାର ଅଲୋଡ଼ା ରେକର୍ଡ କରିଥିଲା। ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତରକୁ ଖସି ଆସିଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧.୦୮ ଥିଲା। ସ୍ୱାଧୀନ ଭାରତରେ ଟଙ୍କା ଅବମୂଲ୍ୟାୟନ ହୋଇ ଚାଲିଥିବାବେଳେ ପରାଧିନ ଭାରତରେ ସ୍ଥିତି ଓଲଟା ଥିଲା। ଶହେ ବର୍ଷ ତଳେ ଆମେରିକା ମୁଦ୍ରା ତୁଳନାରେ ଭାରତୀୟ ଟଙ୍କା ବହୁତ ମଜବୁତ ଥିଲା। ୧୯୨୫ରେ ଏକ ଟଙ୍କା ୧୦ ଡଲାର ସହ ସମାନ ଥିଲା ବୋଲି ବୁକ୍‌ମାଇଫୋରେକ୍ସଡଟ୍‌କମ ପକ୍ଷରୁ କୁହାଯାଇଛି। ୧୯୪୭ରେ ଭାରତ ସ୍ୱାଧୀନ ହୋଇଥିଲା। ସେତେବେଳେ ଡଲାର ମୂଲ୍ୟ ୩.୩ ଟଙ୍କା ଥିଲା। ୧୯୫୦ ବେଳକୁ ଏହା ୪.୭୬ ଟଙ୍କା ହୋଇଥିଲା। ୧୯୬୫ରେ ଏହା ସ୍ଥିର ରହିଥିବାବେଳେ ୧୯୬୬ରେ ୭.୫ ଟଙ୍କାକୁ ଖସି ଆସିଥିଲା। ସମୟ କ୍ରମେ ଟଙ୍କା ମୂଲ୍ୟ ତୁଳନାରେ ଡଲାର ବଢ଼ି ବଢ଼ି ଚାଲିଥିଲା। ୧୯୮୦ରେ ୭.୮୬ ଟଙ୍କା, ୧୯୯୦ରେ ୧୭.୫ ଟଙ୍କା ଏବଂ ୨୦୦୦ରେ ଏହା ୪୪.୯୪ ଟଙ୍କାରେ ପହଞ୍ଚି ଯାଇଥିଲା। ୨୦୧୦ରେ ଡଲାର ମୂଲ୍ୟ ୪୫.୭୩ ଟଙ୍କା, ୨୦୨୦ରେ ୭୬.୩୮ ଟଙ୍କା ରହିଥିଲା।

### ଏବେ ସ୍ଥିତି ଓଲଟା

ଡଲାର ତୁଳନାରେ ୬୫ରୁ ୭୦ ପର୍ଯ୍ୟନ୍ତ ପହଞ୍ଚିବାରେ ଟଙ୍କାକୁ ୧୮୧୫ ଦିନ ଲାଗିଥିଲା। ଏହା ପରେ ୭୦ରୁ ୭୫ରେ ୫୮୧ ଦିନ, ୭୫ରୁ ୮୦ ରେ ୯୧୭ ଦିନ, ୮୦ରୁ ୮୫ରେ ୮୧୯ ଦିନ, ୮୫ରୁ ୯୦ରେ ୩୪୯ ଦିନ ଏବଂ ୯୦ରୁ ୯୧ରେ ପହଞ୍ଚିବାକୁ ମାତ୍ର ୧୩ ଦିନ ଲାଗିଥିଲା।

ବିଶ୍ୱର ଶକ୍ତିଶାଳୀ ଦେଶ ଆମେରିକାର ଏହି ଡଲାରରେ ଅନେକ ଦେଶ କାରବାର କରୁଛନ୍ତି। ଗତ ୮୦ ବର୍ଷ ହେଲା ଡଲାରର ପ୍ରାଧାନ୍ୟ ରହି ଆସିଛି। ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କରେ ଥିବା ଫୋରେକ୍ସ ▶ପୃଷ୍ଠା-୭

# ଟ୍ରେନରେ ଜେନେରାଲ ଟିକଟର ପ୍ରିଣ୍ଟ ଦେଖାଇବା ଜରୁରୀ ନୁହେଁ

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଟ୍ରେନ ଯାତ୍ରାରେ ଜେନେରାଲ ଟିକଟର ପ୍ରିଣ୍ଟ ରଖିବା ଜରୁରୀ ନୁହେଁ ବୋଲି ଭାରତୀୟ ରେଳବାଇ ପକ୍ଷରୁ କୁହାଯାଇଛି। ଅନେକ ସମୟରେ ଯାତ୍ରୀ ଟିକଟର ଡିଜିଟାଲ କପି ଦେଖାଉଥିବାରୁ ଗ୍ରହଣ କରାଯାଉ ନଥିଲା। ଏବେ ଏହି ଜେନେରାଲ ଟିକଟ ତଥା ଅଣସଂରକ୍ଷିତ ଟିକଟକୁ ନେଇ ଥିବା ସଂଶୟକୁ ରେଳବାଇ ଦୂର କରିଦେଇଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ଅନରିଜର୍ଭଡ ଟିକେଟିଂ ସିଷ୍ଟମ (ୟୁଟିଏସ) ମୋବାଇଲ ଆପ୍‌ରୁ ବୁକ କରାଯାଇଥିବା ଟିକଟର ପ୍ରିଣ୍ଟଆଉଟ ନେବା ଜରୁରୀ ନୁହେଁ। ଯାତ୍ରା ସମୟରେ ଯାତ୍ରୀ ନିଜ ମୋବାଇଲ ଆପ୍‌ରୁ 'ଶୋ ଟିକଟ' ବିକଳ୍ପ ବ୍ୟବହାର କରି ଟିଟିଇଙ୍କୁ ଦେଖାଇ ପାରିବେ। ଏହା ସମ୍ପୂର୍ଣ୍ଣ ଭାବେ ବୈଧ। ଏକ ଭାଇରାଲ ଭିଡିଓ ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଏହି ଭିଡିଓରେ ଟିଟିଇ ଯାତ୍ରୀଙ୍କୁ ୟୁଟିଏସରେ ବୁକିଂ ହୋଇଥିବା ଟିକଟର ପ୍ରିଣ୍ଟ ମାଗୁଥିବା ଦେଖା ଯାଇଥିଲା। ଏହାକୁ ନେଇ ଅନେକ ଯାତ୍ରୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇଥିଲା। ତେବେ ଯଦି କୌଣସି ଯାତ୍ରୀ ୱିଣ୍ଡୋ କିମ୍ବା ଅନଲାଇନ ବୁକିଂ ପରେ ତାହାର ପ୍ରିଣ୍ଟ ବାହାର କରିନେଇଛନ୍ତି। ତେବେ ଯାତ୍ରା ସମୟରେ ଏହାକୁ ଦେଖାଇ ପାରିବେ। ଯାତ୍ରୀଙ୍କୁ ଟିକଟର ପ୍ରିଣ୍ଟ ନେବାକୁ କୁହାଯାଉଥିବା କୌଣସି ନିୟମ ନାହିଁ। ଟିଟିଇ ଟିକଟର ପ୍ରିଣ୍ଟ ମାଗିବା ଭୁଲ୍ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

### ପାଖରେ ଡିଜିଟାଲ୍ ଟିକଟ ଥିଲେ ମିଳିବ ଯାତ୍ରା ଅନୁମତି

# ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ରୀ ନିର୍ଯାତନା

■ ବାରିପଦା, ୨୦।୧୨ (ସମିସ): ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ରୀ ନିର୍ଯାତନା। ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୁଇ ଅଧ୍ୟାପକଙ୍କ ବିରୋଧରେ ପୃଥକ୍ ପୃଥକ୍ ଘଟଣାକୁ ନେଇ ଏଭଳି ସଂଗିନ୍ ଅଭିଯୋଗ ଆସିଛି। ଗୋଟିଏ ଘଟଣାରେ ୩ଜଣ ପିଜି ଛାତ୍ରୀ ଜଣେ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ ପିଜି ଛାତ୍ରୀ ନିର୍ଯାତନାର ଶିକାର ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି) ଉଭୟ ଘଟଣାର ତଦନ୍ତ କରୁଛି। ଗୋଟିଏ ଘଟଣାର ସତ୍ୟାସତ୍ୟ ଥିବା ନେଇ କମିଟି ରିପୋର୍ଟ ଦେବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି।

ସୂଚନାନୁଯାୟୀ, ସଂସ୍କୃତ ବିଭାଗର ଜଣେ ପିଜି ଛାତ୍ରୀ ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ବିଭାଗୀୟ ମୁଖ୍ୟ ନିର୍ଯାତନା ଦେଇଥିବା ନେଇ ଗତ ଅକ୍ଟୋବର ୨୫ତାରିଖରେ ସେ ଆଇସିସି ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଆଇସିସି କମିଟିର ୮ଜଣ ସଦସ୍ୟ/ସଦସ୍ୟା ତଦନ୍ତ ପୂର୍ବକ ଉଭୟଙ୍କ ବୟାନ ଓ ସମସ୍ତ ତଥ୍ୟ ପ୍ରମାଣକୁ ନେଇ ରିପୋର୍ଟ ପ୍ରଦାନ କରିଛନ୍ତି।



### ୪ ସ୍ନାତକୋତ୍ତର ଛାତ୍ରୀ ଅଧ୍ୟାପକଙ୍କ ନିର୍ଯାତନାର ଶିକାର

### ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ: କୁଳସଚିବ

କମିଟିର ଅଧକ୍ଷା ପ୍ରଫେସର୍ ସଂଘମିତ୍ରା ସାହୁ କହିଛନ୍ତି, କମିଟି ପକ୍ଷରୁ ୩୫ଦିନ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ରିପୋର୍ଟରେ ଅଭିଯୋଗର ସତ୍ୟାସତ୍ୟ ଥିବା ନେଇ ଜଣାପଡ଼ିବା ପରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ସେହିପରି ଅନ୍ୟ ଏକ ଘଟଣାରେ, ଓଡ଼ିଆ ବିଭାଗରେ ପିଜି କରୁଥିବା ଛାତ୍ରୀଙ୍କୁ ବିଭାଗୀୟ ସହକାରୀ ପ୍ରାଧାପକ ନିର୍ଯାତନା ଦେଇଥିବା ନେଇ ଗତ ୧ ତାରିଖରେ ଆଇସିସି ନିକଟରେ ଅଭିଯୋଗ ହୋଇଛି। ଅଧ୍ୟାପକଙ୍କ ବିରୋଧରେ ଜଣେ ଛାତ୍ରୀ ନିର୍ଯାତନା ଅଭିଯୋଗ ଆଣିଥିବା ବେଳେ ତାଙ୍କ ସହ ଆଉ ଦୁଇଛାତ୍ରୀ ମୁହଁ ଖୋଲିଛନ୍ତି। ଏହାକୁ ନେଇ ଆଇସିସି କମିଟିରେ ଘଟଣା ବିଚାରାଧୀନ ରହିଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ କୁଳସଚିବ ସୁମିତା ସିଂ କହିଛନ୍ତି, ସଂସ୍କୃତ ବିଭାଗରେ ଘଟିଥିବା ଘଟଣାର ଅଭିଯୋଗକୁ ନେଇ ବିଭାଗୀୟ ମୁଖ୍ୟଙ୍କୁ ସମସ୍ତ ପଦପଦବୀରୁ ଦାୟିତ୍ୱମୁକ୍ତ କରାଯାଇଛି। ଆଇସିସି ଦ୍ୱାରା ▶ପୃଷ୍ଠା-୭

### ତୈଳ କମ୍ପାନୀଙ୍କୁ ଚିଠି ଲେଖିଲା ବାଣିଜ୍ୟ ଓ ପରିବହନ ବିଭାଗ

# ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପଟ୍ରୋଲ ମନା

■ କଟକ, ୨୦।୧୨(ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ, ପେଟ୍ରୋଲ ପମ୍ପରେ ଏଣିକି ଆଉ ପେଟ୍ରୋଲ/ଡିଜେଲ ମିଳିବ ନାହିଁ। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ବାୟୁର ଗୁଣବତ୍ତାକୁ ବଜାୟ ରଖିବା ତଥା ମୋଟରଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ। ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ଏହି ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ମଧ୍ୟ ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

### ରାଜଧାନୀରେ ପାଇଲଟ୍ ପ୍ରକଳ୍ପ ଉଦ୍‌ଘାଟନକୁ ବିତିଲାଣି ୭ ମାସ

# 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା; ରାସ୍ତାକଡ଼ରେ ଶ୍ରମିକ

■ ଭୁବନେଶ୍ୱର,୨୦।୧୨(ସମିସ): ପେଟପାଟଣା ଚିନ୍ତା ରାତିର ନିଦ ହଜାଇ ଦେଉଛି। ଆଉ ରାତି ନପାହୁଣୁ କାମଟିଏ ମିଳିବ କି ନାହିଁ ତା ବି

### ସଫଳତା ମିଳିଥିଲେ ଅନ୍ୟ ଜିଲ୍ଲାକୁ ସଂପ୍ରସାରିତ ହୋଇଥା'ନ୍ତା ଯୋଜନା

ପ୍ରତିଦିନର ପ୍ରଶ୍ନବାଚୀ। ସହରର ବଡ଼ବଡ଼ିଆମାନେ ସକାଳୁ ସକାଳୁ ହାତରେ ଚା କପ୍ ଧରିଥିବା ବେଳେ ଏମାନଙ୍କ ହାତରେ ଥାଏ ସିମେଣ୍ଟ କଡ଼େଇ। ବର୍ଷା ହେଉ ଅବା ଶୀତରେ ଥରି ଥରି ରାସ୍ତା କଡ଼ରେ ମାଲିକମାନଙ୍କୁ ଅପେକ୍ଷା କରିଥାନ୍ତି ଶହଶହ ଶ୍ରମିକ। ହେଲେ ରାସ୍ତାକଡ଼ରେ ଛିଡ଼ା ହେବା ସେମାନଙ୍କ ପାଇଁ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ନିର୍ମାଣ କରାଯାଇଥିବା ପ୍ରତୀକ୍ଷା କେନ୍ଦ୍ରରେ ଝୁଲୁଛି ତାଲା। ଫଳରେ ଖରା, ବର୍ଷା, ଶୀତ ▶ପୃଷ୍ଠା-୭





# ଦାଦନଗଡ଼ରେ ଶ୍ରମିକଙ୍କ ଦୁଃଖ

### ୧୦ ମାସରେ ଗଲାଣି ୨୪ ଜୀବନ

■ ବ୍ରହ୍ମପୁର,୨୦।୧୨(ସମିସ): ଦାଦନ ଗଡ଼ କୁହାଯାଉଥିବା ଗଞ୍ଜାମ ଜିଲ୍ଲାରେ କମୁନି ଶ୍ରମିକଙ୍କ ଦୁଃଖ। ପ୍ରତିଟି ସମୟରେ ଏଠାରୁ ଯାଇ ଅନ୍ୟତ୍ର କାମ କରି ପରିବାର ପୋଷୁଥିବା ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ଯାହା ଏହି ଇଲାକାର ନିତିଦିନିଆ ଘଟଣା ହୋଇ ସାରିଲାଣି। ଦାଦନ ପ୍ରଥା ରୋକିବା ପାଇଁ ସରକାର ଅନେକ ଯୋଜନା କରୁଥିଲେ ମଧ୍ୟ ତାହା ସଠିକ ବିନିଯୋଗ ହେଉନି। ଅନ୍ୟରାଜ୍ୟକୁ ଟଙ୍କା ରୋଜଗାର ଆଶାରେ ଯାଇଥିବା ବ୍ୟକ୍ତି ନିଜ ଘରକୁ ଟଙ୍କା ପଠାଇବା ପରିବର୍ତ୍ତେ ନିଜେ ଶବ ହୋଇ ଫେରୁଛନ୍ତି। ଏଭଳି ଭାବେ ଗତ ୧୦ମାସରେ ବ୍ରହ୍ମପୁର ଶ୍ରମ ଜିଲ୍ଲରେ ମୋଟ ୨୪ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ଫେବୃୟାରୀ ମାସରୁ ବର୍ତ୍ତମାନ ସୁଦ୍ଧା ଦୁବାଇରେ ଜଣେ, କର୍ଣ୍ଣାଟକରେ ୩ଜଣ, ମହାରାଷ୍ଟ୍ରରେ ୫, ▶ପୃଷ୍ଠା-୭

### ପଞ୍ଜୀକରଣ ହୋଇ ନ ଥିବାରୁ ମିଳୁନି ସହାୟତା ରାଶି

### ସବୁ ଦାଦନ ଶ୍ରମିକଙ୍କ ମୃତ୍ୟୁର ତଥ୍ୟ ରହୁନି

## ଖୋଲା ଆକାଶ ତଳେ ରାଇରଙ୍ଗପୁର ପରିବା ବଜାର

# ହେଉନି ଉନ୍ନତୀକରଣ; ନାହିଁ ପିଣ୍ଡି କି ଗୋଦାମ ଗୃହ



- ବ୍ୟବସାୟୀ ଓ ଗ୍ରାହକଙ୍କ ଅସନ୍ତୋଷ
- ସଫେଇ ଅଭାବରୁ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ହେଉଛି ପରିବା
- ଭେଣ୍ଡିଂ ଜୋନ ନିର୍ମାଣ ଦାବି

ରାଇରଙ୍ଗପୁର, ୨୦।୧୨(ସମିସ): ପୁରାତନ ସହର ରାଇରଙ୍ଗପୁରର ଉନ୍ନତିକରଣ ନେଇ ଅନେକ ଯୋଜନା ହେଉଥିବାବେଳେ ପରିବା ବଜାର ଅବସ୍ଥାରେ ସୁଧାର ଆସୁନି। ଆଜି ବି ଖୋଲା ଆକାଶ ତଳେ ଚାଲିଛି ରାଇରଙ୍ଗପୁର ନିୟମିତ ପରିବା ବଜାର। ଅବ୍ୟବସ୍ଥା ମଧ୍ୟରେ ଉଭୟ ଗ୍ରାହକ ଓ ଦୋକାନୀ ଅସନ୍ତୁଷ୍ଟ ହୋଇ ବ୍ୟବସାୟୀ କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପରିବା ବଜାର ପରିସରର ଉନ୍ନତିକରଣ କାର୍ଯ୍ୟ ହେଉନି। ରାଇରଙ୍ଗପୁର ପୌରପାଳିକା ଅଞ୍ଚଳ ଦିନକୁ ଦିନ ପରିବ୍ୟାପ୍ତ ହେଉଥିବାବେଳେ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବାରୁ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ହେବା ନେଇ ପ୍ରସ୍ତାବ ରହିଛି। କିନ୍ତୁ ଉକ୍ତ ପରିବା ବଜାର ବର୍ଷ ବର୍ଷ ଧରି ଉନ୍ନତି ଅଭାବରୁ ଖୋଲା ଆକାଶ ତଳେ ଚାଲିଛି। ଫାଙ୍କା ସ୍ଥାନରେ ତାରପୋଲିନ ବାନ୍ଧି ଦୋକାନ କରୁଛନ୍ତି ବ୍ୟବସାୟୀ। ଦୋକାନୀଙ୍କ ନିମନ୍ତେ ନା ପିଣ୍ଡି ବ୍ୟବସ୍ଥା ଅଛି ନା ପରିବା ରଖିବା ପାଇଁ ଗୋଦାମ ଗୃହ ଅଛି। ଖୋଲା ଆକାଶ ତଳେ ଦୋକାନୀ ପରିବା ବିକୁଥିବାବେଳେ ଗ୍ରାହକ କିଣୁଛନ୍ତି।

ବଜାର ପରିସରରେ ପାନୀୟଜଳ, ଶୌଚାଳୟ, ପାର୍କିଂ ଆଦି କୌଣସି ବ୍ୟବସ୍ଥା ନାହିଁ। ଦୋକାନୀଙ୍କଠାରୁ ରାଇରଙ୍ଗପୁର ପୌରପାଳିକା ମହସୁଲ ଆଦାୟ କରୁଥିବାବେଳେ ସାଧାରଣ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛନ୍ତି। ବଜାର ପରିସରରେ ଭେଣ୍ଡିଂ ଜୋନ୍ କରି ଉନ୍ନତି କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବଜାର ପରିସର ଠିକ୍ ଭାବେ ସଫା ମଧ୍ୟ ହେଉନାହିଁ। ବଜାର କଡ଼କୁ ପଚା ପରିବା, ଚୋପା, ଅଳିଆ ଆବର୍ଜନା ଜମି ରହି ପୁତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସଫେଇ ହେଲେ ସୁଦ୍ଧା ଠିକ ଭାବେ ବ୍ଲିଚିଂ ପଡ଼ି ସଫେଇ ହେଉନି। ଯଦ୍ୱାରା ବଜାର ପରିସର ଦୁର୍ଗନ୍ଧରେ ଫାଟି ପଡୁଛି। ଅସ୍ୱାସ୍ଥ୍ୟକର ପରିବେଶରେ ପରିବା ବଜାର ଚାଲିଛି। ଏହାର ସୁଧାର କରିବା ପାଇଁ ସାଂସଦ, ବିଧାୟକ କି ନଗରପାଳ କେହି ବି ମନନିବେଶ କରୁନାହାନ୍ତି। ରାଇରଙ୍ଗପୁର ପରିବା ବଜାରକୁ ନିୟମିତ ଶହ ଶହ ପରିବା ଚାଷୀ ଆସି ବେପାର କରିବାକୁ ଆସିଥା'ନ୍ତି। ଖରା, ବର୍ଷା, ଶୀତ ସବୁଦିନ ସମାନ ଅବସ୍ଥାରେ ଖୋଲା ଆକାଶ ତଳେ ବେପାର କରନ୍ତି। ବର୍ଷାଦିନେ ଅବସ୍ଥା ଆହୁରି ଶୋଚନୀୟ ହୋଇଥାଏ। ମୁଣ୍ଡ ଉପରେ



ଛାତ ନ ଥିବାରୁ ବର୍ଷା ପଡ଼ି ପରିବା ନଷ୍ଟ ହେବା ସହ ଦୋକାନ କଡ଼ ଦେଇ ବର୍ଷା ପାଣି ପ୍ରବାହିତ ହୋଇଥାଏ। ବର୍ଷାରେ ବଜାର ପରିସର କାଦୁଅ ପଚ ପଚ ହୋଇଯିବାରୁ ଚଳପ୍ରଚଳ କରିବା ମଧ୍ୟ କଷ୍ଟକର ହୋଇଥାଏ। ଦୋକାନୀ ବହୁ କଷ୍ଟରେ ବ୍ୟବସାୟ କରିଥା'ନ୍ତି। ବଜାରର ସଙ୍କୁଚିତ ସ୍ଥାନରେ ଥିବାରୁ ଅନେକ ସମୟରେ ଜାମ ମଧ୍ୟ ହେଉଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଥିବାବେଳେ ସୁଧାର ପାଇଁ ବ୍ୟବସ୍ଥା ହେଉନାହିଁ। ପୂର୍ବରୁ ବଜାର କଡ଼କୁ ଏକ ଭେଣ୍ଡିଂ ଜୋନ ହୋଇଥିବା ନେଇ ସୂଚନା ରହିଛି। କିନ୍ତୁ ତାହା ପରିବା ଦୋକାନକୁ ଦିଆଯାଇନାହିଁ। ତେଣୁ ପୂର୍ବ ସ୍ଥାନରେ ବାଧ୍ୟ ହୋଇ ଦୋକାନୀ ପରିବା ବଜାର କରୁଛନ୍ତି। ପୌରପାଳିକା ମହସୁଲ ଆଦାୟ କରୁଥିବାବେଳେ ମୌଳିକ ସୁବିଧା ଯୋଗାଇ ଦେଉ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ସମାଧାନ ନିମନ୍ତେ ସ୍ଥାନୀୟ ଜନପ୍ରତିନିଧି ମନନିବେଶ କରି ଭେଣ୍ଡିଂ ଜୋନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ଜୟପ୍ରକାଶ ନାରାୟଣ ବିଦ୍ୟାଳୟର ବାର୍ଷିକ ଉତ୍ସବ




ମହୁଲଡିହା, ୨୦।୧୨(ସମିସ): ଠାକୁରମୁଣ୍ଡା ବ୍ଲକ ମିଟୁଆଣୀସ୍ଥ ଜୟପ୍ରକାଶ ନାରାୟଣ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦର୍ଶନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୁଞ୍ଜବିହାରୀ ପ୍ରଧାନଙ୍କ ସମେତ ଅନ୍ୟ ଅତିଥିମାନେ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରପୁର ସିଟି କଲେଜର ଉପାଧ୍ୟକ୍ଷ ନରସିଂହ ମୁର୍ମୁ, ସମ୍ମାନିତ ଅତିଥି ରୂପେ ପଡ଼ିଆବଡୋ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ, କେଶଡିହା କଷ୍ଟରର ସିଆରସିସି ବିଶେଶ୍ୱର ତରାଇ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଦାଶ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ରଶ୍ମିରେଖା ଦାଶ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ମହେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକ କ୍ରୀଡ଼ା

ବାରିପଦା, ୨୦।୧୨(ସମିସ): ସ୍ଥାନୀୟ ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ବାରିପଦା ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ବାହାରି ଷ୍ଟାଡିୟମରେ ପହଞ୍ଚିବା ପରେ ପରିଚାଳନା ସମିତି ସଭାପତି ସନ୍ଦୀପ ଆଚାର୍ଯ୍ୟ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଗିରିଜା ମହାନ୍ତି, ପରିଚାଳକ ଦେବାଶିଷ ମହାପାତ୍ର, ଶ୍ରୀସତ୍ୟସାଇ ସେବା ସଂଗଠନର ମୟୂରଭଞ୍ଜ ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁ, ଶ୍ରୀସତ୍ୟସାଇ ସେବା ସମିତି ବାରିପଦାର ଆବାହକ ମାନସ ମହାପାତ୍ର, ସମିତିର ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ପରିଚାଳନା ସମିତି ସଭାପତି ଶ୍ରୀ ଆଚାର୍ଯ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତି, ଜିଲ୍ଲା ସଭାପତି ଶ୍ରୀ ସାହୁ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟଙ୍କ ଗହଣରେ ବିଦ୍ୟାଳୟ ପତାକା ଉତ୍ତୋଳନ ହୋଇଥିଲା। କ୍ରୀନା ଛାତ୍ର ସଂଯୋଜକ ଦେବାଂଶ ମହାରଣା ଓ ଛାତ୍ରୀ ସଂଯୋଜିକା ଆଲିଶା ମହାପାତ୍ର ପ୍ରଥମେ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇବା ପରେ କ୍ରୀଡ଼ା ଉତ୍ସବର ବିଭିନ୍ନ ବିଭାଗର ପ୍ରତିଯୋଗିତା କ୍ରମାନ୍ୱୟରେ ଚାଲିଥିଲା। ଅଧ୍ୟକ୍ଷ ଶ୍ରୀ ମହାନ୍ତି କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଅଧ୍ୟୟନ ସହିତ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ କ୍ରୀଡ଼ା ସମିତିର ଦେବରଞ୍ଜନ ପରିଡ଼ା ଓ ଅଜିତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହଯୋଗରେ ସଫଳତାର ସହିତ ସମାହିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶ୍ରୀ ଆଚାର୍ଯ୍ୟଙ୍କ ଦ୍ୱାରା ମଙ୍ଗଳ ଆରତୀ କରାଯାଇ କାର୍ଯ୍ୟକ୍ରମ ଉଦଯାପନ ହୋଇଥିଲା।

## ରାଧାକୃଷ୍ଣ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

କପ୍ତିପଦା, ୨୦।୧୨(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଗୌଡ଼ଗାଁଠାରେ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରସାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଇଓ ତ୍ରିଲୋଚନ ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ପ୍ରତାପ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ଭାସ୍କର ବାରିକ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ ବେହେରା, କପ୍ତିପଦା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ବେଜ, ଅତିଥି ଭାବେ ବଳରାମ ସାହୁ, ବିପିନ ପୋଥାଳ, ଗଗନ ବିହାରୀ ପୋଥାଳ, ରଣଜିତ ସାହୁ, ଅଞ୍ଜନା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଆଶିଷ ଖିଲାର, ନିର୍ମଳ ମହାଳିକ, ପ୍ରୀତମ ସେଠୀ, ବୁଦ୍ଧିରାମ ଗିରି, ଶିକ୍ଷୟିତ୍ରୀ ଶୈଳବାଳା ନାୟକ, ଦମୟନ୍ତୀ ଲେଙ୍କା, ଆରତୀ ସାହୁ, ସୁଶ୍ରୀ ଭାଗ୍ୟଶ୍ରୀ ବେଜ, ଅମ୍ବିକା ଡାକୁଆ, ନମିତା ରାଣୀ ସେଠୀ, ରାଜଶ୍ରୀ ଖିଲାର, ଲିଲି ଜେନା, ଇପ୍ସିତା ସାହୁ, ରଶ୍ମିତା ଖିଲାର ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦାମୋଦର ଯାତ୍ରା ପ୍ରସ୍ତୁତି ବୈଠକ

କପ୍ତିପଦା, ୨୦।୧୨(ସମିସ): ଆଦିବାସୀ ପରମ୍ପରାରେ ଦାମୋଦର ଯାତ୍ରା ଏକ ପାରମ୍ପରିକ ପର୍ବ ଭାବେ ପାଳିତ ହୋଇଆସୁଛି। ଆଗାମୀ ଦାମୋଦର ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ନେଦାମଠାରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଶୃଙ୍ଖଳା ଭିତ୍ତିରେ ଏହି ଯାତ୍ରା ପାଳନ କରିବାକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାଝି ପଆର୍ଗଆନମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଜାନୁଆରୀ ୨୦ ତାରିଖରେ ଏହି ଯାତ୍ରା ଅନୁଷ୍ଠିତ ହେବ। ବର୍ଷସାରା ସାଇତି ରଖିଥିବା ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ କରିବାକୁ ଏହି ଦିନଟି ଧାର୍ଯ୍ୟ ହୋଇଥାଏ। ଏ ବର୍ଷ ସମସ୍ତ ମୁଖିଆ ଏକତ୍ରିତ ହୋଇ ଯିବାକୁ ବୈଠକରେ ସିଦ୍ଧାନ୍ତ ହୋଇଥିଲା। ବୈଠକକୁ ରମେଶ ହାଁସଦା (ମୂଳକୁ ପଆର୍ଗଆନ), ବାଜୁନ ହାଁସଦା (ମୁକାମ ପାର୍ଗନ୍ନା), ଦୁର୍ଗାଚରଣ ମାରଡି (ଉଦଳା ମୂଳକୁ ପାର୍ଗାନ୍ନା) ପରିଚାଳନା କରିଥିଲେ।

## କେରଳା ପବ୍ଲିକ ସ୍କୁଲରେ ସଙ୍ଗୀତଜ୍ଞଙ୍କୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର, ୨୦।୧୨(ସମିସ): ସ୍ଥାନୀୟ କେରଳା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଅବସରରେ ସଙ୍ଗୀତ ପରିବେଷଣ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଲୋକ ଉତ୍ସବ ଛଟ ପର୍ବର ଏକ ସାଂସ୍କୃତିକ ସଙ୍ଗୀତ ପରିବେଷଣ ରାଇରଙ୍ଗପୁର ସହରରେ ଚର୍ଚ୍ଚିତ ହୋଇଛି। ହିନ୍ଦୀ ଓ ବିହାରି ସମ୍ପ୍ରଦାୟର ଲୋକେ ଉକ୍ତ ଭିଡିଓକୁ ବାରମ୍ବାର ଦେଖୁଛନ୍ତି। ଏହାର ସଙ୍ଗୀତଜ୍ଞଙ୍କୁ ଛଟ ପର୍ବ ସାମାଜିକ ଓ ସାଂସ୍କୃତିକ ଟ୍ରଷ୍ଟ ସଭାପତି ବିଜୟ ରାମ ଓ ବିହାରୀ ଏକତା ସଂଘ ସଭାପତି ଲାଲବାବୁ ସାଓଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଛି। କେରଳା ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଗୀତାଞ୍ଜଳି ତ୍ରିପାଠୀ, ସାଂସ୍କୃତିକ ସଂଯୋଜକ ସନ୍ତୋଷୀ ରାମଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ନୃତ୍ୟ ନିର୍ଦ୍ଦେଶିକା ନିକି ମିସଙ୍କୁ ଅନୁପସ୍ଥିତିରେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏଥିସହିତ ପ୍ରତିଭା ପରିବେଷକଙ୍କୁ ଚକଲେଟ ଦେଇ ଉତ୍ସାହିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବଧେଶ ମିଶ୍ର, ରାଜେଶ ପ୍ରଜାପତି, ବିନୋଦ ଦାସ, କିଶୋର ରଜକ, ମୟୁର ଗୁପ୍ତା, ଛୋଟୁ ଯାଦବ, ବୈଦ୍ୟନାଥ ସାଓ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନାମୁହିଁ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାରିପଦା, ୨୦।୧୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ନଂ ୱାର୍ଡସ୍ଥ ସୁନାମୁହିଁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଆରସିସି ତପସ୍ୱିନୀ ଦାଶ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରଜମୋହନ ମୁର୍ମୁ, ସିଆରସିସି କନକଲତା ମାଝୀ, ବାରିପଦା ବ୍ଲକ ଶିକ୍ଷକ ସଙ୍ଘ ସଭାପତି ପ୍ରଦୀପ ନାଥ, ସମ୍ପାଦକ ସିଦ୍ଧେଶ୍ୱର ମିଶ୍ରଙ୍କ ସମେତ ବରିଷ୍ଠ ଶିକ୍ଷକ ତଥା ଶିକ୍ଷକ ନେତା ସୋମନାଥ ସିଂହ, ସୁଶୀଲ ପଣ୍ଡା, ଗୌରଗୋପାଳ ଲେଙ୍କା, ସପନ ବେହେରା, ପ୍ରଦୀପ ଦେ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ମିନତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ସୁବୋଧ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ଶ୍ରେଷ୍ଠ ଛାତ୍ରୀ ଭାବେ ପ୍ରିୟଙ୍କା ସାହୁ, ଶ୍ରେଷ୍ଠ ଖେଳାଳି ଭାବେ ଶ୍ରାବଣୀ ସିଂ ଓ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ଭାବେ ନିଲି ରାଉତ ପୁରସ୍କୃତ ହୋଇଥିଲେ। ତତସହିତ ୧୦୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାମିନା ଘୋଷ ଓ ସୁଜାତା ଦ୍ୱାରୀ, ପରିଚାଳନା କମିଟି ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଖୁଣ୍ଟା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

କୁଆମରା, ୨୦।୧୨(ସମିସ): ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ଉଚ୍ଚବିଦ୍ୟାଳୟର ୬୪ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର ଉଦଘାଟନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ୩୩ଟି ବିଭାଗ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ସୁକେନ୍ଦୁ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାକୁ ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ପ୍ରଦୀପ ପାଣିଗ୍ରାହୀ, ଦୀପାଞ୍ଜଳି ଉପାଧ୍ୟାୟ, ଅଞ୍ଜଳି ବେହେରା, ଅମୂଲ୍ୟ ବିନ୍ଧାଣୀ, ଉମାଶଙ୍କର ଚକ୍ରବର୍ତ୍ତୀ, ପଦ୍ମିନୀ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ବାଳକ କନିଷ୍ଠ ବିଭାଗରେ ନବୀନ ମହାପାତ୍ର, ବାଳିକା ବିଭାଗରେ ସାକର ହେମ୍ବ୍ରମ, ବରିଷ୍ଠ ବାଳକ ବିଭାଗରେ ଶ୍ୟାମସୁନ୍ଦର ମାଝୀ, ବାଳିକା ବିଭାଗରେ ରାନୀ ଦଳେଇ ଚାମ୍ପିଅନ୍ ହୋଇଥିଲେ। ଏମାନଙ୍କ ବ୍ୟତୀତ ୧୦୭ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର ବିବରଣୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଦୀପ ମିଶ୍ର, ମୁଖ୍ୟବକ୍ତା ବିଆରସିସି କୁଳମଣି ନାଏକ, ସମ୍ମାନିତ ଅତିଥି ଜାତୀୟ ସ୍ତର ଫୁଟବଲ ଖେଳାଳି ମାସଙ୍ଗ ମାରାଣ୍ଡି, ସିଆରସିସି ଯତୀନ୍ଦ୍ର ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନମୋହନ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଅମୂଲ୍ୟ ବିନ୍ଧାଣୀ ଓ ସୁକେନ୍ଦୁ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିକ୍ଷା ସମ୍ପର୍କିତ କର୍ମଶାଳା

ଶରତ/କପ୍ତିପଦା, ୨୦।୧୨(ସମିସ): କପ୍ତିପଦା ବ୍ଲକ ମିଶନ ଶକ୍ତି ସଭାଗୃହରେ ସ୍ୱେଚ୍ଛାସେବୀ ସଂଗଠନ ଶିକ୍ଷା ସନ୍ଧାନ ଆନୁକୂଲ୍ୟରେ ଶିକ୍ଷା ସମ୍ପର୍କିତ ସମନ୍ୱୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସନ୍ଧାନର କାର୍ଯ୍ୟକ୍ରମ ସଂଯୋଜକ ଅମର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରକଳ୍ପ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ରାଣୀପୋଖରୀ ପଞ୍ଚାୟତରେ ଜନ୍ମରୁ ୧୮ ବର୍ଷର ଶିଶୁଙ୍କ ସ୍ଥିତି, ଶିକ୍ଷାର ବିକାଶ ଓ ସରକାରୀ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲେ। ଏଥି ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ରାଣୀପୋଖରୀ ପଞ୍ଚାୟତର ସମିତିସଭ୍ୟା ସୁରୁ ସିଂ, ମହିଳା ସୁପରଭାଇଜର ଶକୁନ୍ତଳା ଦାଶ, ମିଶନ ଶକ୍ତି ବିପିସି ରତିକାନ୍ତ ମିଶ୍ର, ପ୍ଲାନ ଇଣ୍ଡିଆର ଜିଲ୍ଲା ସଂଯୋଜକ ବିପିନ ମହାନନ୍ଦ, ଶିଶୁ ବିକାଶ କର୍ମୀ ଆଶିଷ ମଲ୍ଲିକ, ଅଗ୍ରଣୀର ସଂଯୋଜକ ହେମନ୍ତ ସାହୁ, କ୍ଷେତ୍ର ସଂଯୋଜକ ଲକ୍ଷଣିଆ ସିଂ, ସୁଜାତାମଣି ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଅଧିକାର ଆଇନ, ପାଠପଢ଼ାରେ ଆଧାର ପଞ୍ଜିକରଣ, ଜନ୍ମ ପଞ୍ଜିକରଣ ସମସ୍ୟା, ପ୍ରାରମ୍ଭିକ ଶୈଶବ ଶିକ୍ଷା, ବାଲ୍ୟବିବାହ, ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦୀର୍ଘ ଦିନର ଅନୁପସ୍ଥିତିର କାରଣ ଖୋଜି ତାହାର ସମାଧାନ ନିମନ୍ତେ ଅଧିକାରୀଙ୍କ ଗୋଚରରେ ଆଣିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପିତାମାତା, ଅଭିଭାବକ, ଲୋକ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ଶିକ୍ଷାବିତ, ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ଶିଶୁ ବିକାଶ ପ୍ରତିନିଧି ଓ ମିଶନ ଶକ୍ତିର ସଦସ୍ୟା ପ୍ରମୁଖ ଯୋଗଦେଇ ସୁନିଶ୍ଚିତ ମତାମତ ଦେଇଥିଲେ। ସଂଯୋଜକ ଭଗବାନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବଙ୍କ ଠାକୁରମୁଣ୍ଡା ଗସ୍ତ

ମହୁଲଡିହା, ୨୦।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଅଚାନକ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଗସ୍ତରେ ଆସିଛନ୍ତି। ଡାକ୍ତରଖାନାରେ ନିର୍ମାଣାଧୀନ ଉନ୍ନୟନ ପ୍ରକଳ୍ପର ତଦାରଖ କରିବା ସହିତ ଚିକିତ୍ସାଳୟର ସମସ୍ୟା ପଚାରି ବୁଝିଥିଲେ ପ୍ରମୁଖ ସଚିବ ଶୋଭା ଶର୍ମା। ପ୍ରଥମେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ (ପ୍ରିନ୍ସପାଲ ସେକ୍ରେଟାରୀ) ଶୋଭା ଶର୍ମା ଚିକିତ୍ସାଳୟର ଆଉଟ୍‌ଡୋର୍, ଲେବର ରୁମ୍, ଇନଡୋର, ନୂତନ ଭାବେ ନିର୍ମାଣ ହେଉଥିବା ବିଲଡିଂ ବୁଲି ଦେଖିଥିଲେ। ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ଚିତ୍ତରଞ୍ଜନ ନାଏକଙ୍କୁ ଚିକିତ୍ସାଳୟର ସମସ୍ୟା ପଚାରି ବୁଝିଥିଲେ। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ସିଡିଏମଓ କେସି ଆଚାର୍ଯ୍ୟ, ଡିପିଏମ ଅନୀଲ କୁମାର ମହାନ୍ତି, ବିଡିଓ ସ୍ୱପ୍ନେଶ୍ୱର ବେହେରା, ସିଡିପିଓ ପ୍ରେମଲତା ସେଠୀ, ଗୋଷ୍ଠୀ ଶିକ୍ଷାଧିକାରୀ କୁଞ୍ଜବିହାରୀ ପ୍ରଧାନ, ବିପିଏମ ସତ୍ୟବ୍ରତ ଦାସ ପ୍ରମୁଖ ଶାସନ ସଚିବଙ୍କ ପରିଦର୍ଶନ କାଳରେ ଉପସ୍ଥିତ ଥିଲେ। ଶେଷରେ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଏହି ଗସ୍ତ କାଳରେ ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ।




## ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ସାନକେରକୋ ବିଦ୍ୟାଳୟର କୃତିତ୍ୱ

ବଡ଼ସାହି, ୨୦।୧୨(ସମିସ): ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ସାନକେରକୋ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ମହାନ୍ତ ସବୁଜ ଶକ୍ତି ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପ୍ରକଳ୍ପକୁ ବିଜ୍ଞାନ ଶିକ୍ଷକ ଅନୀଲ କୁମାର ମହାପାତ୍ର ମାର୍ଗଦର୍ଶନ ଦେଇଛନ୍ତି। ଆଧୁନିକ ଯୁଗରେ ପେଟ୍ରୋଲ ଓ ଡିଜେଲର ବ୍ୟବହାରକୁ କିପରି କମ୍ କରି ହେବ, ତାହା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ମୁର୍ମୁ ଓ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଛାତ୍ରୀ ଜିଜ୍ଞାସାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ୨୨ ଓ ୨୩ ତାରିଖରେ କରଞ୍ଜିଆ ସରକାରୀ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଭଲ ପ୍ରଦର୍ଶନ କରିବା ନିମନ୍ତେ ଆଶା ରଖିଛନ୍ତି।

## ଲେଡି ହେମିଲଟନ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୨୦।୧୨(ସମିସ): ସ୍ଥାନୀୟ ଲେଡି ହେମିଲଟନ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ମୀନାରାଣୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ବିଶିଷ୍ଟ ଅତିଥି ରୂପେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନ ସହ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା କଲେଜ, ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, ହାଇକୋର୍ଟ ଆଦି ସ୍ଥାପନରେ ମୟୁରଭଞ୍ଜର ଅବଦାନକୁ ସ୍ମରଣ କରିବା ସହିତ ସଦାସର୍ବଦା ମୟୂରଭଞ୍ଜର ଇତିହାସକୁ ମନେ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଛାତ୍ରଛାତ୍ରୀଙ୍କୁ ଏକାଗ୍ରତା ରଖି ନିଜର ଜୀବନ ପଥରେ ଆଗେଇବାକୁ କହିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ଦୀପ ଚାନ୍ଦ ଯୋଗଦେଇ ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ଏପିଜେ ଅବଦୁଲ କାଲାମଙ୍କ ସଂଘର୍ଷ କାହାଣୀ ବର୍ଣ୍ଣନା କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ନିମନ୍ତ୍ରିତ ଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଗଣେଶ ଓ ସରସ୍ୱତୀଙ୍କ ମୁଗୁନି ନିର୍ମିତ ମୂର୍ତ୍ତିର ଉନ୍ମୋଚନ ଓ ମାଲ୍ୟାର୍ପଣ ହୋଇଥିଲା। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଅନୁପମା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସିଲିସ୍ୱପ୍ନା ପଟ୍ଟନାୟକ, ମେରିନା ଦାସ ଓ ଧରିତ୍ରୀ ମହାନ୍ତଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଦୀପକ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଇରଙ୍ଗପୁରରେ ଖସୁଛି ପାରଦ

# ସକାଳୁ ବଢୁଛି କୁହୁଡ଼ି, ଜନଜୀବନ ଅସ୍ତବ୍ୟସ୍ତ

ରାଇରଙ୍ଗପୁର, ୨୦।୧୨(ସମିସ): ପାରଦ ନିମ୍ନଗାମୀ ହେବା ସହ ରାଇରଙ୍ଗପୁରରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ଯାହାକୁ ନେଇ ଶନିବାର ସକାଳରେ କୁହୁଡ଼ି ମାତ୍ରା ଅନେକ ବୃଦ୍ଧି ପାଇ ସହର ସାରା କୁହୁଡିରେ ଆଚ୍ଛାଦିତ ହୋଇଯାଇଥିଲା। ଘନ କୁହୁଡ଼ି ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ପ୍ରବଳ ଶୀତ ଅନୁଭବ ସହ ଘନ କୁହୁଡି ପରିଲକ୍ଷିତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ମଧ୍ୟ ପ୍ରଦାନ କରାଯାଇଛି।

ଗତ ୨/୩ଦିନ ହେବ କୁହୁଡି ବଢ଼ୁଥିବାବେଳେ ଶନିବାର ଅଧିକ ମାତ୍ରା ରହିଥିଲା। ରାଇରଙ୍ଗପୁର ସମେତ ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକ୍ରୁଳି ଆଦି ଅଞ୍ଚଳରେ ମଧ ତାପମାତ୍ରା ନିମ୍ନଗାମୀ ରହିଛି। ଶୀତ ପ୍ରକୋପରେ ବାମନଘାଟି ଓ ପାଞ୍ଚପିଡ଼ ଉପଖଣ୍ଡ ଥରୁଛି। ଶିମିଳିପାଳ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀକୁ ଛୁଇଁଛି। ରାଇରଙ୍ଗପୁର ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ପାଖାପାଖି ଛୁଇଁଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ବସି ରହୁଥିବା ଦେଖିବାକୁ ମିଳିଛି। ଶୀତ ଯୋଗୁଁ ରାସ୍ତାଘାଟ, ବଜାର ଆଦି ଜନଶୂନ୍ୟ ହୋଇପଡ଼ିଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ ଘନ କୁହୁଡି ପରିଲକ୍ଷିତ ହୋଇଥିଲା। ବହୁ ସମୟ ଧରି ଘନ କୁହୁଡ଼ି ବଳୟ ରହିବା ଯୋଗୁଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। କୁହୁଡ଼ି ଯୋଗୁଁ ରାସ୍ତାଘାଟ ଦୃଶ୍ୟମାନ ନ ହେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ସବୁଠୁ ଅଧିକ ପ୍ରଭାବିତ ହେଉଥିବାର ପରିଲକ୍ଷିତ ହୋଇଛି। କୁହୁଡି ଯୋଗୁଁ ଦୁର୍ଘଟଣା ହେବାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି।



## ଚାନ୍ଦୁଆ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ବୀମା ଯୋଜନା କାର୍ଯ୍ୟକ୍ରମ

**କୁଳିଅଣା, ୨୦।୧୨(ସମିସ):** କୁଳିଅଣା ବ୍ଲକ ଅଧୀନ ଚାନ୍ଦୁଆ ପଂଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ବୀମା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁଳିଅଣା-ଚାନ୍ଦୁଆଠାରେ ପଂଜାବ ନ୍ୟାସନାଲ ବ୍ୟାଙ୍କ ତରଫର ଶାଖା ପରିଚାଳକ ସୁର୍ଦଶନ ଗାଙ୍ଗରାଇ ଯୋଗଦେଇ ବୀମା ଯୋଜନାରେ ଲୋକମାନେ ସାମିଲ ହେଲେ ଲାଭ ପାଇପାରିବେ ବୋଲି କହିଥିଲେ। ଏଥିରେ ଫିଲଡ଼୍ ଅଫିସର ପିନାକୀ ମହାନ୍ତ, ରାଜକିଶୋର ସରେନ, ତ୍ରିଲୋଚନ ହୋ, ଚାନ୍ଦୁଆ ଗ୍ରାମମିତ୍ର ରତିକାନ୍ତ ବେହେରା, ସାଲଖୁ ଦୟାଲ ମୁର୍ମୁ, ମିଘାନ ମୁର୍ମୁ, ଅକ୍ଷୟ ଧୀର, ବ୍ୟାଙ୍କମିତ୍ର ଝରଣା ସିଂ ଉପସ୍ଥିତ ଥିଲେ। ପଂଜାବ ନ୍ୟାସନାଲ ବ୍ୟାଙ୍କ ଜୀବନ ବୀମା ଅଧିକାରୀ ଦୀପକ କୁମାର ବେହେରା ଉପସ୍ଥିତ ଥିଲେ। ଏ ଅବସରରେ ବ୍ୟାଙ୍କ ପକ୍ଷରୁ ମହିଳା ବୀମା ହିତାଧିକାରୀ ବୁଦ୍ଧୁନି ମୁର୍ମୁଙ୍କୁ ୨ ଲକ୍ଷ ଟଙ୍କା ଚେକ୍ ପରିଚାଳକ ପ୍ରଦାନ କରିଥିଲେ। ସମସ୍ତ ପାସବୁକ ଖୋଲିଥିବା ସଞ୍ଚୟ ଖାତାରେ ପ୍ରଧାନମନ୍ତ୍ରୀ ବୀମା ଯୋଜନା ଫାଇଦା ଉଠାଇପାରିବେ ବୋଲି କହିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ବାରିପଦା, ୨୦।୧୨(ସମିସ):** ସ୍ଥାନୀୟ ଲକ୍ଷ୍ମୀପୋଷିସ୍ଥ ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ୧୯୯୨ ଏମପିସି କମର୍ସ ୱେଲଫେୟାର ସୋସାଇଟି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସୋସାଇଟିର ସମାଜ ମଙ୍ଗଳ ଅଧିକାରୀ ସଞ୍ଜୀବ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଦାଶଙ୍କ



ପୌରୋହିତ୍ୟରେ ସଭା ଆୟୋଜିତ ହୋଇଥିଲା। ସୋସାଇଟି ପକ୍ଷରୁ ଲୋକ ସମ୍ପର୍କ ଅଧିକାରୀ ସୁଜିତ ଭଞ୍ଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତି ଅମୀୟ ଦଲେଇ ଛାତ୍ରଛାତ୍ରୀଙ୍କୁ ମନୋବଳ ଦୃଢ଼ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ସଂଯୋଜକ ଗୌତମ ରାୟ ଭିନ୍ନ ଭିନ୍ନ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ପିଲାଙ୍କୁ ଉତ୍ସାହିତ କରିଥିଲେ। ପରେ ସୋସାଇଟି ପକ୍ଷରୁ ପ୍ରତ୍ୟେକ ପିଲାଙ୍କୁ କମ୍ବଳ ଇତ୍ୟାଦି ଶୀତବସ୍ତ୍ର ବଣ୍ଟନ ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ପକ୍ଷରୁ ଦିନେଶ ସାହୁ ଓ ସୋସାଇଟି ପକ୍ଷରୁ ଉପସଭାପତି ଅଶୋକ ଦାସ, କୋଷାଧ୍ୟକ୍ଷ ସୁଦୀପ ଦାସ, କାର୍ତ୍ତିକ ଦାସ, ଦୀପକ ମିଶ୍ର, ଜ୍ୟୋତିଶଙ୍କର ପଲେଇ ଓ ଗିରିଜା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସମ୍ପାଦକ ଅମ୍ବିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ମୋରଡ଼ା, ୨୦।୧୨(ସମିସ):** ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ପୀଥନାଥ ସରେନ, ସମ୍ମାନିତ ଅତିଥି ଭାବେ ବିଇଓ ବିଜୟ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ନଳଗଜା ମହାବିଦ୍ୟାଳୟ ଅଧ୍ୟାପକ ଅବନୀକାନ୍ତ ଗିରି, ଚିତ୍ରଡା କଲେଜ ଅଧ୍ୟାପିକା ଅର୍ଚ୍ଚନା ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ରାଣୀଭୋଳ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ସାହୁ ଯୋଗ ଦେଇଥିଲେ। ବିଇଓ ବିଜୟ ପାଣିଗ୍ରାହୀ ବିଦ୍ୟାଳୟରେ ନାଇଟ ୱାଚ୍‌ମ୍ୟାନ ଓ ୱାର୍ଡୱେନ ନିଯୁକ୍ତି, ସ୍କାଉଟ ଗାଇଡ଼ କିପରି ଖୋଲାଯାଇପାରିବ ସେ ସମ୍ପର୍କରେ ପ୍ରକାଶ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ବାଳିକାଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସଚିସୁଭାଙ୍ଗି ବେହେରା ଓ ବାଳକଙ୍କ ମଧ୍ୟରେ ଅଙ୍କିତ ବେହେରାକୁ ପୁରସ୍କୃତ କରାଯାଇଥିଲା। ସର୍ବାଧିକ ପୁରସ୍କାର ପାଇଥିବା ନବମ ଶ୍ରେଣୀର ପ୍ରଭୁପଦ ନାୟକ ଚାମ୍ପିଅନ ହୋଇଥିଲେ। ବିଦ୍ୟାଳୟର ସମ୍ମାନଜନକ ପୁରସ୍କାର ଅରୁନ୍ଧତୀ ଅପରାଜିତା ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ କମ୍ବଳ ବଣ୍ଟନ


**ବଡ଼ସାହି, ୨୦।୧୨(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ବଡ଼ସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ ବୈଠକରେ ସଭାପତି ରଣଜିତ ଦାସ ସଭାପତିତ୍ୱ କରିଥିଲେ। ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ସଂଘର ଉପଦେଷ୍ଟା ସନ୍ତୋଷ ବେହେରା, ଉପଦେଷ୍ଟା ତଥା ରାଜ୍ୟ ମହାସଂଘର ଜୋନାଲ ସଂଗଠନ ସମ୍ପାଦକ ରାଜେନ୍ଦ୍ର ଜେନା, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ, ଅସହାୟ, ରୋଗୀ ଓ ଗରିବ ଲୋକଙ୍କ ମଧ୍ୟରେ ଈଶ୍ୱର ବିଦ୍ୟମାନ ଥାଆନ୍ତି ବୋଲି କହିବା ସହ ସେମାନଙ୍କୁ ଆପଣେଇ ନେଇ ସହାନୁଭୂତିର ହାତ ବଢ଼ାଇଲେ ଭଗବାନ ସମସ୍ତଙ୍କର ମଙ୍ଗଳ କରନ୍ତି ବୋଲି ମତବ୍ୟକ୍ତ କରିଥିଲେ। ପରେ ବଡସାହି ଡାକ୍ତରଖାନାରେ ସମସ୍ତ ରୋଗୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ରାଜେନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବସନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମୃତ୍ୟୁକୁ ଡାକୁଛି ବାଲି ମିଶା ପିଇବା ପାଣି

# ପାଇପ୍ ପାଣିରେ ଧଳା ରଙ୍ଗର ଫ୍ଲୋରାଇଡ୍

ବାରିପଦା, ୧୮।୧୨(ସମିସ)

ମୟୂରଭଞ୍ଜବାସୀଙ୍କୁ ପ୍ରତିଦିନ ପାନୀୟଜଳରେ ବିଷ ବାଣ୍ଟୁଛନ୍ତି ସରକାର। ୱାଟ୍‌କୋ ଓ ପିଏଚ୍‌ଡି ମାଧ୍ୟମରେ ପାନୀୟଜଳ ଯୋଗାଣ ହେଉଥିଲେ ସ୍ଲୋ ପଏଜନ୍ ଦେଇ ଲୋକଙ୍କୁ ଅକର୍ମଣ୍ୟ କରିବାକୁ ଯୋଜନା ଚାଲିଛି। ସୁଦ୍ଧ ପାନୀୟଜଳ ଯୋଗାଣରେ କେତେକ ଅଞ୍ଚଳରେ ଫ୍ଲୋରାଇଡ୍ ସ୍ତର ୨୦.୩ ଏମ୍‌ଜି/ଲିଟର ପର୍ଯ୍ୟନ୍ତ ପହଞ୍ଚିଛି। ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଗଠନ ଏବଂ ବିଆଇଏସ୍‌ର ସୁରକ୍ଷିତ ସୀମା ୧.୫ ଏମ୍‌ଜି/ଲିଟରକୁ ବହୁତ ଉପରେ ରହିଛି। ମୟୂରଭଞ୍ଜ ଜିଲ୍ଲାର ପାନୀୟଜଳରେ ଶକ୍ତିଶାଳୀ ଫ୍ଲୋରାଇଡ୍ ଯୋଗୁଁ ଦାନ୍ତରୋଗ, ହାଡ଼ କ୍ଷୟ ସହ ବିଶେଷକରି ପିଲାମାନଙ୍କ ଦାନ୍ତର ରଙ୍ଗ ବଦଳିଯିବା, ଅସମୟରେ ଦାନ୍ତ ଭାଙ୍ଗିବା, ଦାନ୍ତରେ ପୀଡ଼ା ହେବା ଆଦି ରୋଗ ଦେଖିବାକୁ ମିଳୁଛି। ସେହିପରି ଯେତେବେଳେ ଦୀର୍ଘଦିନ ଧରି ଏହାର ସଂସ୍ପର୍ଶରେ ରହିବା ଯୋଗୁଁ ବୟସ୍କ ଲୋକଙ୍କ ମଧ୍ୟରେ ଗଣ୍ଠି ଯନ୍ତ୍ରଣା, ହାଡ଼ରେ ହଠାତ୍ ବିକୃତି, ସ୍ନାୟୁ ସମ୍ବନ୍ଧୀୟ ରୋଗ ଦେଖାଯାଉଛି। ଖାଲି ସେତିକି ନୁହେଁ ବାରିପଦା ସହରରେ ବାଲିଯୁକ୍ତ ପାନୀୟଜଳ ଓ ଅଭ୍ରଯୁକ୍ତ ପାଣି ଦେଇ ସହରବାସୀଙ୍କୁ ଅକର୍ମଣ୍ୟ କରିବାକୁ ପ୍ରୟାସ ଚାଲିଛି। ଜିଲ୍ଲାର ୨୬ଟି ବ୍ଲକରୁ କପ୍ତିପଦା, ଠାକୁରମୁଣ୍ଡା, ରରୁଆଁ ଓ



ବାରିପଦା ସହର ସହ ସଦର ଅଞ୍ଚଳରେ ଏହି ଫ୍ଲୋରାଇଡ୍ ଅଂଶ ଏତେ ଏଧିକ ଯେ, ନୂଆକରି ଘରୋଇ କ୍ଷେତ୍ରରେ ଲାଗିଥିବା ୱାଟର୍ ପ୍ୟୁରିଫାୟର ଦୁଇ ମାସରେ ଖରାପ ହୋଇଯାଉଥିବା ଦେଖିବାକୁ ମିଳିଛି। ତେବେ ପ୍ରଦୂଷଣ ମୁଖ୍ୟତଃ ଫ୍ଲୋରାଇଡ୍, ଆପାଟାଇଟ୍, ମାଇକା ପରି ଫ୍ଲୋରାଇଡ୍‌ଯୁକ୍ତ ଖଣିଜ ପଦାର୍ଥର ପ୍ରାକୃତିକ ବିଘଟନ ଏବଂ ଗଭୀର ବୋର୍‌ୱେଲ ଜଳର ଅତ୍ୟଧିକ ଉତ୍ତୋଳନ ଯୋଗୁଁ ହେଉଥିବା ଅନୁମାନ କରାଯାଉଛି। ଅତ୍ୟଧିକ ଫ୍ଲୋରାଇଡ୍‌ଯୁକ୍ତ ପାନୀୟଜଳ ଗ୍ରହଣ ଯୋଗୁଁ ପ୍ରଭାବିତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଛି। ଯେଉଁଥିରେ ଦନ୍ତ ଏବଂ ଅସ୍ଥିର ଫ୍ଲୋରୋସିସ୍‌ର ଅନେକ ରୋଗ ଦେଖାଯାଉଛି।

> ▶▶ ବାରିପଦା ସହରବାସୀଙ୍କ ପାଇଁ ହାଇଆଲର୍ଟ
>
> ▶▶ ପ୍ରତିଦିନ ସ୍ଲୋ-ପଏଜନ ଭାବେ ପିଉଛନ୍ତି ଲୋକେ

ଭଞ୍ଜସେନ। ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି, ଅଧିକାଂଶ ଗ୍ରାମବାସୀ ଜାଣନ୍ତି ନାହିଁ ଯେ, ସେମାନଙ୍କର ପିଇବା ପାଣି ବିଷାକ୍ତ ବୋଲି। ଆମେ ସରକାରଙ୍କୁ ଡିଫ୍ଲୁଓରିଡେସନ୍ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଏବଂ ପ୍ରତ୍ୟେକ ଘରକୁ ନିରାପଦ ପିଇବା ପାଣି ଯୋଗାଇବାକୁ ଅନୁରୋଧ କରୁଛୁ। ବାରିପଦାରେ ବାଲିଯୁକ୍ତ ପାନୀୟଜଳ ଫ୍ଲୋରାଇଡ୍ ସଙ୍କଟକୁ ବଢ଼ାଉଛି। ଏଥିପାଇଁ ତ୍ୱରିତ ହସ୍ତକ୍ଷେପ ଏବଂ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି। ୱାଟ୍‌କୋର ନିରାପଦ ପିଇବା ପାଣି ସମାଧାନ କାର୍ଯ୍ୟାନ୍ୱିତ କରିବାର ପଦକ୍ଷେପ ନେବା ଉଚିତ୍। ଏହି ବାଲିଯୁକ୍ତ ପାନୀୟଜଳ ଯୋଗାଣ ଅପେକ୍ଷା ଭଲ ଜଳ ଯୋଗାଣ ପାଇଁ ଏକ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି। ଭୂଗର୍ଭ ଜଳ ଉତ୍ତୋଳନ ନିୟନ୍ତ୍ରଣ ଫ୍ଲୋରାଇଡ୍ ପ୍ରଦୂଷଣ ଖରାପ ହେବାକୁ ରୋକିବା ଉଚିତ୍। ବୃହତ୍ ପରିମାଣର ଜଳ ଶୁଦ୍ଧିକରଣ ପ୍ଲାଣ୍ଟ୍ ନିରାପଦ ପିଇବା ପାଣି ପ୍ରବେଶ ନିଶ୍ଚିତ କରିବା ଦରକାର। ପ୍ରଭାବିତ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ଆବଶ୍ୟକ ବୋଲି ସେ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି, ଆମେ ବହୁ ଲୋକଙ୍କର ଅସ୍ଥି କ୍ଷୟ ସହ ଦାନ୍ତରେ ଫ୍ଲୋରୋସିସ୍‌ରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ବଢ଼ୁଥିବା ଲକ୍ଷ୍ୟ କରୁଛି। ଅନେକ ବୟସ୍କ ଲୋକଙ୍କ ଚାଲିବାରେ ଅସୁବିଧା ହେଉଛି। ଯୁବକ ବୟସରେ ଭାଙ୍ଗୁଥିବା ହାଡ଼ରେ ଯୋଡ଼ିବା ସମସ୍ୟା ହେଉଥିବା ଦେଖିବାକୁ ପାଉଛୁ ବୋଲି ସେ କହିଛନ୍ତି। ୱାଟ୍‌କୋର ସାଧାରଣ ପରିଚାଳକ ଧ୍ରୁବ ସେଠୀ କହିଛନ୍ତି ଯେ କେଉଁ ଅଞ୍ଚଳରେ ପାନୀୟଜଳରେ ବାଲି ଆସୁଛି ତାହାର ଏକ ରିପୋର୍ଟ ଆମେ ପ୍ରସ୍ତୁତ କରୁଛୁ। ଖୁବ୍‌ଶୀଘ୍ର ଏନେଇ ସୁଚିନ୍ତିତ ବ୍ୟବସ୍ଥା ଗ୍ରହଣ କରିବାକୁ ବୋଲି ସେ କହିଛନ୍ତି।

### ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବାରିପଦା ଓ ଘାଟଶିଳା ଫାଇନାଲକୁ ଉନ୍ନୀତ

**ବାରିପଦା, ୨୦।୧୨(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବିସିଏ, ବାରିପଦା ୫ ରନରେ ଡିଆରକେ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବିସିଏ ୧୫ ଓଭରରେ ୫ ୱିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବ ବର୍ମା ୫୧ ଓ ଅଭିଷେକ ଶର୍ମା ୩୩ ରନ କରିଥିବାବେଳେ ବିପକ୍ଷ ଦଳର ରାଜୀବ ଶଙ୍କର ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଡିଆରକେ ୧୫ ଓଭରରେ ୫ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ରାଜୀବ ଶଙ୍କର ୪୫ ଓ ନିର୍ମାଲ୍ୟ ନନ୍ଦ ୨୭ ରନ କରିଥିବାବେଳେ ବିପକ୍ଷ ଦଳର ଅଭିଷେକ ଶର୍ମା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦେବ ବର୍ମା ମ୍ୟାନ ଅଫ ଦି




ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ସେମିଫାଇନାଲରେ ସିଏଜି, ଘାଟଶିଳା ୧୦ ୱିକେଟ୍‌ରେ ବିସିଏ, ବାଲେଶ୍ୱରକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୫ ଓଭରରେ ୬ ୱିକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆୟୁଷ୍ମାନ ଦାସ ୨୯ ଓ ଅଭୟ ପାଣ୍ଡେ ୧୬ ରନ କରିଥିବାବେଳେ ବିପକ୍ଷ ଦଳର କିସାନ ହେମ୍ବ୍ରମ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ଘାଟଶିଳା ୧୨. ୧ ଓଭରରେ କୌଣସି ୱିକେଟ ନ ହରାଇ ୯୮ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ତୁଷାନ ୫୯ ଓ ଯଶଦୀପ କୁସବାହ ୩୭ ରନ କରିଥିଲେ। ଉତ୍ତମ ମହାକୁଡ଼, ବିଦେଶୀ ପଣ୍ଡା ଓ ଅମନ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରର ଥିଲେ। ଦୀପକ ଦାସ ଧାରା ବିବାରଣୀ ପ୍ରଦାନ କରିଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ବ୍ଲକ୍‌ସ୍ତରୀୟ ସ୍କୁଲ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଠାକୁରମୁଣ୍ଡା, ୨୦।୧୨(ସମିସ):** ଅମର ଜ୍ୟୋତି ଫାଉଣ୍ଡେସନ ଓ ରେକିଟ୍‌ର ମିଳିତ ସହଯୋଗରେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଠାକୁରମୁଣ୍ଡା ବ୍ଲକର ପାଖାପାଖି ୧୦୦ ଜଣ ଶିକ୍ଷକ ଅଂଶଗ୍ରହଣ କରିବେ ବୋଲି ଟ୍ରଷ୍ଟର କର୍ମଚାରୀଙ୍କ ସୂଚନା ଦେଇଛନ୍ତି। ସେମାନେ ଏଠାରୁ ଶିକ୍ଷା ପାଇ ବିଦ୍ୟାଳୟ ସ୍ତରରେ ସ୍ୱଚ୍ଛତା ଶିକ୍ଷାର ପ୍ରଚାର ପାଇଁ ସ୍ୱାସ୍ଥ୍ୟ ଚାମ୍ପିଅନ ଭୂମିକା ନିର୍ବାହ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଇଓ କୁଞ୍ଜବିହାରୀ ପ୍ରଧାନ ଯୋଗଦେଇ ସ୍ୱଚ୍ଛତା ଓ ପରିମଳ ବିଷୟ ଉପରେ ଗୁରୁତାରୋପ କରିବା ସହ ବିଦ୍ୟାଳୟ ସ୍ୱଚ୍ଛ ହେଲେ ଶିଶୁ ସୁସ୍ଥ ରହିବେ ବୋଲି ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ଏଥିପ୍ରତି ଯତ୍ନବାନ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ। ଅମର ଜ୍ୟୋତି ଫାଉଣ୍ଡେସନର ପୁରୀ ଜିଲ୍ଲା ସଂଯୋଜକ ନିରଞ୍ଜନ ତ୍ରିପାଠୀ, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଦାସମାତ ସୋରେନ, ଠାକୁରମୁଣ୍ଡା ବ୍ଲକ ଶିକ୍ଷାଦାତ୍ରୀ ନିହାରିକା ବାରିକ୍ ଓ ବାରିପଦା ବ୍ଲକ ଶିକ୍ଷାଦାତ୍ରୀ କଳ୍ପନା ମହାନ୍ତ ଯୋଗ ଦେଇଥିଲେ। ଶିବିରରେ କିଭଳି ଭଲ ଭାବେ ହାତଧୁଆ ପ୍ରଦର୍ଶନ, ଶିଶୁଙ୍କ ସହ ପ୍ରୟୋଗିକ ହାତ ସ୍ୱଚ୍ଛତା ଶିକ୍ଷା, ସମାବେଶୀ ଖେଳ, ଗୋଷ୍ଠୀ ଆଲୋଚନା ଓ ସଂଘଟିତ ସଚେତନତା ପ୍ରସାର, ଆଚରଣ ପରିବର୍ତ୍ତନ ଶିକ୍ଷା ଓ ସ୍ୱଚ୍ଛତା ପାଠ୍ୟ ସାମଗ୍ରୀ ସମ୍ବନ୍ଧୀୟ ପ୍ରୟୋଗିକ ଅଭ୍ୟାସ କରାଯାଇଥିଲା। ଅମର ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

## ଉଦଳା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉଦଳା, ୨୦।୧୨(ସମିସ):** କପ୍ତିପଦା ଉପଖଣ୍ଡର ନାରୀ ଶିକ୍ଷାର ଏନ୍ତୁଡ଼ିଶାଳା ବୋଲାଉଥିବା ପିଏମଶ୍ରୀ ଉଦଳା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଉଷା ଶତପଥୀ, ସମ୍ମାନିତ ବକ୍ତା ଭାବେ ଏଡିଓ ଶଶୀଧର ସିଂ, ସମ୍ମାନିତ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ମିଶ୍ର ଓ ଏସଏମସି ସଭାପତି ରବୀନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ନାରୀ ଶିକ୍ଷାକ୍ଷେତ୍ରରେ ଉଦଳା ବାଳିକା ଉଚ୍ଚବିଦ୍ୟାଳୟ ଆଦିବାସୀ ଅଧ୍ୟୁଷିତ ଉଦଳା ଅଞ୍ଚଳର ଏନ୍ତୁଡ଼ିଶାଳ ବୋଲି ଅଭିହିତ କରିଥିଲେ। ଶିକ୍ଷା ଓ ସଂସ୍କାର ବଳରେ ସ୍ୱପ୍ନକୁ ସାକାର କରିବା ସମ୍ଭବ ହୋଇପାରିବ ବୋଲି ଅଭିଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା। ଶାଶ୍ୱତୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିହିରାକୂଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉଦଳା, ୨୦।୧୨(ସମିସ):** ଉଦଳା ବ୍ଲକ ଅନ୍ତର୍ଗତ ଡିହିରାକୂଳ ସରକାରୀ ଉଚ୍ଚବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ ରାୟବାବୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଲଳିତା ବିଶୋଇ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ବିନ୍ଧାଣି, ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସର୍ବେଶ୍ୱର ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମନୋରଞ୍ଜନ ବେହେରା, ରାଢ଼ୋ କ୍ଲଷ୍ଟର ସିଆର୍‌ସିସି ଲୋଳିତ ବେହେରା, ମୁଖ୍ୟବକ୍ତା ରୂପେ ବଡ଼ଖମଣ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗବତ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ,



ଭବିଷ୍ୟତରେ ସୁନାଗରିକ ହେବା, ବିକଶିତ ରାଜ୍ୟ ଓ ଦେଶ ଗଠନରେ ଭୂମିକା ସମ୍ପର୍କରେ ଉପଦେଶ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀମତୀ ଉପାଳୀ ମହାପାତ୍ର, ପଦ୍ମିନୀ ଜେନା, ମଧୁସ୍ମିତା ଉପାଧ୍ୟାୟ, ତପନ କୁସୁମଳିଆ, ହିରଣ୍ୟ ସେଣ, ଶ୍ରୀମତୀ ନରୋତ୍ତମା ମହାନ୍ତ, କନିଷ୍ଠ ସହାୟକ ଦେବାଶିଷ୍ ସେଠୀ ଓ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସଦସ ସହଯୋଗ କରିଥିଲେ।



## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehen-shive income for the period [comprising profit / (loss) for the period(after tax) and other comprehen-shive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Exclud-ing Revaluation Re-serve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL


# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ



ବାରିପଦା, ୨୦।୧୨(ସମିସ)

ସ୍ଥାନୀୟ ଛଉ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶନିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ଯୋଗଦେଇ ମେଳାର ଉପାଦେୟତା ଉପରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଉକ୍ତ ମେଳାରେ

> ▶▶ ଦୁଗ୍ଧ, ଅଣ୍ଡା, ମାଂସ ଓ ମତ୍ସ୍ୟ ଉତ୍ପାଦନ ପାଇଁ ଯୋଜନାର ସଦୁପଯୋଗ
>
> ▶▶ ଦୀର୍ଘସ୍ଥାୟୀ ଆୟ ପାଇଁ ବୈଜ୍ଞାନିକ ଜ୍ଞାନକୌଶଳ ସହ ଦକ୍ଷତା ବିନିଯୋଗକୁ ଗୁରୁତ୍ୱ

ସରକାରଙ୍କ ତରଫରୁ ଯେଉଁ ସବୁ ସୁବିଧା ସୁଯୋଗ ଉପଲବ୍ଧ ହେଉଛି, ତାହାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରମଣି ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ର ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ରାଜ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ଅଧିକ ଉତ୍ପାଦନ ହୋଇପାରିଲେ ଓଡ଼ିଶାର ଚାଷୀଟିଏ ସ୍ୱାବଲମ୍ବୀ ହୋଇ ଆତ୍ମନିର୍ଭରଶୀଳ ଭାରତର ଭାଗୀଦାର ହୋଇପାରିବ ବୋଲି ବୁଝାଇଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭାଗର ବିଭିନ୍ନ ଯୋଜନା ମତ୍ସ୍ୟ ଚାଷ, ବାୟୋଫ୍ଲୋକ, ଗ୍ରାମ୍ୟ ପଞ୍ଚାୟତ ପୁଷ୍କରିଣୀରେ ମାଛ ଚାଷ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ଏ ଅବସରରେ ନିମନ୍ତ୍ରିତ ଅତିଥି ବୃନ୍ଦ ଜିଲ୍ଲାର ସଫଳ ପ୍ରାଣୀ ପାଳକ ଗୋପବନ୍ଧୁନଗରର ଦେବାଶିଷ ନାୟକ ଓ ବେତନଟୀର ସଫଳ କୁକୁଡା ଚାଷୀ ସାଗରିକା ସେନାପତିଙ୍କୁ ପୁରସ୍କୃତ କରାଯାଇଥିଲା।

# ସୃଜନିକା

ସକାଳ
THE SAKALA
www.sakalaepaper.com



# ଠିକଣା



ସୁଚରିତା ବେହେରା

ତା' ସହିତ ଏମିତି ଭେଟ ହେବ ବୋଲି ମୁଁ ଭାବିନଥିଲି । ହୁଏତ ଭ୍ରମ ହୋଇଥାଇପାରେ ଭାବି ବାରମ୍ବାର ତା' ନାଁ ଓ ଠିକଣାକୁ ମେଳ କରୁଥିଲି, କିନ୍ତୁ ମୋ ସବୁ ଆଶଙ୍କାକୁ ମିଛ ପ୍ରମାଣିତ କରି ସେ ସତ ହୋଇ ମୋ' ସାମ୍ନାରେ ଠିଆ ହୋଇଥିଲା । ମୁଁ ତାକୁ ଅଣଦେଖା କରି କିଚେନ୍‌କୁ ଯାଇ କଫି ଆଣିଲି । ଦୁଇ ଜଣ ସାଙ୍ଗ ସହିତ ଫୋନ୍‌ରେ କଥା ହେଲି । ରାତିରେ କେଉଁ ରେଷ୍ଟୁରାଣ୍ଟରୁ ଡିନର୍ ଅର୍ଡର୍ କରିବି ଭାବି ନେଲି । ଅଫିସ୍‌ର କିଛି ବଳକା କାମ ବି କଲି । ତଥାପି ସେ ମୋ' ସହିତ ଥିଲା । ମୁଁ ତାକୁ ଚାଲିଯିବାକୁ କହିବା ସତ୍ତ୍ୱେ ବି ସେ ସେମିତି ଠିଆହୋଇ ରହିଲା । ମୁଁ ପଚାରିଲି "ତୁ କ'ଣ ଚାହୁଁଛୁ ?" ସେ ନିରବ ରହିଲା ।

ମୁଁ ପୁଣି ଥରେ ସେ ସମାନ ପ୍ରଶ୍ନକୁ ଦୋହରାଇଲି । ତଥାପି ସେ ନିରବ ରହିଲା । ମୁଁ ତାକୁ କିଛି ନକହି ବାଲକୋନୀରେ ଆସି ବସିଲି । ଜହ୍ନରାତିର ଜୋସ୍ନା, ତାରାଭର୍ତ୍ତି ଆକାଶ, ମଧୁକାମିନୀ ଫୁଲର ବାସ୍ନା ମତେ ଅମୋଦିତ କରିବା ପରିବର୍ତ୍ତେ ଅଣନିଶ୍ୱାସୀ କରୁଥିଲା । ମୁଁ ଜୋର୍‌ରେ ଚିତ୍କାର କରି କହିଲି "ତୁ କେତେବେଳେ ଏଠୁ ଯିବୁ କହିଲୁ ।" ସେ କହିଲା "ତୁ ମତେ ମୋ ଠିକଣା ଦେଇଦେ, ମୁଁ ଚାଲିଯିବି ।" ଏଥର ମୁଁ ନିରୁତ୍ତର ରହିଲି । ସେ ବି ସେମିତି ଚୁପ୍‌ଚାପ୍ ରହିଲା । କଲିଂବେଲ୍ ଶୁଣି ଡୋର୍ ଖୋଲିଲି । ସେ ସେମିତି ମତେ ବଲ ବଲ କରି ଚାହିଁଥିଲା ।

ଡେଲିଭରି ବୟ ଖାଇବା ଦେଇ କେତେବେଳୁ ଗଲାଣି । ମୁଁ ଥରେ ତାକୁ ଆଉ ଥରେ ଡାଇନିଂ ଟେବୁଲ ଉପରେ ଥୁଆ ହେଇଥିବା ଖାଦ୍ୟକୁ ଦେଖୁଥିଲି । କାହିଁକି କେଜାଣି ହଠାତ୍ ମୋ' ଭୋକ ମରିଗଲା । ମୁଁ କିଛି କରିବାକୁ ଚାହୁଁଥିଲି, କିନ୍ତୁ ଏତେ ରାତିରେ କରିବା ପାଇଁ ମୋ ପାଖରେ କିଛି କାମ ନଥିଲା । ମୁଁ ପୁଣି ଥରେ ତାକୁ ଚାଲି ଯିବାକୁ କହିଲି । କିନ୍ତୁ ସେ ସେମିତି ବସି ରହିଥିଲା ମତେ ଏକ ଲୟରେ ଚାହିଁ ।

ମୁଁ ମନେ ପକେଇବାକୁ ଚେଷ୍ଟା କଲି, ସମୁଦ୍ର କୂଳରେ ବାଲିଘର କରୁକରୁ ହଠାତ୍ ଅନ୍ୟମନସ୍କ ହୋଇ ସେ ଥରେ ମତେ ପଚାରିଥିଲା "ଏଇ ରାସ୍ତାର ଠିକଣା କ'ଣ ?"


ମୁଁ ସାମାନ୍ୟ ହସି କହିଥିଲି, "କହିବି ଖୁବ୍ ଶୀଘ୍ର ।"

ଉଦାସ ଆଖିରେ ସେ ସେଦିନ କହିଥିଲା, "ଦେଖିବୁ, ଯେମିତି ଡେରି ନହୋଇଯାଏ ।" ପରେ ଆମର ଦେଖା ହୋଇନି । ଜାଣିଶୁଣି ନୁହେଁ, ଅଜାଣତରେ । ସେ ବୋଧେ ଆମର ଶେଷ ଦେଖା ଥିଲା । ମୁଁ ଆଉ ପଛକୁ ବୁଲି ଦେଖିନି । ସେ ବି ମତେ ବାଧ କରିନି ଅଟକି ଯିବାକୁ । ତା'ଠୁ ଦୂରେଇ ଯିବା ମୋର ଉଦ୍ଦେଶ୍ୟ ନଥିଲା । କିନ୍ତୁ ନିଜକୁ ପ୍ରମାଣିତ କରିବାର ଦୌଡ଼ରେ କେଉଁଠି ମୁଁ ତା' ହାତ ଛାଡ଼ି ଦେଲି ମନେନାହିଁ । ଏ ଭିତରେ ଦିନ, କେବେ ମାସ ବର୍ଷରେ ପରିଣତ ହେଲା ତା' ବି ମନେ ନାହିଁ । ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି କେମିତି ସେ ମୋ ଦୁନିଆଁରୁ ଅଚାନକ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ମୋ' ରାସ୍ତାରେ ଆଗେଇ ଗଲି, ବହୁତ ଦୂରକୁ । ସେ ବୋଧେ ରହିଗଲା ସେଇଠି, ମତେ ଅପେକ୍ଷା କରି । ଏକ ଅନ୍ତହୀନ ରାସ୍ତାରେ ଚାଲୁ ଚାଲୁ ହଠାତ୍ କେବେ ସ୍ମିତା ମୋ ଜୀବନର ଠିକଣା ପାଲଟି ଗଲା ଆଉ ସେ ଅତୀତ ଭିତରେ ହଜିଗଲା ଭାବିଲେ ଏବେ ସ୍ୱପ୍ନ ପରି ଲାଗୁଛି ।

ହଠାତ୍ କଲିଂ ବେଲ୍ ଶବ୍ଦରେ ନିଦ ଭାଙ୍ଗିଲା ମୋର । କବାଟ ଖୋଲି ଦେଖିଲି ସାମ୍ନାରେ ପ୍ରତ୍ୟୁଷ, ମୋ ସହକର୍ମୀ, ବନ୍ଧୁ । "ଫୋନ୍ କାହିଁକି ରିସିଭ୍ କରୁନୁ, ସବୁ ଠିକ୍ ତ ?" ପ୍ରତ୍ୟୁଷକୁ କୌଣସି ଜବାବ ନଦେଇ ମୁଁ ତାକୁ ଖୋଜୁଥିଲି । କେହି ନଥିଲେ । ସକାଳର ସୂର୍ଯ୍ୟକିରଣ ପରଦା ଦେଇ ମୋ ଡ୍ରଇଂ ରୁମ୍‌ରେ ପଡୁଥିଲା । "ଜାଣିଛୁ, ସମୁଦ୍ର ବେଳାଭୂମିରେ ବାଲି ତଳୁ ଜଣେ ଝିଅର କଙ୍କାଳ ମିଳିଛି । ସନ୍ଧ୍ୟାରେ ଆମେ ଯେଉଁ ଜାଗାରେ ବସୁ... ।" ପ୍ରତ୍ୟୁଷର କଥାଗୁଡ଼ିକ ମୋ କାନରେ ବାଜି, ଧୀରେ ଧୀରେ ମିଳେଇ ଯାଉଥିଲା । ବର୍ତ୍ତମାନ ମୋ ନଜର ଥିଲା କେବଳ ସେଣ୍ଟର ଟେବୁଲରେ ଥୁଆ ହୋଇଥିବା ଗତକାଲିର ପେପର ଉପରେ । ■

ଜସ୍ମିନ ଗ୍ରୋଭ୍, ଗାଜିଆବାଦ
ଉତ୍ତର ପ୍ରଦେଶ

## କାକୁସ୍ଥ



ଦେବାଶିଷ ଚକ୍ରବର୍ତ୍ତୀ

ଥରେ କହିଲ ଦେଖି
କାହାକୁ ଭଲ ଲାଗେନି
ବସିବାକୁ ଛାଇରେ?
ହେଲେ ଭଲ ଲାଗେ କି
ଛାଇ ଲମ୍ବି ଆସିଲେ
ବୟସର ଅପରାହ୍ଣରେ?

ଯେତେ ଚାହିଁଲେ ବି
ସେ କ'ଣ ହୋଇ ପାରିବ
ଫୁଲଫୁଟା ସକାଳ ଭଳି
ବରଂ ତାକୁ ଅହରହ
ଆଖିଠାର ମାରୁ ନଥାଏ କି
ବିଷର୍ଣ୍ଣ ଗୋଧୂଳି ?

ଆପଣା ହାତରେ ରୋପିଥିବା
ଗଛ, ବୃଚ୍ଛ
ନିଜେ ଗଢ଼ିଥିବା ଘରଦ୍ୱାର
ଏପରି କି ନିଜ ରକ୍ତର ସ୍ୱାକ୍ଷର
ସତରେ କେହି ହୋଇ ପାରନ୍ତି କି
ଷୋଳଅଣା ଆପଣାର?

ସଂଶୟର କଳାମେଘ
ମନ ଆକାଶକୁ ଆବୋରିଲେ
ଆପଣାକୁ ମନେ ହୁଏନି କି ଅଲୋଡ଼ା ?
ଉଡ଼ାଣଖୋର୍ ଇଚ୍ଛାମାନେ
ଆଉ ଦେଇପାରନ୍ତି କି ଖଣ୍ଡିଉଡ଼ା?
ଆଖି, ନାକ, କାନ ଭଳି ଇନ୍ଦ୍ରିୟମାନେ ବି
ବିନା ନୋଟିସ୍‌ରେ
କରନ୍ତିନି କି ହରତାଳ ?
ମନ ସିଲଟରେ ଲେଖା ଅକ୍ଷରକୁ
ନିମିଷକରେ ପୋଛି ଦିଏନି କି
ବିସ୍ମୃତିର ଡଷ୍ଟର ?

ସକାଳରେ ଠିଆ ହୋଇଥିବା
ମଣିଷଟି ସିନା ଦେଖି ପାରେନି
ବୟସର ଅପରାହ୍ଣକୁ
ହେଲେ, ଅପରାହ୍ଣରେ
ଠିଆ ହୋଇଥିବା ମଣିଷଟି
ଅହରହ ଲୋଡ଼ୁ ନଥାଏ କି
ସକାଳକୁ ?
ବେଳେବେଳେ ଭାବନାଟିଏ
ଉଙ୍କି ମାରେନି କି
ପ୍ରାଚୁର୍ଯ୍ୟର ଡାହାଣୀ ଆଲୁଅ
ପଛରେ ଧାଇଁ ଅର୍ଜିଥିବା
ବ୍ୟାଙ୍କ ବାଲାନ୍ସ, ଗାଡ଼ି, ଘର, ଜମି
ତୁଳନାରେ ଢେଏର୍ ମୂଲ୍ୟବାନ ନୁହେଁ କି
କଙ୍କି ପ୍ରଜାପତି ପଛରେ ଧାଉଁଥିବା
ଶୈଶବର ମଧୁର ଦୁଷ୍ଟାମୀ ? ■

ମଣ୍ଡୁଆ, କେନ୍ଦୁଝରଗଡ଼
ମୋ : ୯୪୩୭୭୫୨୩୯୫

## ପ୍ରେମିକା



ଅଖିଳ କୁମାର ମିଶ୍ର

ଅସଙ୍ଗତି ବନ୍ଧନର କ୍ଷଣ କ୍ଷଣର ଦହନରେ -
ପ୍ରେମ ଏକ ସଇତାନ ଅନ୍ଧାରୀ ପୋଖରୀ ହୁଡ଼ାରେ/
ବିଳିବିଳାଏ ନହକା ଚିତ୍ର ପ୍ରତିମା ବୁଡ଼ ପ୍ରହରରେ,
ଯୁକ୍ତିତର୍କ ଲହଡ଼ିର ମନରେ ମାଗେ,
ଚାଲିଯିବ ଚାଲିଯିବ କହୁଥାଏ ବାର ବାର,
ପ୍ରେମ ତା'ର ଜିଦ୍ ପିଲାଦିନର,
ସେଇଠି ଥିବ, ସେଇଠି ରହିବ ନାହିଁ,
ସଦାବେଳେ ଡରଉଥିବ ପ୍ରାପ୍ତ ଅଭିଯୋଗେ,
ସେ ସେଇ ପ୍ରେମିକା, ଜୀବନ ପରିକା ।



ତା' ଦେହରେ ଦାଗ ଟିକେ ଲାଗେ ନାହିଁ,
ସବୁ ଦାଗ ଉପହାର ଦେଇ ସାରିଛି,
ଭୁଲ୍ ସବୁ ଘୋଡ଼ାଇବାକୁ
ବନ୍ଧୁ ବାନ୍ଧିଚି କଥାର ମାନ ସରି,
ଯାଇପାରେ ସେ ବଜାର ରାସ୍ତାରେ,
ଦଉଡ଼ାଇ ପାରେ ମତେ ପ୍ରତିଟି ମୋଡ଼ରେ ।

ଚମତ୍କାର ଅଭିନୟ ତା'ର ପ୍ରତିଦିନରେ,
ଅଭିମାନ ତା'ର ରୂପାନ୍ତର ଲାଲ୍ ପଣତରେ,
ଅପରାଧ ଯେତକ ତା'ର
ମୋର ବଞ୍ଚିବାର ରାହା ।

ସେ କାହାକୁ ପ୍ରେମ ବାଣ୍ଟେ ଜଣାନାହିଁ,
ସେ କାହାକୁ ମନ ଦିଏ ସେ ହିଁ ଜାଣେ -

ସେ କିନ୍ତୁ ସଶରୀରେ,
ହାତର ଏ ଦୁନିଆରେ,
ମୋ ପ୍ରାଣ ପ୍ରେମିକା ଚେହେରାରେ । ■

ଅତିରିକ୍ତ ମହାନିର୍ଦ୍ଦେଶକ
ପିଆଇବି, ଭାରତ ସରକାର
ଭୁବନେଶ୍ୱର

## ପୁସ୍ତକ ଓ ପତ୍ରିକା ପରିଚୟ

### ମନ ବଗିଚାର ହସଫୁଲଟି

ହଂସନାଥ ମୁଦୁଲି




ପେଜମେକର ପବ୍ଲିକେଶନ
୧୧୭ ବାପୁଜୀ ନଗର, ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୭୦ ଟଙ୍କା

"ଫୁଲଟିଏ ମୁଁ ଫୁଲଟିଏ/ ପାଖୁଡ଼ାରେ ମୋର ରଙ୍ଗର ଚମକ/ ଅନ୍ତର ମହକେ ଭରିଥାଏ/ ଫୁଲଟିଏ ମୁଁ ଫୁଲଟିଏ ।" (ଫୁଲଟିଏ ମୁଁ ଫୁଲଟିଏ) ଏମିତି ଫୁଲ, ଜହ୍ନ, ତାରା, ଆକାଶ, ପ୍ରକୃତି ଆଦିକୁ ନେଇ ପ୍ରକାଶ ପାଇଛି ହଂସନାଥ ମୁଦୁଲିଙ୍କ ଶିଶୁ / କିଶୋର ଗୀତି କବିତା ପୁସ୍ତକ 'ମନ ବଗିଚାର ହସଫୁଲଟି' । ଏହି ପୁସ୍ତକର କବିତାଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଆମୋଦଦାୟକ ସହିତ ଶିକ୍ଷଣୀୟ ମଧ ହୋଇଛି । ଜୀବନକୁ ମନ ଭରି ଉପଭୋଗ କରିବା, ପ୍ରକୃତିକୋଳରେ ହଜିଯିବା, ଶିଶୁ ମୁହଁରେ ହସ ଫୁଟାଇବା ଆଦି ଅନେକ ସାମାଜିକ ଓ ଜୀବନଧର୍ମୀ ବାର୍ତ୍ତା ରହିଛି ଏହି କବିତାଗୁଡ଼ିକରେ । ଏହି ପୁସ୍ତକରେ 'ମନ ବଗିଚାର ହସଫୁଲଟି', 'ଫୁଲଟିଏ ମୁଁ ଫୁଲଟିଏ', 'ଦେଖ ଫୁଲଟେ ଫୁଟିଛି ମୁହିଁ', 'ଜୀବନର ମୂଳ ଥାଏ', 'ଫୁଲଟେ ଫୁଟିଲେ', 'ଆକାଶରୁ ଜହ୍ନ ମୋତେ', 'ଜହ୍ନମାମୁଁ ମୁହିଁ', 'ମୁଁ ଦିନ ଆକାଶର ତାରା', 'ଉଠ ଯିବ ପାଠ ପଢ଼ି', 'ବରଷା ମୁଁ ଯାଏ ଝରି', 'ମୁଁ ଯେ କାଗଜ ଡଙ୍ଗା', 'ପ୍ରକୃତିମାତାର ହାତର ସୃଜନ', 'ଜୀବନ ଗୋଟିଏ ଫୁଲ', 'ଜୀବନ ଗୋଟିଏ ଗୀତ' ଆଦି ଗୀତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ, ଭାଷା ବେଶ୍ ବୋଧଗମ୍ୟ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବାପା ଓ ସୋଫା

ପ୍ରଦ୍ୟୁମ୍ନ ପଟ୍ଟନାୟକ





କାବ୍ୟଲୋକ
୨୯୭୪, ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୬୦ ଟଙ୍କା

ଜୀବନର ଅନେକ ଘଟଣା ଅନୁଭୂତି, ଅନୁଭବ ମନ ଭିତରେ ଗଭୀର ଛାପ ପକାଏ । ସେଇସବୁ ଘଟଣା ସ୍ମୃତି ହୋଇରହିଯାଏ ହୃଦୟରେ । ଘଟଣା ବହୁଳ ଜୀବନର ସେଭଳି କିଛି ସ୍ମୃତି ଓ ଅନୁଭୂତି କାହାଣୀର ରୂପ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ବାପା ଓ ସୋଫା' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ମୋଟ ୨୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପର ଭାବ, ଆବେଦନ ଓ କାହାଣୀ ସ୍ୱତନ୍ତ୍ର । 'ବାପା ଓ ସୋଫା', 'ନିରିମାଖି', 'ଅଦୃଶ୍ୟ ଲାଠି', 'ନିରଞ୍ଜନ', 'ରାସ୍ତା', 'ଅମୂଲ୍ୟ ମୋତି', 'ସ୍ୱପ୍ନ', 'ଶେଷ ଦର୍ଶନ', 'ଶେଷଲଗ୍ନ', 'ପ୍ରତୀକ୍ଷମାଣା', 'ମାତୃ ଦିବସ', 'ସାଇତା ସ୍ମୃତି', 'ଧୂମ କୁଣ୍ଡଳୀ', 'ମିଛଗପ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ ଗପରେ ମାନବୀୟ ସଂପର୍କ, ସାମାଜିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ସଂଘାତ, ଜୀବନର ନାନା ଘଟଣା ସାବଲୀଳ ଓ ସରଳ ଭାଷାରେ ପ୍ରକାଶ ପାଇଛି । ସମାଜରେ ନିତି ଘଟୁଥିବା ଅତି ସାଧାରଣ ଘଟଣାକୁ ଗାଳ୍ପିକ ନିଜ କଳାଚାତୁରୀ ମାଧ୍ୟମରେ ରମଣୀୟ ଭାବେ ବର୍ଣ୍ଣନା କରିଛନ୍ତି । 'ବାପା ଓ ସୋଫା' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ସତ୍ୟମେବ ଜୟତେ

ସଂପାଦକ: ମାନସ ରଞ୍ଜନ ଦାଶ




ସତ୍ୟମେବ ଜୟତେ ପରିବାର
ସପନପୁର, ସାଲେପୁର
କଟକ
ମୂଲ୍ୟ: ୮୦ ଟଙ୍କା

ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଛି 'ସତ୍ୟମେବ ଜୟତେ' ପତ୍ରିକା । ଏହି ପତ୍ରିକାରେ ଡକ୍ଟର ଗୌତମ ମହାରଣାଙ୍କ 'ସନାତନ ଧର୍ମର ସ୍ୱରୂପ', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ସଂକ୍ରାନ୍ତି, ଏକ କ୍ରିୟା', ସୁଧୀର ଷଡ଼ଙ୍ଗୀଙ୍କ 'ଶକ୍ତି ପୀଠ: ମାଆ ଉପାଡ଼ି ସ୍ଥଳ', ଜୟଦେବ ଲେଙ୍କାଙ୍କ 'ସ୍ୱରର ରାଣୀ ଆକାଶବାଣୀ', ଆରିଫ୍ କଟକୀଙ୍କ 'ସ୍ୱାଭିମାନୀ ସମାଜ ଗଠନରେ ସୁନାଗରିକର ଭୂମିକା' ଆଦି ପ୍ରବନ୍ଧ ତଥ୍ୟଭିତ୍ତିକ ଓ ଭାବଗର୍ଭକ ହୋଇଛି । ସେହିପରି ଡକ୍ଟର କୃତ୍ତିବାସ ନାୟକଙ୍କ 'ସାନଭାଇ', ଗଗନ ଚନ୍ଦ୍ର ଦାଶଙ୍କ 'ସେଇ ଝିଅଟି', ପ୍ରଜ୍ଞାଲୀନ ସାହୁଙ୍କ 'ସମ୍ମାନ', କୁଞ୍ଜ ବିହାରୀ ସାହୁଙ୍କ 'ସୁନୟନାର ହସ' ଆଦି ଗପ ମନଛୁଆଁ ହୋଇଛି । ସେଭଳି କବିତା ବିଭାଗରେ 'ଶେଷଶିଖାର ଜ୍ୱଳନ ପୂର୍ବରୁ', ସୁନନ୍ଦା ମହାନ୍ତିଙ୍କ 'ଶବ୍ଦ ଶର', ଭକ୍ତ ଚରଣ ସାହୁଙ୍କ 'ସ୍ମୃତି ତୁମେ କେବେ...', ରାହୁଲ ତାଣ୍ଡିଙ୍କ 'ଶପଥ', ଗୀତା ଷଡ଼ଙ୍ଗୀଙ୍କ 'ସେଇ ଲୋକଟି', ସୁଧୀର କୁମାର ଦାସଙ୍କ 'ସ୍ମୃତିରେ ଗାଁ ଘର', ଅଧ୍ୟାପିକା ମନ୍ଦାକିନୀ ପାଢ଼ୀଙ୍କ 'ସ୍ୱପ୍ନ ତୁମେ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପତ୍ରିକାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପରେ ସାମାଜିକ ପରିବର୍ତ୍ତନର ସ୍ୱର



ବୈଷ୍ଣବ ମେହେର

ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି । ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ନୁହେଁ, ବରଂ କବିତା ବ୍ୟତୀତ ଗଳ୍ପ, ଉପନ୍ୟାସ, ସ୍ତମ୍ଭରଚନା, ସମାଲୋଚନା, ନାଟକ, ଆତ୍ମଜୀବନୀ, ଭ୍ରମଣ କାହାଣୀ ଭଳି ପ୍ରକାଣ୍ଡ ସାହିତ୍ୟ ବୃକ୍ଷର ପ୍ରାୟ ଶାଖାରେ ନିଜ ଛାପକୁ ଯଶସ୍ୱୀ କରାଇ ପାରିଛନ୍ତି । କିନ୍ତୁ ମର୍ମସ୍ପର୍ଶୀ ଶତାଧିକ କ୍ଷୁଦ୍ରଗଳ୍ପ ରଚନା କରିଥିବା ସୁରେନ୍ଦ୍ରଙ୍କ ଅନାବିଳ ଦୁର୍ବଳତା ଯେ ଗଳ୍ପ ସାହିତ୍ୟରେ ରହିଥିଲା, ଏହା ତାଙ୍କ ଗଳ୍ପ ଭିତରକୁ ପ୍ରବେଶ ପରେ ସ୍ୱତଃ ଅନୁମାନ କରିହୁଏ । ବୋଧେ ସେଥିପାଇଁ ହିଁ ଥରେ ଏକ ସାକ୍ଷାତକାରରେ ସେ କହିଥିଲେ - "ଗଳ୍ପ-ଗଳ୍ପ-ଗଳ୍ପ ହେଉଛି ମୋର First Love ।"

ଜଣେ ସଫଳ ରାଜନୈତିଜ୍ଞ, ସାମ୍ବାଦିକ ଭାବରେ ଓଡ଼ିଶାର ପୁରପଲ୍ଲୀ ବୁଲି ବିଭିନ୍ନ ବର୍ଗର ଲୋକଙ୍କ ସଂସ୍ପର୍ଶରେ ସେ ଆସିବା ସୁଯୋଗ ଲାଭ କରିଥିଲେ । ତେଣୁ ସାଧାରଣ ଲୋକଙ୍କ ଜୀବନକୁ ଅତି ନିକଟରୁ ଅନୁଭବ କରିବାର ଅପୂର୍ବ ସୁଯୋଗ ସୁରେନ୍ଦ୍ରଙ୍କ ପ୍ରାୟ ଗଳ୍ପରେ ଗ୍ରାମୀଣ ଜୀବନର ନିଚ୍ଛକତା ଖୁବ୍ ଜୀବନ୍ତ ଭାବରେ ପ୍ରତିଫଳିତ ହୋଇଛି । ପାରମ୍ପରିକ ସ୍ଥିତାବସ୍ଥାକୁ ମୃତାବସ୍ଥା ପ୍ରାୟେ ମଣି ଯେଉଁ ପରିବର୍ତ୍ତନରେ ସାମୂହିକ କଲ୍ୟାଣ ସାଧିତ ହେବାକୁ ସେ ଅନୁଭବ କରୁଥିଲେ, ସକଳ ସମସ୍ୟା ସତ୍ତ୍ୱେ ତାକୁ ଗ୍ରହଣ କରିବାରେ ସେ ତିଳେମାତ୍ର ପଶ୍ଚାତଧାବନ ହୋଇ ନାହାନ୍ତି । ସୁରେନ୍ଦ୍ରଙ୍କୁ ଯେତେବେଳେ ମାତ୍ର ଷୋହଳ ବର୍ଷ ବୟସ, ସେତେବେଳେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ 'ବନ୍ଦୀ' ପ୍ରକାଶ ପାଏ ୧୯୩୮ ମସିହାରେ ତତ୍କାଳୀନ ପ୍ରସିଦ୍ଧ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ । ଜଣେ ତରୁଣ ଗାଳ୍ପିକର ହୃଦୟର ଭାବାବେଗ ସ୍ୱରୂପ ଅସହ୍ୟ ଅତ୍ୟାଚାରକୁ ସହ୍ୟ କରି ନପାରି ଖଟିଖିଆ ଦରିଦ୍ର ମଣିଷଟି କିପରି ଅତ୍ୟାଚାରୀ ମହାଜନ ଉପରେ ପ୍ରତିଶୋଧ ପରାୟଣ ହୋଇଯାଏ, ତାହା ଏହି ଗଳ୍ପରେ ଗାଳ୍ପିକ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ।

ସୁରେନ୍ଦ୍ର ମହାନ୍ତି ଜଣେ ଜୀବନବାଦୀ ଲେଖକ । ତା'ର ପରିଚୟ ତାଙ୍କ ଅନେକ ଗଳ୍ପରେ ମିଳିପାରେ । କର୍ମମୟ ଜୀବନର ଘାତପ୍ରତିଘାତ ଯୁଗେଯୁଗେ ମଣିଷକୁ ବୀତସ୍ପୃହ କରି ପକାଏ । ସୁରେନ୍ଦ୍ରଙ୍କ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ସକଳ ବେଦନା ଭିତରେ ଅନୁସନ୍ଧିତ୍ସୁ ମଣିଷ ଜୀବନରେ ପ୍ରକୃତ ଅମୃତର ସନ୍ଧାନ ପାଇପାରେ । ସେଥିପାଇଁ ସେ ଏକ ସାର୍ଥକ ଜୀବନ ବଞ୍ଚିବାରେ ସଫଳ ହୁଏ ବୋଲି ଦର୍ଶାଇ ଦିଆଯାଇଛି । ପ୍ରାଣର ପ୍ରାଚୁର୍ଯ୍ୟରେ ଜଣେ ଯଦି ପରିପୂର୍ଣ୍ଣ, ତେବେ ଗୋଟିଏ କି ଦୁଇ ରାତିର ଉପବାସ ତା' ପାଇଁ ସେତେଟା ବେଦନାସିକ୍ତ ହୋଇ ନପାରେ । ପୂରା ମଜୁରି ଆଉ ପୂରା ପେଟ, ଜୀବନର ପ୍ରୟୋଜନୀୟତା ହୋଇପାରେ, କିନ୍ତୁ ଜୀବନର ଲକ୍ଷ୍ୟ ତ ଆତ୍ମତୃପ୍ତି । ମନମୁଗ୍ଧକର ଝରଝର ଝରଣା, ସଫେଦ ଜ୍ୟୋତ୍ସ୍ନାର ଆବିଳତା, ସବୁଜ ସୁନ୍ଦର ପରିପୂର୍ଣ୍ଣ ପ୍ରକୃତିର ଆକର୍ଷଣ ଯେ ଚିରାଚରିତ ଜୀବନଠାରୁ ଖୁବ୍ ସ୍ୱତନ୍ତ୍ର । ଏହା ହିଁ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ଗାଳ୍ପିକଙ୍କ ଆଭିମୁଖ୍ୟ, ଯାହା ତାଙ୍କ ଗଳ୍ପ ସଂକଳନର ନାମ ବହନ କରି ତାଙ୍କ ବାସ୍ତବ ଜୀବନ ଚରିତ୍ରର ମହନୀୟ ଦିଗକୁ ଯଥାର୍ଥ ଢଙ୍ଗରେ ଉପସ୍ଥାପିତ କରିଛି । ଏହି ପରିପ୍ରେକ୍ଷୀରେ କଥାକାରଙ୍କ 'କୃଷ୍ଣଚୂଡ଼ା' ଗଳ୍ପ ମଧ ସେହି ସମାନ ଆବେଦନରେ ପରିପୁଷ୍ଟ ହୋଇଛି । ଗଳ୍ପ ନାୟକ 'ସଦାନନ୍ଦ' ନିତିଦିନିଆ ସମ୍ବାଦ ଲେଖା ଛାଡ଼ି କମନୀୟ କୃଷ୍ଣଚୂଡ଼ାର ଆକର୍ଷଣକୁ ଏଡ଼ାଇ ନ ପାରି ତାକୁ ତୋଳିବାରେ ନିଜକୁ ନିୟନ୍ତ୍ରଣ କରି ନପାରିବା ମନ ଓ ହୃଦୟର ଆହ୍ୱାନ ହିଁ ଅସଲ ଜୀବନର ପରିଭାଷା ବୋଲି ବୁଝିବାକୁ ପଡ଼େ ।

ପରିସ୍ଥିତି ଯେତେ ନିଷ୍ଠୁର ହେଉନା କାହିଁକି ଆପଣାର ଲୋକଟିଏ ପାଖରେ ଥିଲେ ସବୁ ଦୁଃଖ ଆପେଆପେ ଅପସରି ଯାଏ । ସେହି ଲୋକଟି ଯେତେ ବେଳେ ଦୂରେଇ ଯାଏ, ସେତିକି ବେଳେ ମଣିଷର ଅନ୍ତଃବେଦନା ଦ୍ୱିଗୁଣିତ ହୋଇଯାଏ । ଏକଥା ସୁରେନ୍ଦ୍ରଙ୍କ 'ନୟନପୁର ଏକ୍ସପ୍ରେସ୍' ଗଳ୍ପରେ ପରିଦୃଷ୍ଟ ହୁଏ । ସେହିଭଳି ତାଙ୍କର ଅନ୍ୟତମ ସଫଳ ଗଳ୍ପ ହେଉଛି 'ମହାନଗରୀର ରାତ୍ରି' । ଯେଉଁଠି ଜଣେ ଦୁଃସ୍ଥ ନାରୀର କରୁଣ ଜୀବନ କାହାଣୀର ନିଖୁଣ ଉପସ୍ଥାପନା ପାଠକଙ୍କୁ ଅଭିଭୂତ କରିଦିଏ । ପୁନଶ୍ଚ 'ଖାଦାନୀ' ଗଳ୍ପରେ ମାଟି ଓ ପ୍ରକୃତିର ସରଳ ମଣିଷ କିପରି ଆଧୁନିକତାର ମୋହରେ ପଡ଼ି ନିଜ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି । ସେହିପରି 'ଘନିଆର ଗଣେଶ ଚତୁର୍ଥୀ' ଗଳ୍ପରେ ଭଗବାନଙ୍କ ପୂଜାର୍ଚ୍ଚନା ହେଉ କି ବିଦ୍ୟାଳୟରେ ଶିକ୍ଷାଅର୍ଜନ ହେଉ ଏଥିରେ ସମସ୍ତଙ୍କ ସମାନ ଅଧିକାର ରହିବା ପ୍ରସଙ୍ଗ ଚିତ୍ରଣ କରାଯାଇଛି । 'ମେଣ୍ଢାଖାଇ' ଗଳ୍ପରେ ଏକ ସରଳ, ନିଷ୍ପାପ ଗ୍ରାମ୍ୟ ଜୀବନର ବାର୍ତ୍ତାକୁ ଗାଳ୍ପିକ ଜୀବନ୍ତ ଢଙ୍ଗରେ ସଜାଇ ଦେଇଛନ୍ତି । ସେହିପରି 'ଅପରିଚିତର ପରିଚୟ' ଗଳ୍ପ ତ ପ୍ରତିଟି ମଣିଷକୁ ମଣିଷତ୍ୱର ପରିଚୟ କରାଇବାର ଭାର ବହନ କରିଛି । ନିଜେ ଭୋକ ଉପାସରେ ଥାଇ ସୁଦ୍ଧା ଅନ୍ୟ ଜଣେ ଅସହାୟା ପାଇଁ ରିଲିଫ୍ ନେବାକୁ ଆସି ଜଣେ ମାନବଧର୍ମୀକୁ କିପରି ଲହୁଲୁହାଣ ହେବାକୁ ପଡ଼େ ତାହା ଏଠାରେ ଚିତ୍ରିତ ହୋଇଛି । ବାସ୍ତବରେ ଏହି ଗଳ୍ପ ମାନବିକତାର ବାସନାକୁ ବିଚ୍ଛୁରିତ କରେ । ଅପରପକ୍ଷେ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ଦୁଇଟି ଗଳ୍ପ 'ଓଃ ! କାଲକାଟା' ଓ 'ରାଜଧାନୀ'ରେ ସାଧାରଣ ମଣିଷଙ୍କ ଅସହାୟତା, ଦରିଦ୍ରତାର ନିଦାନ ପାଇଁ କର୍ତ୍ତୃପକ୍ଷଙ୍କ ସ୍ୱାର୍ଥଲିପ୍ସୁ ଅନ୍ତଃସାରଶୂନ୍ୟ ଯୋଜନାକୁ ଯେଉଁଭଳି ଇଙ୍ଗିତ କରାଯାଇଛି, ସେଭଳି ସେତେବେଳର କିଛି ଲୋକଙ୍କ ରୁଗ୍‌ଣ ମାନସିକତାର ମଧ ଏଠାରେ ପରିପ୍ରକାଶ କରାଯିବା ଏକ ସ୍ୱଚ୍ଛ ସାମାଜିକ ପରିବର୍ତ୍ତନକୁ ଖୋରାକ ଦେଇ ଆସୁଛି । ସୁରେନ୍ଦ୍ର ମହାନ୍ତିଙ୍କ ମତରେ 'ଦାରିଦ୍ର କ୍ଷମତାଲିପ୍ସୁ ରାଜନୈତିକ ନେତାମାନଙ୍କର ଏକ ନ୍ୟସ୍ତସ୍ୱାର୍ଥ । ଦାରିଦ୍ର୍ୟ ଲୋପ ପାଇଗଲେ, ସେମାନଙ୍କର ସହଜ ନେତୃତ୍ୱ ଆଉ ଚଳିବ ନାହିଁ । ଯେତେଦିନ ଯାଏ ଦାରିଦ୍ର ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେମାନେ ସୁପ୍ରତିଷ୍ଠିତ ଥିବେ ।" ନିଜେ ରାଜନୀତିରେ ଥାଇ ରାଜନୈତିଜ୍ଞଙ୍କ ପ୍ରତି ଲେଖକଙ୍କ ଏଭଳି ଦୃଷ୍ଟିଭଙ୍ଗୀ କେବଳ ତାଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱର ପରିଚୟ ଦେଉ ନାହିଁ, ଏହାସହ ସାମାଜିକ ପରିବର୍ତ୍ତନର ବହ୍ନିଟିଏ ସେ ନିଜ ଗଳ୍ପ ମାଧ୍ୟମରେ ସମାଜରେ ଜଳାଇ ରଖିବାର ପ୍ରୟାସକୁ ସ୍ପଷ୍ଟ କରୁଛି । ସେହିପରି ମଣିଷ ଆତ୍ମପ୍ରଚାର ନିମିତ୍ତ କ'ଣ କରିପାରେ ତାହା ଗଳ୍ପ 'ଜୀଅନ୍ତା ଭୂତ'ରେ ପର୍ଯ୍ୟବସିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ରଚନାର ପୃଷ୍ଠଭୂମି ନିଶ୍ଚିତ ଭାବେ ବିବିଧ । ପୁରାଣ ଓ ଇତିହାସ ପ୍ରସଙ୍ଗକୁ ସେ ଅନେକ ଗଳ୍ପରେ ସ୍ଥାନ ଦେଇଥିଲେ ମଧ ସାମାଜିକ, ରାଜନୈତିକ ଓ ଲୋକଙ୍କ ମାନସିକ ସମସ୍ୟା ପର୍ଯ୍ୟବସିତ ତାଙ୍କ ଅନେକ ଗଳ୍ପରେ ତତ୍କାଳୀନ ଚିରାଚରିତ ପ୍ରଥା, ପରମ୍ପରା ପ୍ରତି ଲେଖକଙ୍କ ଅନ୍ତରର ବିଦ୍ରୋହକୁ ଯେତିକି ଅବଲୋକନ କରିହୁଏ, ସେତିକି ତାଙ୍କ ହୃଦୟ କୋଣରେ ଜାଗ୍ରତ ହୋଇଥିବା ଭିନ୍ନ ଏକ ସମାଜ ଗଠନର ଆକାଂକ୍ଷାକୁ ମଧ ହୃଦୟଙ୍ଗମ କରିହୁଏ । ■

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ଅବଶିଷ୍ଟାଂଶ

### ରାଜଧାନୀ ଏକ୍ସପ୍ରେସ୍...

ଡିଭିଜନର ଯମୁନାମୁଖ-କାନପୁର ସେକ୍ସନରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ସ୍ଥଳଟି ଏକ ହାତୀସୂଚୀତ କରିଡର ନଥିଲା । ଅଧିକାରୀଙ୍କ କହିବା ଅନୁଯାୟୀ ଏହି ହାତୀ ପଲ ହଠାତ ଟ୍ରେନ୍ ସାମ୍ନାରେ ଦେଖାଦେଇଥିଲା । ଲୋକୋ ପାଇଲଟ ଜରୁରୀକାଳୀନ ବ୍ରେକ ଲଗାଇଥିଲେ ମଧ ହତୀ ପଲ ସହ ଟ୍ରେନ୍‌ର ଧକ୍କାକୁ ରୋକାଯାଇ ପାରି ନଥିଲା ।

ଉଲ୍ଲେଖଯୋଗ୍ୟ ଯେ, ସାଇରଙ୍ଗ- ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ମିଜୋରାମର ସାଇରଙ୍ଗ ଓ ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଛି । ଏହି ଦୁର୍ଘଟଣା ଫଳରେ ଏନ୍ଏଫ ରେଳବାଇର ଜମୁନାମୁଖ- କାମପୁର ସେକ୍ସନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

### ଆଣ୍ଠେଇଛି ପିଏମ୍...

ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ଯୁକ୍ତି ଅନୁଯାୟୀ ରୁଫଟପ୍ ସୋଲାରର ଭବିଷ୍ୟତର ଆବଶ୍ୟକତା, ଏଥିରୁ ଉଭୟ ଉପଭୋକ୍ତା ଏବଂ ପରିବେଶକୁ ମିଳୁଥିବା ଫାଇଦା, କମ୍ ଖର୍ଚ୍ଚରେ ଅଧିକ ବିଜୁଳି ଉତ୍ପାଦନ ସର୍ବୋପରି କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରଦାନ କରୁଥିବା ସବ୍‌ସିଡି ଅର୍ଥ ବାବଦରେ ଉପଭୋକ୍ତାଙ୍କୁ ସେପରି ସଚେତନ କରାଯାଉ ନାହିଁ । ଯାହାଫଳରେ ରାଜ୍ୟର ଉପଭୋକ୍ତା ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାଠାରୁ ମୁହଁ ମୋଡୁଛନ୍ତି ବୋଲି ଶକ୍ତି ସମୀକ୍ଷକ ଯୁକ୍ତି ବାଢୁଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ରୁଫଟପ୍ ସୋଲାର ପ୍ୟାନେଲଜରେ ୧ କିଲୋୱାଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୫ ହଜାର ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି । ସେହିପରି ୨ କିଲୋୱାଟ ପାଇଁ ୧.୧୦ ଲକ୍ଷ ଏବଂ ୩ କିଲୋୱାଟ ପାଇଁ ୧.୩୮ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରୁଛନ୍ତି । ମାତ୍ର ଏହାର ସୁଫଳ ଉପଭୋକ୍ତା ଯେତିକି ଉଠାଇବା କଥା, ତାହାଠାରୁ ଢେର୍ ପଛରେ ରହିଥିବା ଜଣାପଡ଼ିଛି ।

ଅପରପକ୍ଷେ ପିଏମ୍ ସୂର୍ଯ୍ୟଘର ଯୋଜନାର ୟୁଏଲଏ(ୟୁଟିଲିଟି ଏଗ୍ରିଗେସନ ମଡେଲ) ଅଧୀନରେ ଘରୋଇ ଉପଭୋକ୍ତାଙ୍କ ପାଇଁ ସବସିଡି ଅର୍ଥ ରାଶିକୁ ଆହୁରି ବୃଦ୍ଧି କରାଯାଇଛି । ଏଥିରେ ପୂର୍ବରୁ ୧ କିଲୋୱାଟ ସୋଲାର ପ୍ୟାନେଲ ପାଇଁ ଉପଭୋକ୍ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ପଡୁଥିବା ବେଳେ ଏଣିକି ମାତ୍ର ୧୮ ୭୫ ଟଙ୍କା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି ।

### ଘର ସହ ନାବାଳିକାଙ୍କୁ...

ସଂସ୍ଥା ଆଇଏସଆଇର ଢାକା ସେଲ୍ ଥିବା ସୂଚନା ମିଳିଛି । ଏପରି ଏକ ସେଲ୍ ହିଁ ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିଥିଲା । ଏବେ ସେହି ପୁରୁଣା କୌଶଳକୁ ବାଂଲାଦେଶରେ ଆପଣା ଯାଇଛି । ଏହାକୁ ସରକାର ଏବଂ ଆମେରିକା ମଧ ସମର୍ଥନ ଦେଉଛି ।

ବାଂଲାଦେଶ ନିର୍ବାଚନ ପୂର୍ବରୁ ଜାଣିଶୁଣି ଏହି ହିଂସା ଆରମ୍ଭ କରାଯାଇଥିବା କୁହାଯାଉଛି । ନିର୍ବାଚନକୁ ଘୁଞ୍ଚାଇବା ପାଇଁ ପାକିସ୍ତାନ ସହ ମିଶି କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଏହି ଷଡ଼ଯନ୍ତ୍ର କରିଛନ୍ତି । ଆଉ ଏହାକୁ ଆମେରିକା ସମର୍ଥନ ମଧ ମିଳିଥିବା କୁହାଯାଉଛି । ସଂଖ୍ୟାଲଘୁ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେବା ପରେ ଚରମପନ୍ଥୀ ଏବେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନପି)ର ନେତାଙ୍କୁ ନିଶାଣ କରିଛନ୍ତି । ନିର୍ବାଚନୀ ସର୍ଭେରେ ଏହି ପାର୍ଟି ବିଜୟୀ ହେଉଥିବା ଜଣାପଡ଼ିବା ପରେ ବିରୋଧୀ ରକ୍ତଚାଉଳ ଚୋବାଉଛନ୍ତି । ତେଣୁ ଜାଣିଶୁଣି ନିର୍ବାଚନ ଭଣ୍ଡୁର କରିବାକୁ ପ୍ରୟାସ କରୁଛନ୍ତି । ଏହି କ୍ରମରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ବିକ୍ଷୋଭକାରୀ ଲକ୍ଷ୍ମୀପୁର ସଦର ସ୍ଥିତି ବିଏନପି ନେତା ବିଲାଲ ହୁସେନଙ୍କ ଘରେ ଆକ୍ରମଣ କରିଛନ୍ତି । ବାହାର ପଟୁ ତାଲା ଲଗାଇ ଘର ଜାଳି ଦେଇଛନ୍ତି । ଏହି ହିଂସାର ନିଆଁରେ ବିଲାଲଙ୍କ ସାନ ଝିଅ ଆୟଶା ଅଖତର (୭) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ହୁସେନଙ୍କ ସମେତ ତାଙ୍କର ଆଉ ଦୁଇ ଝିଅ ସଲମା ଅଖତାର (୧୬) ଏବଂ ସାମିଆ ଅଖତାର (୧୪) ଜଳି ଯାଇଛନ୍ତି । ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଦୁଇ ଝିଅଙ୍କୁ ଢାକା ହସ୍ପିଟାଲକୁ ପଠାଇ ଦିଆଯାଇଛି ।

ଭାରତ ବିରୋଧୀ ନେତା ଭାବେ ପରିଚିତ ଉସମାନ ହାଦିଙ୍କୁ ଆଜି ରାଷ୍ଟ୍ରୀୟ କବିଙ୍କ ପାର୍ଶ୍ୱରେ କବର ଦିଆଯାଇଛି । ଏହା ପୂର୍ବରୁ ଦ୍ୱିପହର ୨ଟା୩୦ରେ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ହାଦିଙ୍କ ପାଇଁ ନମାଜ କରାଯାଇଥିଲା । ଏଠାରେ ଇନ୍‌କିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର ତାଙ୍କ ସମର୍ଥକଙ୍କୁ ବିକ୍ଷୋଭରେ ସାମିଲ ହେବା ପାଇଁ ଶାହବାଗ ଯିବାକୁ କହିଥିଲେ । ସେ କହିଥିଲେ ଯେ ଆମେ ଶୋକ ମନାଇବାକୁ ଆସିନାହୁଁ । ଆମ ଭାଇ ନ୍ୟାୟ ମାଗିବାକୁ ଆସିଛୁ । ହାଦିଙ୍କୁ ଗୁଳି ମାଡ଼ ଘଟଣାକୁ ସପ୍ତାହେ ବିତି ଯାଇଥିଲେ କାହାକୁ ଗିରଫ କରାଯାଇ ନାହିଁ । ସେ ସରକାରଙ୍କୁ ଏ ନେଇ ୨୪ ଘଣ୍ଟା ଭିତରେ ଜବାବ ମାଗିଛନ୍ତି । ଏହା ମଧ୍ୟରେ ହାଦିଙ୍କୁ ନେଇ ଚାଞ୍ଚଲ୍ୟକର ସୂଚନା ଆସିଛି । ହାଦି ନିର୍ବାଚନରେ କାହାକୁ ସମର୍ଥନ ଦେଉ ନ ଥିଲେ । ସେ ବିଏନପି, ମହମ୍ମଦ ୟୁନୁସୁ ଏବଂ ଜମାତ-ଇ-ଇସଲାମି ସରକାର ଗଠନ କରୁ ବୋଲି ଚାହୁଁ ନ ଥିଲେ । ଏହି ତିନି ଦଳ ଦୁର୍ନୀତିରେ ଲିପ୍ତ ଥିବା ସେ କହୁଥିଲେ । ତେଣୁ ସେ ନୂଆ ବାଂଲା ଗଢ଼ିବାକୁ ଆହ୍ୱାନ ଦେଇଥିଲେ । ମାତ୍ର ଏହି ଆଭିମୁଖ୍ୟ ତାଙ୍କ ପାଇଁ କାଳ ପାଲଟି ଯାଇଥିଲା । କାରଣ ଆଇଏସଆଇର ଢାକା ସେଲ୍ ଇନକିଲାବ ମଞ୍ଚ ଏବଂ ବିଏନପି ସରକାର ଗଠନ ନ କରୁ ବୋଲି ଚାହୁଁଥିଲା । ପାକିସ୍ତାନ ମହମ୍ମଦ ୟୁନୁସ ଏବଂ ଜମାତକୁ ସମର୍ଥନ ଦେଉଥିଲା । ହାଦିର ଲୋକପ୍ରିୟତା ଏବଂ ନିର୍ବାଚନ ସର୍ଭେରେ ବିଏନପି ସଂଖ୍ୟାଗରିଷ୍ଠତା ପାଉଥିବା ଜଣା ପଡ଼ିବା ପରେ ଆଇଏସଆଇ ହାଦିଙ୍କ ହତ୍ୟା ଷଡ଼ଯନ୍ତ୍ର କରିଥିଲା । ଏହା ପଛରେ ନିର୍ବାଚନ ଘୁଞ୍ଚାଇ ନିଜ ସ୍ଥିତି ମଜବୁତ ଏବଂ ଭାରତକୁ ବଦନାମ କରିବା ଉଦ୍ଦେଶ୍ୟ ଥିଲା ।

ଅନ୍ୟପକ୍ଷରେ ଇନକିଲାବ ମଞ୍ଚ ଏବଂ ଜମାତର ଚରମପନ୍ଥୀ ଶୁକ୍ରବାର ବେନାପୋଲର ଭାରତ ସୀମା ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲେ । ସେମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଫେରାଇବାକୁ ଦାବି କରିଥିଲେ । ଚଟଗାଁଓର ଚନ୍ଦ୍ରନାଥ ମନ୍ଦିର ବାହାରେ ମଧ ଚରମପନ୍ଥୀ ଧାର୍ମିକ ସ୍ଲୋଗାନ ଦେଇଥିଲେ । ସ୍ଥିତିକୁ ଦେଖି ଭାରତୀୟ ସେନା ସକ୍ରିୟ ହୋଇଯାଇଛି । ବାଂଲାଦେଶ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି । ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରୀ ମଧ ବାଂଲାଦେଶ ସୀମା ଗସ୍ତରେ ଯାଇଥିଲେ । ଏହା ମଧ୍ୟରେ ଭାରତୀୟ ସ୍ଥଳ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ଢାକା ସେନାମୁଖ୍ୟଙ୍କ ସହ କଥା ହୋଇଛନ୍ତି । ସେ ଭାରତୀୟ ଦୂତାବାସ ଏବଂ ଅନ୍ୟ ସମ୍ପତ୍ତିର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦେଇଛନ୍ତି । ଏହା ମଧ୍ୟରେ ବାଂଲାଦେଶ ସରକାର ହାଦିଙ୍କ ହତ୍ୟାରେ ସାମିଲ ୭ ଜଣଙ୍କୁ ଗିରଫ କରିଛନ୍ତି । ତେବେ ହିଂସା ଆରମ୍ଭ ସମୟରେ ସରକାର ଏହାକୁ ଅଟକାଇବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ । ସେନା ଏବଂ ପୁଲିସକୁ ଘଟଣାସ୍ଥଳକୁ ପଠାଇ ନ ଥିଲେ ବୋଲି ଜଣାପଡିଛି । କାରଣ ସେ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବାକୁ ଚାହୁଁଛନ୍ତି । ଆୱାମୀ ଲିଗ୍‌କୁ ନିଷିଦ୍ଧ କରାଯାଇଥିବାବେଳେ ବିଏନପିକୁ ସେ ସମର୍ଥନ ଦେଉନାହାନ୍ତି । ୟୁନୁସ ଆମେରିକା ଏବଂ ପାକିସ୍ତାନ ସମର୍ଥନରେ ଚିର ଦିନ ପାଇଁ ରାଜ କରିବାକୁ ଚାହୁଁଛନ୍ତି । ତେଣୁ ସେ ଅରାଜକତାକୁ ପ୍ରୋତ୍ସାହନ ଦେଇଥିଲେ ।

### ୧୦୦ ବର୍ଷ ତଳେ...

ରିଜର୍ଭରେ ସିଂହ ଭାଗ ଡଲାର ରହିଛି । ତେବେ ବିଶ୍ୱର ଆଉ ୯ ମୁଦ୍ରା ଡଲାରଠାରୁ ଅଧିକ ମଜବୁତ ରହିଛି । କୁଏତ ଦିନାରର ମୂଲ୍ୟ ୩.୨୫ ଡଲାର ସହ ସମାନ । ବାହାରିନ ଦିନାର ୨.୬୫ ଡଲାର, ଓମାନର ରିଆଲ ୨.୬୦ ଡଲାର ରହିଛି । ସେହିପରି ଜୋର୍ଡାନ କରେନ୍ସି ଦିନାର, ବ୍ରିଟେନର ପାଉଣ୍ଡ ଷ୍ଟର୍ଲିଂ, ଜିବ୍ରାଲଟର ପାଉଣ୍ଡ, କ୍ୟାମନ ଆଇଲାଣ୍ଡ ଡଲାର, ସ୍ୱିସ୍ ଫ୍ରାଙ୍କ ଏବଂ ୟୁରୋ ଡଲାର ତୁଳନାରେ ଅଧିକ ମଜବୁତ ରହିଛି । ମାତ୍ର ଟଙ୍କାର ସ୍ଥିତି ବିଶ୍ୱରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଚଳିତ ବର୍ଷ ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ମୁଦ୍ରା ମଧ୍ୟରେ ଟଙ୍କା ସାମିଲ ରହିଛି । ଚଳିତ ବର୍ଷ ଟଙ୍କା ମୂଲ୍ୟ ଡଲାର ତୁଳନାରେ ୫ ପ୍ରତିଶତରୁ ଅଧିକ ହ୍ରାସ ପାଇଛି ।

ଟଙ୍କାର ଏହି ହ୍ରାସ ପଛରେ ଆର୍ଥିକ ନିଅଣ୍ଟ ଏବଂ ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ରହିଛି । ସେହିପରି ବିଦେଶୀ ନିବେଶ ମଧ ସେତେ ଭଲ ରହି ନାହିଁ । ନିବେଶକ ଟଙ୍କା କାଢ଼ି ଚାଲିଛନ୍ତି । ଏହା ପୂର୍ବରୁ ୨୦୧୭ରେ ଟଙ୍କା ୬.୪ ପ୍ରତିଶତ ମଜବୁତ ହୋଇଥିଲା । କିନ୍ତୁ ଏହା ପରଠାରୁ ହ୍ରାସ ପାଇ ଚାଲିଛି । ୨୦୨୨ରେ ଏହା ୧୦.୨ ପ୍ରତିଶତ ହ୍ରାସ ପାଇଥିଲା । ସେହିପରି ବିଶ୍ୱରେ ଚାଲିଥିବା ଭୂରାଜନୈତିକ ଅସ୍ଥିରତା ଏବଂ ଆର୍ଥିକ ଅନିଶ୍ଚିତତା ଟଙ୍କା ମୂଲ୍ୟକୁ ପ୍ରଭାବିତ କରିଛି ।

### ବିଶ୍ୱବିଦ୍ୟାଳୟରେ ପୁଣି...

ପ୍ରଦତ୍ତ ତଦନ୍ତ ରିପୋର୍ଟକୁ ଆଧାର କରି ୨/୩ଦିନ ମଧ୍ୟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କୁଳାଧିପତିଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଓଡ଼ିଆ ବିଭାଗରେ ଅନୁରୂପ ଘଟଣାକୁ ନେଇ କମିଟି ତଦନ୍ତ ଜାରି ରଖିଛି । ରିପୋର୍ଟ ଆସିବା ପରେ ଆବଶ୍ୟକ ପଡ଼ିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ଏ ସମ୍ପର୍କରେ କୁଳପତି ପ୍ରମୋଦ କୁମାର ଶତପଥୀ କହିଛନ୍ତି, ଗେଜେଟ୍ ନୋଟିଫିକେସନ୍ ଅନୁଯାୟୀ ଆଇସିସି ଗଠନ କରାଯାଇଛି । ରିପୋର୍ଟକୁ ନେଇ ପର୍ଯ୍ୟାୟକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଭଳି ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ।

### 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା...

କାକରରେ ଛିଡ଼ା ହେବାକୁ ବାଧ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି ଏମସ୍ ନିକଟ ଡୁମୁଡୁମା ରାସ୍ତା କଡ଼ରେ ।

ସୂଚନା ଅନୁସାରେ, ଶ୍ରମିକମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱରର ୨ଟି ସ୍ଥାନ ଯଥା ଡୁମୁଡୁମା ଓ କଳ୍ପନାରେ ନିର୍ମାଣ କରାଯାଇଛି 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର' । ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷା କେନ୍ଦ୍ର ବିଏମସିକୁ ହସ୍ତାନ୍ତରିତ କରାଯାଇଛି । ଏହି ଦୁଇଟି କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଶ୍ରମିକ ଦିବସରେ ଉଦ୍‌ଘାଟନ କରିଥିଲେ । ଶ୍ରମଜୀବୀମାନଙ୍କ ଗାରିମା ବୃଦ୍ଧିରେ ସହାୟକ ହେବା ଉଦ୍ଦେଶ୍ୟରେ ନିର୍ମିତ ଡୁମଡୁମାସ୍ଥିତ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରାଯିବାର ପ୍ରାୟ ୭ମାସ ବିତିଯାଇଥିଲେ ମଧ ଏଯାଏ ତାହା ଶ୍ରମିକଙ୍କ କାମରେ ଲାଗିପାରିଲା ନାହିଁ । କାରଣ ଉଦ୍‌ଘାଟନ ଦିନରୁ ଏଠାରେ ତାଲା ଝୁଲୁଛି । ପୂର୍ବଭଳି ସକାଳୁ ସକାଳୁ ରାସ୍ତାରେ ଭିଡ଼ ଜମୁଛି । ତେବେ ପ୍ରାୟ ୧ କୋଟି ଟଙ୍କା ବ୍ୟବୟରେ ନିର୍ମିତ ଏହି କେନ୍ଦ୍ରରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟସ୍ଥଳୀ ସୁବିଧା ରହିଛି । ଯେଉଁଠି ଉଭୟ ମହିଳା ଓ ପୁରୁଷ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଶ୍ରମଜୀବୀମାନେ ଆଶ୍ରୟ ନେଇପାରିବେ । ସେହିପରି କେନ୍ଦ୍ର ପରିସରରେ ଏକ ଦୋକାନ ଘର ରହିଛି, ଯେଉଁଠାରେ ଚା, ପାନ, ଜଳଖିଆ ଆଦି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ସମେତ ପାନୀୟ ଜଳ,ଶୌଚାଳୟ ଏବଂ ପାର୍କର ମଧ ସୁବିଧା ରହିଛି । ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଉନଥିବାରୁ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି, ଏହି କେନ୍ଦ୍ରରେ ରହିଥିବା ଶୌଚାଳୟର ସଫାସୁତୁରା ଓ ପରିଚାଳନା ଠିକ୍ ଭାବେ କରାଯିବା ଜରୁରୀ ହୋଇଥିବା ବେଳେ ଏଥିପାଇଁ କାହାରିକୁ ନିଯୁକ୍ତି କରାଯାଇନାହିଁ । ସେହିପରି ପାର୍କର ଦାୟିତ୍ୱ ଏବଂ କେନ୍ଦ୍ର ସୁରକ୍ଷା ନିମନ୍ତେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି କରାଯିବା ପରେ ଏହାକ କାର୍ଯ୍ୟକ୍ଷମ ହେବ । ଏଥିପାଇଁ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରାଯାଇଛି । ଖୁବଶିଘ୍ର ଉକ୍ତ ସଂସ୍ଥା ନିଯୁକ୍ତି କରିବାକୁ ଆଲୋଚନା ହୋଇଛି । ଏହାପରେ ସପ୍ତାହେ କି ୨ସପ୍ତାହ ମଧ୍ୟରେ ଏହି କେନ୍ଦ୍ର ଖୋଲାଯାଇ ବ୍ୟବହାର କରାଯିବ । ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ଏହି କେନ୍ଦ୍ର ଖୋଲା ରହିବ ବୋଲି ସୂଚନା ରହିଛି ।

ସେହିପରି କଳ୍ପନାରେ ନିର୍ମିତ ଏହି ପ୍ରତୀକ୍ଷା କେନ୍ଦ୍ର ଯଦିଓ ଖୋଲା ରହିଛି କିନ୍ତୁ ଏହାକୁ ସଠିକ୍ ଭାବେ ପରିଚାଳନା କରାଯାଉନଥିବା ଅଭିଯୋଗ ହୋଇଛି । ଏଠାରେ କେହି ସୁରକ୍ଷାକର୍ମୀ ନଥିବାରୁ ସନ୍ଧ୍ୟା ହେଲେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ପାଲଟୁଛି ନିଶାଡିଙ୍କ ଆଡ୍ଡାସ୍ଥଳୀ । ତେଣୁ ଯଥାଶିଘ୍ର ବିଏମସି ଏହାର ପରିଚାଳନା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ଶ୍ରମିକମାନେ ନିବେଦନ କରିଛନ୍ତି ।

### ଦାଦନଗଡ଼ରେ ଶ୍ରମିକଙ୍କ...

କେରଳରେ ୨ଜଣ, ତାମିଲନାଡୁରେ ୬ ଓ ଆନ୍ଧ୍ର ପ୍ରଦେଶରେ ୭ଜଣ ଶ୍ରମିକ ନିଜ ଜୀବନ ହାରିଥିବା ଅତିରିକ୍ତ ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ସୂଚନା ଦେଇଛନ୍ତି । ଗଞ୍ଜାମ ଜିଲ୍ଲାରୁ ଦେଶର ବିଭିନ୍ନ ରାଜ୍ୟକୁ ପ୍ରତିଦିନ ଶହ ଶହ ଶ୍ରମିକ ଚାଲାଣ ହେଉଛନ୍ତି । ଶେରଗଡ଼, ହିଞ୍ଜିଳି, ଭଞ୍ଜନଗର ଓ ଆସିକା ସମେତ ଅନ୍ୟାନ୍ୟ ବ୍ଲକ୍‌ରୁ ଦଲାଲ୍ ମାନେ ବେଧଡ଼କ ଭାବେ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟକୁ ଯୁବକଯୁବତୀଙ୍କୁ କାମ ଲାଳସା ଦେଖାଇ ନେଉଛନ୍ତି । ଦୁଃଖର ବିଷୟ ହେଉଛି କର୍ମ ସଂସ୍ଥାରେ ନିୟୋଜିତ ପରେ ଶ୍ରମିକଙ୍କୁ କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ମୁତାବକ ପ୍ରତିକାରକ ମୂଳକ ପଦକ୍ଷେପ କିମ୍ବା ସ୍ୱାସ୍ଥ୍ୟ ସେବା ଜନିତ ମିଳୁନଥିବାରୁ ଅକାରଣରେ ପ୍ରାଣ ହରାଉଛନ୍ତି । ଫଳରେ କର୍ମ ସନ୍ଧାନରେ ଯାଇ ମର ଶରୀର ଭିଟାମାଟିକୁ ଫେରୁଛି । ଦୁର୍ଭାଗ୍ୟର ବିଷୟ ମୃତ୍ୟୁବରଣ କରିଥିବା ୨୪ଜଣଙ୍କ ମୃତ୍ୟୁ ଶ୍ରମଙ୍କ ମଧ୍ୟରୁ ମାତ୍ର ଜଣେ ଶ୍ରମିକଙ୍କ ଶ୍ରବ କାଡର୍ ରହିଛି । ବିଭିନ୍ନ ସମୟରେ ତୃଣମୂଳ ସ୍ତରରେ ବିଭାଗର ସଚେତନତା ଅଭାବ କାରଣରୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେଉନଥିବା ସହ ଏହାର ଲାଭ ପାଉପାରୁ ନାହାନ୍ତି । ଅନ୍ୟପକ୍ଷେ ଜିଲ୍ଲାରେ ସଚେତନତା ଅଭାବରୁ ଶ୍ରମିକ ମାନେ ପଞ୍ଜୀକରଣ କରୁନଥିବାରୁ ମୃତ୍ୟୁକାଳୀନ ସହାୟତା ରାଶି ମଧ ମିଳିପାରୁନାହିଁ । ଶ୍ରମିକ ମାନଙ୍କୁ ଚାଲାଣ କରୁଥିବା ପଞ୍ଜୀକୃତ ଦଲାଲଙ୍କ ସୂଚୀ ବିଭାଗ ପାଖରେ ଉପଲବ୍ଧ ନାହିଁ । ଯଦ୍ୱାରା ଜିଲ୍ଲର କେଉଁ ପଞ୍ଚାୟତରୁ କେତେ ଲୋକ ଦାନ ଖଟିବାକୁ କେଉଁ କେଉଁ ରାଜ୍ୟକୁ ଯାଉଛନ୍ତି ତାହାର ହିସାବ ରହୁନି । ଏହା ଦ୍ୱାରା ଦିନକୁ ଦିନ ଗଞ୍ଜାମ ଜିଲ୍ଲାରେ ଦାଦନ ଦୁଖଃ କମୁନଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ନେଇ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଶ୍ରବ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅପରପକ୍ଷେ ପଞ୍ଜିକୃତରୁ ବାଦ ପଡ଼ିଥିବା ଶ୍ରମିକଙ୍କ ମୃତ୍ୟୁ ହିସାବ ବିଭାଗ ପାଖରେ ରହୁନି । ବର୍ଷକୁ ଶତାଧିକ ଦାଦନଙ୍କ ମୃତ୍ୟୁ ହେଉଥିବା ବେଳେ ସରକାରୀ ସ୍ତରରେ ଏହାର ତଥ୍ୟ ରହୁନଥିବା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ୪ ନାବାଳିକାଙ୍କୁ ଅପହରଣ ପରେ ରାଜସ୍ଥାନରେ ବିକ୍ରି ଓ ଦୁଷ୍କର୍ମ ଘଟଣା

# ୨ ଦୋଷୀଙ୍କୁ ଆଜୀବନ, ଜଣକୁ ୭ ବର୍ଷ କାରାଦଣ୍ଡାଦେଶ

ବାରିପଦା,୨୦।୧୦(ସମିସ): ୪ ନାବାଳିକାଙ୍କୁ ଅପହରଣ କରି ରାଜସ୍ଥାନରେ ବିକ୍ରି ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଛି । ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେସାଲ ପୋକସୋ କୋର୍ଟର ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦୁଇଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥବା ବେଳେ ଜଣକୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଆଜୀବନ କାରାଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଦ୍ୱୟ ହେଲେ ଶରତ ଥାନା ଅଧୀନ କଟୁରିଆ ମାହାରା ସାହିର ଧନେଶ୍ୱର ମୁର୍ମୁ(୨୩) ଓ ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲା ଗୋପିବଲ୍ଲଭପୁର ଥାନା ପଠାଣୀ ଅର୍ମଦା ଗ୍ରାମର ଶ୍ୟାମ ସୁନ୍ଦର ରଣା(୪୩) । ଉଭୟଙ୍କୁ ୩୦ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ସେହିପରି ଅନ୍ୟ ଅଭିଯୁକ୍ତଜଣଙ୍କ ହେଲେ, ରାଜସ୍ଥାନର ବରଦା ଥାନା ଅଧୀନ ବରଣସଦର ଅଞ୍ଚଳର ରାମ ସୁମନ(୨୯) । ତାଙ୍କୁ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ସୂଚନା ମୁତାବକ, ଚଳିତବର୍ଷ ଏପ୍ରିଲ ମାସରେ ପଶ୍ଚିମବଙ୍ଗ ଓ ରାଜସ୍ଥାନର ଦୁଇ ଅଭିଯୁକ୍ତ ଶ୍ୟାମସୁନ୍ଦର ଓ ରାମ ସୁମନ ଶରତ ଥାନା ଅଞ୍ଚଳରୁ ଧନେଶ୍ୱରଙ୍କ ଜରିଆରେ ୪ ନାବାଳିକାକୁ କାମ ଯୋଗାଇବା ପାଇଁ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ । ନାବାଳିକାଙ୍କ ପରିବାରଲୋକଙ୍କୁ ଅବଗତ ନକରି ଗତ ଏପ୍ରିଲ ୧୮ରେ ରାଜସ୍ଥାନକୁ ଅପହରଣ କରି ନେଇଯାଇଥିଲେ । ସେଠାରେ ସମସ୍ତ ନାବାଳିକାକୁ ବିକ୍ରି କରି ପୁର୍ନବାର ଧନେଶ୍ୱର ନିଜ ଅଞ୍ଚଳକୁ ଫେରି ଆସିଥିଲା । ନାବାଳିକାମାନଙ୍କ ସହ ପରିବାରଲୋକେ କୌଣସି ସମ୍ପର୍କ ରଖିନପାରିବାରୁ ବହୁ ଖୋଜାଖୋଜି କରିବା ପରେ ଘଟଣା ପଦାକୁ ଆସିଥିଲା । ଏହି ନାବାଳିକାଙ୍କ ମଧ୍ୟରୁ ଜଣଙ୍କୁ ଜବରଦସ୍ତି ବିବାହ କରାଯାଇଥିବା ବେଳେ ଅନ୍ୟମାନଙ୍କ ସହ ବଳାତ୍କାର କରାଯାଇଥିବା ନେଇ ପରିବାରଲୋକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତି କରି ପୁଲିସ ପୋକସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ସମସ୍ତ ନାବାଳିକାକୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସମସ୍ତଙ୍କ ବୟାନ ରେକର୍ଡ କରିବା ପରେ ଡାକ୍ତରୀମାଇନା କରିଥିଲା । ୧୭ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ ।


**AFFIDAVIT**

By virtue of an affidavit sworn before the Notary Public, Sonepur, dtd.20.12.2025, I, SUCHITRA MAHAKUD, At- Sindurpuri, P.O. Khakata, P.S. Manamunda, Dist. Boudh hereby declare that my correct name is SUCHITRA MAHAKUD. but in my Voter Card It is mentioned as LIPSARANI MAHAKUD. That both the name s are refer to same and one person i.e. myself. Henceforth I shall be known as **SUCHITRA MAHAKUD** for all purposes.
**Sd/- SUCHITRA MAHAKUD**

**AFFIDAVIT**

I, Dasarath Aditya Murmu, aged about 37 years, S/o- Surai Majhi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- dhenkanal, Odisha, Pin- 759001, declare by this affidavit No. 2571, dtd- 20/12/2025, that now onwards I shall be known as **ADITYA MAJHI** for all future purposes.

**AFFIDAVIT**

I, Surai Murmu, aged about 74 years, S/o- Dasa Mathi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- Dhenkanal, Odisha, Pin- 759001, declare by this affidavit No. 2572, dtd- 20/12/2025, that now onwards I shall be known as **SURAI MAJHI** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar dated 15/12/2025. I, Sasmi Rekha Mohapatra, W/O. Sunil Kumar Panda, R/o. Plot No.249/2439, Barabari, Jagamara, Ps- Khandagiri, BBSR-751030, Dist- Khordna, Odisha, declare by this affidavit. that, now onwards I shall be known as **'Sashmirekha Mohapatra'** for all future purposes

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.19.12.2025, I, JANGYASINI BAGH, At- Bankbija, P.O. S. Kalapathar, P.S. Sonepur, Dist. Subarnapur hereby declare that my correct name is JANGYASINI BAGH and DOB is 17.06.1989. It is clarified that the name JAINASENI BAGH and date of birth 01.01.1988 appearing in my Aadhaar Card pertain to myself only due to clerical error. Henceforth, **JANGYASINI BAGH (DOB: 17.06.1989)** shall be treated as correct for all purposes.

**AFFIDAVIT**

By virtue of an affidavit No.2533 before the Executive Magistrate, Sukinda, Jajpur, dtd. 11.09.2025. I, CHANCHALA MOHANTA, W/o- Budhiram Mohanta, of Vill- Sansailo Tata Colony, P.O. Sansailo, P.S. Sukinda, Dist.- Jajpur declare that my correct name is CHANCHALA MOHANTA & DOB is 01.04.1964 but in my Aadhar card bearing no. 578276803340 it is mentioned as CHANCHAKLA MOHANTA and DOB 01.01.1943. Henceforth, **CHANCHALA MOHANTA, DOB: 01.04.1964** shall be treated as correct for all purposes.

**AFFIDAVIT**

By virtue of an affidavit (CF No. 01, dtd- 20/12/2025) sworn before the Executive Magistrate, Padampur. I, **Abhikesh Chhatar,** S/o- Phulkumar Chhatar, permanent & current resident of AT- Angul, PO- Dava, Dist- Bargarh, PIN- 768042, Odisha declare that I have changed my name from **Abhisek Chhatar to Abhikesh Chhatar.** Henceforth, I shall be known as **Abhikesh Chhatar** (new name) for all purposes.
**Abhikesh Chhatar**

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.15.12.2025, I, Dwitikrushna Badamali, At- Kadodar, P.O. Kadodar, P.S. Birmaharajpur, Dist. Subarnapur hereby declare that I have changed my name from Ditikrushna Badamali to Dwitikrushna Badamali. Henceforth I shall be known as **Dwitikrushna Badamali** for all purposes.
**Sd/- Dwitikrushna Badamali**

**LOST**

I, **Saroj Kumar Sahu,** S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd- 31.07.2014 & the original patta of M.S.R.O.R Khata No. 152/339 (Issue dtd. 23.09.2021) Mouza- Purena, PS- Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.
**Saroj Kumar Sahu**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1266, dated 19.12.2025 I, BALMATI MUDULI, W/o - Binod Muduli , Residences of Village - Charamula, Po- Charamula, Ps- Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Daughter from RASAMATI MUDULI to ANJANA MUDULI. Henceforth, she shall be known as **ANJANA MUDULI** for all purposes.
**Sd/- Balmati Muduli**

**AFFIDAVIT**

By virtue of an affidavit (CF No. 41) sworn before The Notary Public, Jharsuguda dated- 03/12/2025. I, **Sudish Sah,** S/o- Mahesh Sah, resident of Near Durga Mandir, Beheramal, P.O. Industrial Estate, Jharsuguda, Odisha, do hereby declare that my name has been wrongly mentioned as **Sudishta Sah** in the Aadhaar Card and PAN Card of my son, **Chunnu Kumar.** I clarify that **Sudish Sah, Sudisti Sah** and **Sudishta Sah** all refer to one and the same.

**AFFIDAVIT**

By virtue of an Affidavit before the Court of the Executive Magistrate, Angul, **I, Reeta Behera,** W/o.: Ghadisen Behera, resident of At/PO.: Natada, PS: Angul Sadar, Dist.: Angul, Odisha-759123, declare by this Affidavit No.: 6239, Dated: 20.12.2025 that I have changed my name from **Rupa Behera** to **Reeta Behera.** Henceforth I shall be known as **Reeta Behera** for all future purposes.

**LOST**

By virtue of an affidavit sworn before the Notary, Angul, dtd- 19.12.2025, I, **Koushal Kishorre Agrawalla,** 55 years, S/o- Late Bipin Kumar Agrawalla, resident of Vill- Shanti Bazar, Angul Town, Po/Ps/Dist- Angul, PIN- 759122, Odisha declare that vide Khata No. 151, Plot No.1383, Area Ac.0.26 dec, Kissam Sarad-I of Mouza Hulurisingha. The registered Sale Deed bearing No. 10011502681 has been lost. I shall not be held responsible for any misuse of the same.
**Koushal Kishorre Agrawalla**

**ହଜିଛି**

ମୁଁ, **ବିଭୁତି ଭୂଷଣ ସାହୁ,** ପିତା: ୰ ଗୌରାଙ୍ଗ ସାହୁ, ବାସସ୍ଥାନ: ସତଲମା, ଥାନା: ବରପାଲି, ଜିଲ୍ଲା: ବରଗଡ, ବୟସ: ୬୩ ବର୍ଷ, ଏତଦ୍ୱାରା ଶପଥପାଠ ମାଧ୍ୟମରେ ଘୋଷଣା କରୁଅଛି କି, ମୋ ପରିବାରର ମୂଳ "ପଟ୍ଟା" ଦର୍ଶିତ ମୌଜା: ସତଲମା, ତହସିଲ: ବରପାଲି, ଖାତା ନଂ.: ୧୨୫, କ୍ଷେତ୍ର: ଏକର ୫.୭୫ ଡିସିମିଲି, ବରପାଲି ଠାରେ ତା.୧୬.୧୨.୨୦୨୫ରିଖରେ କେଉଁଠାରେ ହଜି ଯାଇଛି । କଥିତ ଦଲିଲ୍‌କୁ ମୁଁ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରି ନାହିଁ । ଯଦି ଭବିଷ୍ୟତରେ ମୁଁ ଏହାକୁ ପାଏ, ତାହାକୁ ବ୍ୟାଙ୍କ ଅଫ୍ ବରୋଦା ବରପାଲିରେ ଜମା ଦେବି । ଯଦି କୌଣସି ବ୍ୟକ୍ତି ଏହି ଦଲିଲ୍ ପାଆନ୍ତି ତେବେ ନିମ୍ନଲିଖିତ ଆଇନଗତ ଉତରାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ । (୧) **ବିଭୁତି ଭୂଷଣ ସାହୁ: ୯୮୬୧୪୨୭୯୧୦, (୨) ସୁଧିର କୁମାର ସାହୁ: ୯୯୩୮୭୨୯୪୬୫, (୩) ବିବେକାନନ୍ଦ ସାହୁ: ୯୯୩୭୪୩୭୩୨୨**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
**Campus:**
262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**
**AT/PO: ATHMALLIK, DIST-ANGUL-759125.** MM-404
E-mail: dfoathmallikt@gmail.com Mob: +91 9437004236.
Letter No. 5966/1F Section/ (55/2025-26) / Dt. 17. Dec., 2025
**INVITATION FOR BIDS (IFB)**
**E- Procurement Bid Identification No. DFO(ALK)-FE & CC-02/2025-26**

1. The Divisional Forest Officer, Athmallik, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work **Construction of staff barrack at Ghodagadi under Madhapur Range.**

2. Nature of Work : Building Works
3. Class of Contractor : C&D Class
4. Estimated Cost : 1504726.00
5. Completion Period : 2.5 Calendar Months
6. Availability of Bid Documents : 22.12.2025 (11.00 AM) to 04.01.2026(05.00 PM)
7. Last Date for Receipt of Bids : 04.01.2026 up to 05.00 PM
8. Opening of Bids : 05.01.2026 at 11:30 AM

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.
Sd/-
Divisional Forest Officer
Athmallik Forest Division
OIPR-08125/11/0025/2526

**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT**
**(GOVT. OF ODISHA)** CAD-2784
**TENDER CALL NOTICE**
**Bid Identification No: PA (ITDA) -KPT- 06/25-26**
**Letter No: 4173 /Dated: 19/12/2025**

| SI. No. | Particulars | Date | Time |
|---|---|---|---|
| 01 | Dale of Publication | 19.12.2025 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 03.01.2026 | 5.30 PM |
| 03 | Date of Opening of Bid & Finalization / Selection of Bidder | 06.01.2026 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders under I.T.D.A Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in from I.T.D.A Koraput.
3. The Bidder or Authorize representative must attend this Office on 06.01.2026 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

**Project Administrator**
**I.T.D.A., Koraput**
OIPR-19271/11/0006/2526

**THE ORISSA MINERALS DEVELOPMENT COMPANY LTD.**
**(A Government of India Enterprise)**
**CIN: L51430OR1918GOI034390**
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF UNAUDITED STANDALONE FINANCIAL RESULTS FOR THE HALF YEAR ENDED 30th SEP'2025 - IND-AS COMPLIANT**
(Rs.in Lakhs)

| SL. NO. | PARTICULARS | Half Year Ended | | Year Ended |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation / Other Income | 4,744.05 | 3,858.04 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 47.96 | (88.63) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 47.96 | (88.63) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 47.96 | (88.63) | (4,840.40) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 35.49 | (128.68) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the prevision year | (5,182.31) | (1,262.60) | (5,217.81) |
| 8 | Net Worth | (5,122.31) | (1,202.60) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | 0.59 | (2.14) | (67.04) |
| | 2. Diluted | 0.59 | (2.14) | (67.04) |

1. The above results of the Company were approved by the Board of Directors at their respective meetings held on 19th December'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com).

Place: Bhubaneswar
Date: 19th December'2025

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

# ରାସ୍ତାକଡ଼ରେ ସାପ୍ତାହିକ ହାଟ ଯୋଗୁଁ ଧନଜୀବନ ହାନି



**ଆନନ୍ଦପୁର, ୨୦।୧୨ (ସମିସ):**

ଆନନ୍ଦପୁର-ଭଦ୍ରକ-କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥ ଏବଂ ୨୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ସାପ୍ତାହିକି ହାଟ ଓ ଦୈନିକ ବଜାର ଯୋଗୁଁ ନିତି ପ୍ରତିଦିନ ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଛି। ଏହି ସବୁ ହାଟଗୁଡିକୁ ସରକାରୀ ଭାବେ ପଞ୍ଚାୟତ ଓ ପୌରପାଳିକା ବର୍ଷକୁ ବର୍ଷ ନିଲାମ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାକୁ ବାରଣ କରାଯାଉନାହିଁ। ରାସ୍ତା ପାର୍ଶ୍ୱରୁ ଏହି ସାପ୍ତାହିକ ହାଟ ଓ ବଜାର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସଚେତନ ନାଗରିକମାନେ ଦାବି କରିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି। ଜଙ୍ଗଲିଆ ଘାଟି ରାସ୍ତା ଇଉଟର୍ନ ଭଳି ବାଙ୍କ ରାସ୍ତା ନୂଆକରି ଆସୁଥିବା ଡ୍ରାଇଭରଙ୍କ ଅଜ୍ଞତା ଏବଂ ନିଶା ଖାଇ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ହେଉଥିବା ବେଳେ ରାସ୍ତା କଡ଼ରେ ହାଟ ଅନ୍ୟ ଏକ କାରଣ ବୋଲି କୋଲିମାଟି ନିକଟରେ ହୋଇଥିବା ସିରିଜ ଦୁର୍ଘଟଣା ଜ୍ୱଳନ୍ତ ଉଦାହରଣ ସାଜିଛି। ରାସ୍ତା କଡ଼ରେ ସାପ୍ତାହିକି ହାଟ ଯୋଗୁଁ ଅତ୍ୟନ୍ତ ବିପଦସଙ୍କୁଳ ପାଲଟିଛି ୨୦ ନମ୍ବର ଜାତୀୟ ରାଜପଥ। ପର୍ଯ୍ୟଟନ ଋତୁରେ ପ୍ରତିବର୍ଷ ତୀର୍ଥଯାତ୍ରୀ ଗୁରୁତର ହୋଇପଡୁଛନ୍ତି। ଧନଜୀବନ ହାନି ହେଉଥିବାରୁ ଉତ୍ତେଜନା ପ୍ରକାଶ ପାଇବା ସହିତ ପୋଡାଜଳା ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏଠାରେ ଓଭରବ୍ରିଜ୍ ନିର୍ମାଣ ଦାବିରେ ସ୍ଥାନୀୟ ଲୋକ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

- ନିତିଦିନ ଗଡୁଛି ମୁଣ୍ଡ
- ପ୍ରଶାସନ-ପୁଲିସ ନିଦାବିଷ୍ଟୁ

# ବଡ଼ବିଲ ମହୋତ୍ସବ ପ୍ରସ୍ତୁତି




ବଡ଼ବିଲ,୨୦।୧୨(ସମିସ): ୨୬ତମ ବଡବିଲ ମହୋତ୍ସବ ପାଇଁ ଟାଉନ ହଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆସନ୍ତା ୨୦୨୬-ଜାନୁଆରୀ ୨୯, ୩୦, ୩୧ ଓ ଫେବୃୟାରୀ ୧ ତାରିଖ ୪ ଦିନ ଧରି ଏହି ସାଂସ୍କୃତିକ ମହୋତ୍ସବ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ପୌରନିର୍ବାହୀ ଅଧିକାରୀ ତଥା କୋର୍ କମିଟି ସମ୍ପାଦକ ରମେଶଚନ୍ଦ୍ର ନାୟକ ଗତବର୍ଷ ଆୟୋଜିତ ମହୋତ୍ସବର ବିସ୍ତୃତ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ବିଭିନ୍ନ ନାଗରିକଙ୍କ ମତ ଆହ୍ୱାନ କରାଯିବା ପରେ ଆଗାମୀ ମହୋତ୍ସବରେ ଚାରି ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁଷ୍ପ ଓ ପନିପରିବା ପ୍ରଦର୍ଶନୀ, ଆଞ୍ଚଳିକ ନୃତ୍ୟ, ଅନ୍ୟ ରାଜ୍ୟର ନୃତ୍ୟ ଓ ସଙ୍ଗୀତ ପରିବେଷଣ, ସ୍କୁଲ ପିଲା ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆଦିର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ନଗରପାଳ ଲକ୍ଷ୍ମଣ ମହାନ୍ତ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ, ସାମାଜିକ କର୍ମୀ ବିଜୟ ମହାନ୍ତି, ମହୋତ୍ସବ ପାଳନ ସମିତି କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ ଯାଦବ, ସମ୍ପାଦକ ନୀଳମଣି ମହାନ୍ତ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ମହୋତ୍ସବ ସଭାରେ ଉଠିଲା ଆନନ୍ଦପୁର ଜିଲ୍ଲା ପ୍ରସଙ୍ଗ

# ଡବଲ୍ ଇଞ୍ଜିନ୍ ସରକାର ଥାଇ ହେଉନି କାହିଁକି ?

**ଆନନ୍ଦପୁର, ୨୦।୧୨(ସମିସ):**

ଅବିଭକ୍ତ କେନ୍ଦୁଝର ଜିଲ୍ଲାର ସର୍ବବୃହତ ଆନନ୍ଦପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପ୍ରସଙ୍ଗ ଉଠାଇଛନ୍ତି କଂଗ୍ରେସ ନେତା ଜୟଦେବ ଜେନା। ବାଣିଜ୍ୟ ମହୋତ୍ସବ ସାଧାରଣ ସଭାରେ ବିଶିଷ୍ଟ ଅତିଥି ଭାବେ ସେ ଏନେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଉପରେ ପ୍ରଶ୍ନ ଉଠାଇଥିଲେ। ବିଜେପି ନେତା ଦୁଇବର୍ଷ ପୂର୍ବରୁ ଜିଲ୍ଲା ଆନ୍ଦୋଳନରେ ସାମିଲ ହୋଇଥିଲା ବେଳେ ଏବେ ଶାସନ ଡୋରି ନିଜ ହାତରେ ତାଇ ହୋଇପାରୁନି କାହିଁକି? ବୋଲି ପ୍ରଶ୍ନ କରିଥିଲେ। ଆନନ୍ଦପୁର କଲେଜକୁ ସ୍ୱୟଂଶାସିତ ଦାବି ପୂରଣ ହେଉନି। ଆନନ୍ଦପୁରକୁ ରେଳପଥ ସଂଯୋଗ କେନ୍ଦ୍ର ସରକାରଙ୍କ ହାତରେ ଡବଲ ଇଂଜିନ ସରକାର ଥାଇ ମଧ୍ୟ ହୋଇପାରୁ ନଥିବାରୁ ରାଜ୍ୟରେ ବିଜେପି ସରକାର କେତେ ପାରଙ୍ଗମ ସେନେଇ କଟାକ୍ଷ କରିଥିଲେ। ଆନନ୍ଦପୁର ଉପଖଣ୍ଡ କ୍ରମାଗତ ଅବହେଳାର ଶିକାର ହେଉଥିବାରୁ ଜିଲ୍ଲା ମାନ୍ୟତା ଦାବିକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ୧୯୯୩ରେ ଜିଲ୍ଲା ପୁନର୍ଗଠନରେ ଆନନ୍ଦପୁର ବାଦ୍ ପଡ଼ିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବର୍ତ୍ତମାନ ପ୍ରସ୍ତାବିତ ପୁନର୍ଗଠନ ପ୍ରକ୍ରିୟାରେ ଆନନ୍ଦପୁରବାସୀ ବେଶ୍ ଆଶାବାଦୀ। କେନ୍ଦୁଝର ସଦର ମହକୁମାଠାରୁ ଆନନ୍ଦପୁର ପ୍ରାୟ ୧୫୦ କିମି ଦୂରତାରେ ଅବସ୍ଥିତ।



ପ୍ରଶାସନିକ କ୍ଷେତ୍ରରେ ସ୍ୱାଭାବିକ ଭାବରେ ସମନ୍ୱୟର ଅଭାବ ପରିଲକ୍ଷିତ ହୁଏ। ଲୋକସଂଖ୍ୟା ଦୃଷ୍ଟିରୁ କେନ୍ଦୁଝର ଜିଲ୍ଲା ରାଜ୍ୟର ସପ୍ତମ ବୃହତ ଏବଂ ଭୌଗୋଳିକ ଆୟତନ ଦୃଷ୍ଟିରୁ ଚତୁର୍ଥ ବୃହତ ଜିଲ୍ଲା। ସମ୍ପ୍ରତି ଆନନ୍ଦପୁର ଉପଖଣ୍ଡ ତିନିଟି ବ୍ଲକ ତଥା ତିନିଟି ତହସିଲ ଓ ପୌର ପରିଷଦ ସମେତ ୭୩ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଛି। ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଆନନ୍ଦପୁରକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବରେ ଘୋଷଣା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଆସୁଛି ଓ ନୂତନ ଜିଲ୍ଲା ପୁନଃଗଠନ ବେଳେ ଆନନ୍ଦପୁରକୁ ଜିଲ୍ଲା ମାନ୍ୟତା ଦେବା ପାଇଁ ଦାବି ହୋଇଥିଲା। ସେହିଭଳି ଆନନ୍ଦପୁରରେ ଅତିରିକ୍ତ ପରିବହନ ବିଭାଗ ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖୋଲିବାର ଆବଶ୍ୟକତା ରହିଛି। ଆନନ୍ଦପୁରକୁ ନୂତନ ଜିଲ୍ଲା ମାନ୍ୟତା ଦିଆ ନ ଗଲେ ଆଗାମୀ ଦିନରେ ଏହି ଦାବିନେଇ ବ୍ୟାପକ ଜନ ଆନ୍ଦୋଳନ କରାଯିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ।

## ଜଙ୍ଗଲ ଜମିରେ ଘର ନିର୍ମାଣ କାର୍ଯ୍ୟ ବନ୍ଦ

ତୁରୁମୁଙ୍ଗା, ୨୦।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ଆରଆଇ ସର୍କଲ ୪୯ ନମ୍ବର ନମ୍ବର ଜାତୀୟ ରାଜପଥ କଡ଼ ଚେମଣାଠାରେ ଥିବା ଏକ ଜଙ୍ଗଲ ଜମିରେ ଚେମଣା ଗ୍ରାମର ଜଣେ ବ୍ୟକ୍ତି ଘର ତିଆରି କରୁଥିବା ସମୟରେ ବନ ବିଭାଗ ଘର କାମକୁ ବନ୍ଦ କରିଛି। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଡଲିରାଣୀ ସାହୁ, ଅନିତା ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ନାୟକ ଏବଂ ପାରଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି କାମକୁ ବନ୍ଦ କରିଛନ୍ତି। ଏଥିସହ ଏସିଏଫ ଡକ୍ଟର ସୁଦୀପ୍ତ ପଣ୍ଡା ତହସିଲଦାରଙ୍କୁ ଏ ବାବଦରେ ଜଣାଇଛନ୍ତି।

# ପତ୍ନୀହନ୍ତାକୁ କାରାଦଣ୍ଡାଦେଶ ଓ ଜରିମାନା

**ଚମ୍ପୁଆ, ୨୦।୧୨(ସମିସ):**

ଏକ ପତ୍ନୀ ହତ୍ୟା ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣୟ କୁମାର ଦାସ ଆସାମୀକୁ ୫ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଚମ୍ପୁଆ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଦୀପକ କୁମାର ମହାନ୍ତ ଭକ୍ତ ଗ୍ରାମର ଭାଗୀରଥି ମହାନ୍ତଙ୍କ ଝିଅ ଶାନ୍ତିଲତା ମହାନ୍ତଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଦୀପକ ମହାନ୍ତଙ୍କ ପରକୀୟା ପ୍ରୀତିକୁ ଶାନ୍ତିଲତା ବିରୋଧ କରିବାରୁ ଦୀପକ ଶାନ୍ତିଲତାର ତଣ୍ଟି ଚିପି ହତ୍ୟା କରିବା ପରେ ଶବକୁ ଏକ ପିକଅପ ଗାଡ଼ିରେ ଚମ୍ପୁଆ ଡାକ୍ତରଖାନା ଆଣିଥିଲେ ହେଁ ସେଠାରେ ଡାକ୍ତର ଶାନ୍ତିଲତାକୁ ମୃତ ଘୋଷଣା କରିଥିଲେ। ଏନେଇ ଚମ୍ପୁଆ ଥାନାରେ ମାମଲା କରାଯାଇଥିଲା। ମାମଲାର ବିଚାର ସହ ୧୫ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତର ମାଇନା ରିପୋର୍ଟକୁ ଆଧାର କରି ଆସାମୀ ଦୀପକ ମହାନ୍ତକୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ମଧୁସୂଦନ ପତି ମାମଲା ପରିଚାଳନା କରିଥିଲେ।

## ସପ୍ତମ ବାର୍ଷିକ ଫୁଟବଲ୍ ଆରମ୍ଭ

କେନ୍ଦୁଝର, ୨୦।୧୨ (ସମିସ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡ଼ପଟା ପଞ୍ଚାୟତ ତେନ୍ତୁଳିପୋଶି ଗ୍ରାମରେ ମାରାଙ୍ଗବୁରୁ ମାର୍ଶାଲ ଆସେସିଏସନ୍ ମିତଲ ପୁସ୍ କ୍ଲବ ପକ୍ଷରୁ ତିନିଦିନିଆ ସପ୍ତମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ଶଗଡପଟା ସରପଞ୍ଚ କୁମ୍ଭକର୍ଣ୍ଣ ଦଣ୍ଡପାଟ, ସମ୍ମାନିତ ଅତିଥି ପ୍ରଫୁଲ୍ଲ ପାତ୍ର, ବଳରାମ ନାଏକ, ସୁଧିର ନାଏକ, ସମାଜସେବୀ ପ୍ରତାପଚନ୍ଦ୍ର ରାଉତ, ପୂର୍ବତନ ବିଜେପି ମଣ୍ଡଳ ସଭାପତି ପୁରେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ୍ ସଭାପତି ବସନ୍ତ ହେମ୍ବ୍ରମ ସମ୍ପାଦକ ବିରାମ ହେମ୍ବ୍ରମ ଅତିଥିମାନଙ୍କୁ ସ୍ୱାଗତ କରି ଖେଳ ପରିଚାଳନା କରିଥିଲେ।

## ୫୫ ଫୁଟ ପଛକୁ, ୫ ଫୁଟ ଉପରକୁ ଉଠିଲା ଛାତଘର

ତୁରୁମୁଙ୍ଗା, ୨୦।୧୨(ସମିସ): ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଏକ ବିରାଟ ଛାତଘର ଭୂଇଁରୁ ୫ ଫୁଟ ଉପରକୁ ଉଠାଯାଉଥିବା ସହ ୫୫ ଫୁଟ ପଛକୁ ମଧ୍ୟ ଅଣାଯାଉଛି। ଜେକ ଓ ଆଧୁନିକ ଜ୍ଞାନକୌଶଳ ସହାୟତାରେ ଘରକୁ ଉପରକୁ ଉଠାଯିବା ସହ ୫୫ ଫୁଟ ତଳ ପଛକୁ ଯାଇପାରୁଛି। ୨୨୦ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ହେବାକୁ ଥିବା ବେଳେ ରାସ୍ତାକଡ଼ରେ ଥିବା ଘରକୁ ନ ଭାଙ୍ଗି ଏଭଳି ଭାବରେ ପଛକୁ ନେଉଛନ୍ତି। କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ୨୨୦ ନମ୍ବର ଜାତୀୟ ରାଜପଥ କଡ଼ର ଧାନବେଣୀଠାରେ ଥିବା ସୁମନ୍ତ ମହାନ୍ତଙ୍କ ଏକ ବିରାଟ ଛାତଘରକୁ ଏଭଳି କରାଯାଇପାରିଛି। ଏଥିପାଇଁ ସେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ସହ ହରିୟାଣାର ଏଚଏସବିଏଲ ନାମକ ହାଉସ ସିଫଟିଂ କମ୍ପାନୀ ଦ୍ୱାରା ଏଭଳି ଘରକୁ ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି। ଘରକୁ ସ୍ଥାନାନ୍ତର ପାଇଁ ମୋଟ ୨୦୦ଟି ଜେକ୍ ଲାଗିଥିବା ବେଳେ ଏକ ମାସ ଧରି ୬ ଜଣ ଶ୍ରମିକ କାର୍ଯ୍ୟ କରୁଛନ୍ତି। ୧୨୦୦ ବର୍ଗଫୁଟ ୬ଟି ରୁମକୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ସେ ପଛକୁ ନେଉଛନ୍ତି। ସୁମନ୍ତ ୧୦ ବର୍ଷ ପୂର୍ବରୁ ଏହି ଛାତଘରଟିକୁ ପାଖାପାଖି ୧୬ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି କରିଥିଲେ। ଏବେକାର ବଜାର ଦର ଅନୁସାରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ସହ ପୁନର୍ବାର ସେହିଭଳି ଘର




ନିର୍ମାଣ କରିଥିଲେ ଆନୁମାନିକ ମୋଟ ୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାନ୍ତା। ମାତ୍ର ଆଧୁନିକ ଜ୍ଞାନକୌଶଳରେ ସେ ବର୍ତ୍ତମାନ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ପୁରା ଘରକୁ ୫୫ ଫୁଟ ପଛକୁ ଏବଂ ୫ ଫୁଟ ଉପରକୁ ଉଠାଉଛନ୍ତି। ସୁମନ୍ତ ବେଙ୍ଗାଲୁରୁରେ ପେଷ୍ଟିଜ କମ୍ପାନୀରେ ସେଫଟି ଅଫିସର ଅଛନ୍ତି। ୟୁଟ୍ୟୁବରୁ ଏଭଳି ଘରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦେଖି କମ୍ପାନୀ ସହ ଯୋଗାଯୋଗ କରି ଘରକୁ ସ୍ଥାନାନ୍ତର କରିପାରୁଥିବା କହିଛନ୍ତି।

## ଜିଲ୍ଲା ଜଳ ବିଭାଜିକା ମହୋତ୍ସବ ପ୍ରସ୍ତୁତି

କେନ୍ଦୁଝର, ୨୦।୧୨(ସମିସ): ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ନେତୃତ୍ୱରେ ମିନି କନଫରେନ୍ସ ହଲରେ ଜଳ ବିଭାଜିକା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ମାଧ୍ୟମରେ କାର୍ଯକାରୀ ହେଉଥିବା ଜଳ ବିଭାଜିକା ବ୍ଲକ ପାଟଣା, ଘଟଗାଁ, ବାଂଶପାଳ, ତେଲକୋଇରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଜଳ ବିଭାଜିକା ବ୍ଲକସ୍ତରୀୟ ସଚେତନତା ଶିବିର, ପ୍ରାକୃତିକ ସମ୍ପଦର ସୁପରିଚାଳନା ଓ ସୁବିନିଯୋଗ ତଥା ଜଳର ସଂରକ୍ଷଣ ସମ୍ବନ୍ଧୀୟ ଆଲୋଚନାଚକ୍ର କରାଯିବ। ଜାନୁଆରୀରେ ହେବାକୁ ଥିବା ଏହି ମହୋତ୍ସବରେ ଶ୍ରମଦାନ, ବୃକ୍ଷରୋପଣ, ନୂତନ ପ୍ରକଳ୍ପ ଲୋକାର୍ପଣ ସହ ନୂତନ ପ୍ରକଳ୍ପର ଭୂମିପୂଜନ ଭଳି କାର୍ଯକ୍ରମର ବ୍ୟବସ୍ଥା ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ଅଶୋକ ସେନାପତି ସୂଚନା ଦେଇଛନ୍ତି। ସୋସିଆଲ ମିଡ଼ିଆ ପ୍ରତିଯୋଗିତା ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ ଚନ୍ଦ୍ରଶେଖର ରଥ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ ସୁକାନ୍ତ ସାହୁ, ଜିଲ୍ଲା ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ପ୍ରମୋଦ ରାଉତ, ସହକାରୀ ନିର୍ଦ୍ଦେଶକ ଜଳ ବିଭାଜିକା ପ୍ରଦୀପ ରାଉତ ଯୋଗ ଦେଇଥିଲେ।

## ଢେଙ୍କା ଅଞ୍ଚଳରେ ବୁଲୁଛି ନରହନ୍ତା ଦନ୍ତା

ହାଟଡ଼ିହୀ/ଆନନ୍ଦପୁର, ୨୦।୧୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର, ଢେଙ୍କା ନିକଟରେ ଆଜି ସକାଳୁ ସକାଳୁ ଏକ ନରହନ୍ତା ଦନ୍ତା ବୁଲିଥିବା ଦେଖି ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ବନବିଭାଗ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଶହ ଶହ ଲୋକ ହାତୀ ପଛରେ ଥିବାରୁ ବନବିଭାଗ ଏବଂ ପୁଲିସ ପକ୍ଷରୁ ଲୋକଙ୍କୁ ହାତୀ ନିକଟକୁ ନଯିବାକୁ ବାରଣ କରାଯାଉଛି। ଦନ୍ତାହାତୀଟି ବିଦ୍ୟାଧରପୁର ନିକଟରୁ ବାହାରି ଢେଙ୍କା, ସଙ୍ଗମ, ପୁରୁଣାପାଣି, ଡ଼ଙ୍ଗାବୁଆ ଆଦି ଜନବସତି ଦେଇ ବଉଳା ପାହାଡ଼ କଡ କଡ଼ ଯାଇଛି। ହାତୀଟି ଗତକାଲି ବାଲେଶ୍ୱର



ଜିଲ୍ଲା ଖଇରା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ମାରିଥିବା ସୂଚନା ମିଳିଛି। ଲୋକେ ହାତୀଟିକୁ ଦେଖିବା ଏବଂ ଗତକାଲିର ଏଭଳି ସୂଚନା ପାଇବା ପରେ ଭୟଭୀତ ହୋଇପଡ଼ିଛନ୍ତି। ହାତୀଟି ହଦଗଡ଼ ଅଭୟାରଣ୍ୟ ଅଞ୍ଚଳରେ ଘୂରି ବୁଲୁଥିବା ବେଳେ ବନବିଭାଗ ହାତୀ ଉପରେ ତୀକ୍ଷ୍ଣ ନଜର ରଖିଛି। ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ ଓ ବନ ବିଭାଗ କର୍ମଚାରୀ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଶହ ଶହ ଲୋକ ହାତୀ ପଛରେ ଥିବାରୁ ପୁଲିସ ପକ୍ଷରୁ ଲୋକଙ୍କୁ ହାତୀର ନିକଟତର ନହେବାକୁ ବାରଣ କରାଯାଉଛି।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ





କେନ୍ଦୁଝର, ୨୦।୧୨(ସମିସ): କେନ୍ଦୁଝରେ ପୁରୁଣା ବଜାରସ୍ଥିତ ଟାଉନ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ୫୮ତମ ସଂସ୍କରଣ ଦୁଇଦିନ ଧରି ଷ୍ଟାଡିୟମ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁଶ୍ରୀ ସଂଯୁକ୍ତା ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣ କୁମାର ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁ ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀମାନେ ନଗର ଭବନ ନିକଟସ୍ଥ ଷ୍ଟାଡିୟମକୁ ଯାଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ଉଦଯାପନୀ ସମାରୋହରେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଓଂକାର ଅନ୍ୱେଷ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ତହସିଲଦାର କୀର୍ତ୍ତନ ବିହାରୀ ଓଝା, ସଂଯୁକ୍ତା ମହାନ୍ତି ଏବଂ ପୂର୍ଣ୍ଣଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଧ୍ୱଜା ଅବତରଣ ପରେ ଛାତ୍ରୀଙ୍କ ଦ୍ୱାରା ଏକ ଅଭିନବ ଯୋଗ ପ୍ରଦର୍ଶନୀ କରାଯାଇଥିଲା। ଶିକ୍ଷକ ପ୍ରକାଶ ରଞ୍ଜନ ମହାନ୍ତ, ଦେବେନ୍ଦ୍ର ସେଠୀ, ଶିକ୍ଷୟିତ୍ରୀ ମମତା ହାଜରା, ଧରିତ୍ରୀ ନାୟକ, ରଜନୀ ବୋଦ୍ରା, ଅର୍ପିତା ମହାନ୍ତି, କର୍ମଚାରୀ ଗଙ୍ଗାଧର ସାହୁ ତଥା ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟରୁ ପ୍ରାକ୍ଟିସିଙ୍ଗ ଟିଚିଂ ପାଇଁ ଆସିଥିବା ବିଏଡ଼ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

**ଆନନ୍ଦପୁର:** ଘସିପୁରା ବ୍ଲକ ଶାମୁକାନେଣ୍ଡି ପଞ୍ଚାୟତ ବରବାହାଲି ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିନ୍ତାମଣି ପାଗଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ଜଗନ୍ନାଥ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷକ ଓପିଟିଏ କେନ୍ଦୁଝର ଜିଲ୍ଲା ସଭାପତି ଦିଲୀପ ରାଉତ, ସମ୍ମାନିତ ଅତିଥି ଭାବେ ଖାଲିଆମେଣ୍ଟା ସିଆରସିସି ଜଗନ୍ନାଥ ଜେନା, ସରପଞ୍ଚ, ସମିତିସଭ୍ୟ, ପିଇଓ, ଏଡିଇଓ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ରାମ ହାଂସଦା, ସଦସ୍ୟ ରବି ମୁର୍ମୁ, ପ୍ରିତମ ମୁର୍ମୁ, ଜଗତା ସୋରେନ, ଜିତୁ ହାଁସଦା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୀପ୍ତିରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରମୋଦ ବିଶ୍ୱାଳ, ରୀନା ଜେନା, ସୁଶ୍ରୀ ସୋନାଲି ବେହେରା ସଭା ପରିଚାଳନା କରିଥିଲେ।

ସେହିପରି ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତ ତ୍ରିଲୋଚନପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପଡ଼ିଆରେ ପ୍ରଧାନଶିକ୍ଷକ ଧନୁର୍ଜୟ ମହାନ୍ତଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିଲା। ଉଦଯାପନୀ ଉତ୍ସବରେ ଅମରେଶ ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଯମୁନା ନାଇକ, ଜଗମୋହନ ସାହୁ, ଉଡାନ୍ ହାଁସଦା, ଦୈତାରୀ ମହାକୁଡ଼, ମିର୍ଜା ହାଁସଦା, ପିତାମ୍ବର ମୁର୍ମୁ, ମାନସ ପାତ୍ର, ରାକେଶ ମହାନ୍ତି ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ପାତ୍ର, ଅପର୍ଣ୍ଣା ପାତ୍ରଙ୍କ ସଂଯୋଜନାରେ ଶିକ୍ଷକ ରାଜକିଶୋର ମଲିକ, ଅନୁପମା ରାଉତ, ସବିତା ରାଉତ, ମମତାମୟୀ ରାଉତ, କନକଲତା ବେହେରା, ଗୀତାରାଣୀ ଜେନା, ସତ୍ୟବତୀ ପାତ୍ର ପରିଚାଳନା କରିଥିଲେ। ଶ୍ରୀଧର ଚକ୍ର, ପଦ୍ମଲୋଚନ ରାଉଳ, ରମେଶ ବରାଳ, ପ୍ରଦୀପ ଚକ୍ର, ଜଗବନ୍ଧୁ ବେଜ, ଅନାମ ନାୟକ, ଦୁଲଣି ଟୁଡୁ, ଜାନକୀ ନାୟକ, ଲିଲିମା ନାଇକ, ଜ୍ୟୋସ୍ନାରାଣୀ ମହାନ୍ତି, ବନ୍ଦିନି ରାଉତ, ତୃପ୍ତିମୟୀ ବେଜ୍ ସହଯୋଗ କରିଥିଲେ।

ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଏମ୍‌ଏମ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ଅସିତ କୁମାର ପଳେଇ ଏହି କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ଆସନ୍ତା ସରସ୍ୱତୀ ପୂଜା ଦିନ କରାଯିବ।

ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ାସ୍ଥିତ ବଳରାମ ଧୀର ସରକାରୀ ଉଚ୍ଚବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ ବାର୍ଷିକ କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ର ଓ ବରିଷ୍ଠ କ୍ରୀଡ଼ା ଶିକ୍ଷକ ସୁରେଶ ଭୂୟାଁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଉଦଯାପନୀ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥୀ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ, ସମ୍ମାନିତ ଅତିଥି ଅଳତୀ ସିଆରସିସି ସଂଜୀବ ବେହେରା ଯୋଗ ଦେଇଥିଲେ। ନାରାୟଣ ଦାସ, ଦେବପ୍ରସାଦ ସାହୁ, ବିଶ୍ୱଜିତ ଖୁଣ୍ଟିଆ, ବିଶିକେଶନ ଭୂୟାଁ, ଅତିଶ୍ ଜେନା, ଲକ୍ଷ୍ମୀପ୍ରିୟା ସାହୁ, ବାସନ୍ତୀ ରଣା ଓ ଶୁଭ୍ରଜ୍ୟୋତି ଧୀର ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଲକ୍ଷ୍ମୀଧର ରାଉତ ସହଯୋଗ କରିଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ମଧୁସୁଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ୟାମଘନ ଡାଙ୍ଗୁଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚବିଦ୍ୟାଳୟ ରାଇସୁଆଁର ପ୍ରଧାନଶିକ୍ଷକ ହୃଦାନନ୍ଦ ସାହୁ ଯୋଗ ଦେଇଥିଲେ। ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ଖେଳରେ ଅଂଶଗ୍ରହଣ କରିଥିଲେ। ସିନିୟର୍ ବର୍ଗ ବାଳକରେ ରୁଦ୍ରନାରାୟଣ ନାଏକ, ବାଳିକା ବର୍ଗରେ ପ୍ରତିମା ନାଏକ, ଜୁନିୟର ବର୍ଗ ବାଳକରେ ମିଳନ ଦେହୁରୀ, ବାଳିକା ବର୍ଗରେ ପୁଷ୍ପାଞ୍ଜଳି ମୁଣ୍ଡା ଓ ସବଜୁନିୟର ବାଳକରେ ରାଜା ଦେହୁରୀ, ବାଳିକା ବର୍ଗରେ ସଞ୍ଜନା ଦେହୁରୀ ଚାମ୍ପିଅନ ହୋଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ପାପୁନ ମହାନ୍ତ, ଧର୍ମେନ୍ଦ୍ର ଦାସ, ହୃଷୀକେଶ ନାଏକ, ସତ୍ୟକୃଷ୍ଣ ଦାସ, ଭରତଚନ୍ଦ୍ର ଦଳେଇ ପରିଚାଳନା କରିଥିଲେ। ଶୁଭାଶିଷ ଜେନା, ଚନ୍ଦ୍ର ଶେଖର, ଯଦୁମଣି ନାଏକ, କଳ୍ପନା ସୁନା, ବିଜୟ କୁମାର ସେଠୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବନବିଭାଗର ଗଜସାଥୀ ପ୍ରଶିକ୍ଷଣ



ଆନନ୍ଦପୁର, ୨୦।୧୨ (ସମିସ): ଆନନ୍ଦପୁର ବନଖଣ୍ଡଠାରେ ଗଜସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବନାଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଗଜ ପ୍ରଶିକ୍ଷକ ସୁବ୍ରତ କୁମାର ବିଶ୍ୱାଳଙ୍କ ଦ୍ୱାରା ୪ ରେଞ୍ଜର ଏବଂ ଫରେଷ୍ଟର, ଫରେଷ୍ଟ ଗାର୍ଡ, ଗଜସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ରାହ୍ମଣୀପାଳ ଓ ଦେଓଗାଁ ରେଞ୍ଜରେ ହାତୀର ଗତିପଥକୁ ଅନୁଧ୍ୟାନ କରିବା ପାଇଁ ୱାଚଟାୱାର ଦ୍ୱାରା ନଜର ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ ବିଭାଗ ସହ ହାତୀର ସୁରକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ବନାଧିକାରୀ ପ୍ରକାଶ କରିଛନ୍ତି। ସହକାରୀ ବନାଧିକାରୀ ଅଶୋକ କୁମାର ବିଶ୍ୱାଳ, ପ୍ରବୀର କୁମାର ମୁର୍ମୁଙ୍କ ସମେତ ଦେଓଗାଁ ରେଞ୍ଜର ସହକାରୀ ବନାଧିକାରୀ ଉମାକାନ୍ତ ଦାସ, ବ୍ରାହ୍ମଣୀପାଳ ରେଞ୍ଜ ଅଫିସର, ବ୍ରହ୍ମାନନ୍ଦ ବେହେରା, ହଦଗଡ଼ ରେଞ୍ଜ ଅଫିସର ମସାଲା କିସ୍କୁ, ଆନନ୍ଦପୁର ରେଞ୍ଜ ଅଫିସର ନବକିଶୋର ନାୟକ ଏବଂ ବନଖଣ୍ଡର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସମସ୍ତ ଗଜସାଥୀଙ୍କୁ ବନଖଣ୍ଡ ପକ୍ଷରୁ ଡ୍ରେସ, ଜୋତା ଓ ଟୋପି ପ୍ରଦାନ କରାଯାଇଛି।

# ଗୁରୁତର ଚିକିତ୍ସାଧୀନ ରୋଗୀଙ୍କୁ ବ୍ଲକ୍ ଉପାଧ୍ୟକ୍ଷଙ୍କ ଆର୍ଥିକ ସହାୟତା

ହାଟଡ଼ିହୀ,୨୦।୧୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଜମ୍ବିରା ଗ୍ରାମର ସ୍ୱର୍ଗତ ମନମୋହନ ଜେନାଙ୍କ ପୁଅ ନବଘନ ଜେନା(୨୪) ଓ ଅଜୟ ପଣ୍ଡାଙ୍କ ପୁଅ ସ୍ନିଗ୍ଧରଞ୍ଜନ ପଣ୍ଡା(୨୦) ଗତ ସୋମବାର ସନ୍ଧ୍ୟା ସମୟରେ ହାଟଡ଼ିହୀ ବ୍ଲକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ନବଘନ ଜେନାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାବେଳେ ସ୍ନିଗ୍ଧରଞ୍ଜନ ପଣ୍ଡାଙ୍କ ଅବସ୍ଥା



ମଧ୍ୟ ବିପଦପୂର୍ଣ୍ଣ ରହିଛି। ଉଭୟ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାବେଳେ ଦୁହିଁଙ୍କ ଚିକିତ୍ସା ପାଇଁ ଏବେ ପ୍ରତିଦିନ ଲକ୍ଷାଧିକ ଟଙ୍କାର ଆବଶ୍ୟକ ରହିଛି। ଖବର ପାଇ ଯୁବ ସମାଜସେବୀ, ବ୍ୟବସାୟୀ ତଥା ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ କିମ୍ସ ହସ୍ପିଟାଲରେ ପହଞ୍ଚି ଡ଼ାକ୍ତରଙ୍କଠାରୁ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା କଥା ପଚାରି ବୁଝିଥିଲେ। ରତିକାନ୍ତ ନିଜସ୍ୱ ପାଣ୍ଠିରୁ ଉଭୟଙ୍କ ଚିକିତ୍ସା ପାଇଁ ସେମାନଙ୍କ ପରିବାର ଲୋକଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ସହ ଦୁହିଁଙ୍କ ଆରୋଗ୍ୟ କାମନା କରିଛନ୍ତି। ଉଭୟ ଯୁବକ ଗ୍ରାମବାସୀଙ୍କର ପ୍ରିୟ ହୋଇଥିବାରୁ ଆଜି ସନ୍ଧ୍ୟାରେ ଗ୍ରାମବାସୀଙ୍କ ପକ୍ଷରୁ ଶତାଧିକ ସଂଖ୍ୟାରେ ପୁରୁଷ ଓ ମହିଳା ଗ୍ରାମ ଦେବତୀଙ୍କ ସହ ଗାଁ ଶ୍ରୀଜଗନ୍ନାଥ ଓ ଶୈବ ମନ୍ଦିରରେ ଦୀପ ଜଳାଇ ସେମାନଙ୍କ ଆରୋଗ୍ୟ କାମନା କରିଛନ୍ତି।

## ‘ଗଣମାଧ୍ୟମ ହେଉଛି ପ୍ରଶାସନର ଆଖି’

### ■ ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ସପ୍ତମ ସନ୍ଧ୍ୟା



**ଆନନ୍ଦପୁର, ୨୦।୧୨ (ସମିସ):** ଆନନ୍ଦପୁର ଷ୍ଟାଡିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଉପସ୍ଥାପକ ରଘୁଦୀପ୍ତି ନାୟକ ଓ ପ୍ରେସ କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆନନ୍ଦପୁରର ଗଣମାଧ୍ୟମକୁ ପ୍ରଶାସନର ଆଖି ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ବରଣ୍ୟ ଅତିଥି ଭାବେ ଡ଼ିଏଫଓ ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ରାଜଙ୍କୁ ସାମ୍ବାଦିକ ଗୌରବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ପରେପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ଅମିୟ ବରାଳ, ସୁଶାନ୍ତ ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ପରିଚାଳନା କରିଥିଲେ।

## କୌରାଲି କଲେଜ ଅଫ୍ ନର୍ସିଂରେ ନ୍ୟୁଟ୍ରିସନ୍ କାର୍ଯ୍ୟକ୍ରମ



**ଚମ୍ପୁଆ, ୨୦।୧୨ (ସମିସ):** ଚମ୍ପୁଆ ଶିକ୍ଷାନଗରୀଠାରେ କୌରାଲି କଲେଜ ଅଫ ନର୍ସିଂ ପକ୍ଷରୁ ନ୍ୟୁଟ୍ରେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପ୍ରତିଷ୍ଠାତା ମୁଖ୍ୟ ଡ ପିଏସ ରାଜମୋହନ, ମୁଖ୍ୟବକ୍ତା ଭାବରେ ସଂପାଦିକା ଉମା ରାଜମୋହନ, କେରଳା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ଭାରତୀ, ଅଧ୍ୟାପକ ଗିରିଜା ଶଙ୍କର କର ତଥା ନର୍ସିଂ କଲେଜ ଅଧ୍ୟାପିକା ସାମା କାମେଇ ପ୍ରମୁଖ ସୁସ୍ଥ ଶରୀର ପାଇଁ ସୁସ୍ଥ ଖାଦ୍ୟର ଆବଶ୍ୟକତା ଏବଂ ସୁସ୍ଥ ଜୀବନ ଧାରା ଉପରେ ପ୍ରଭାବ ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ବିଏସସି ଦ୍ୱିତୀୟ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧୁମେହ, ହୃଦରୋଗ, ଯକୃତ ରୋଗୀଙ୍କ ଖାଦ୍ୟ ପ୍ରସ୍ତୁତ କରାଯାଇ ଉପସ୍ଥାପନା କରାଯାଇଥିଲା। ସହକାରୀ ପ୍ରଫେସର ନାମ୍ବି ଲୁଙ୍ଗ ଗଲମେୟି, ଅଧ୍ୟାପକ ଟାଉନ୍ ଥାଙ୍ଗ, ଦିବ୍ୟାରୂପା ଗୋପ, ଇତିଶ୍ରୀ ବର୍ଦ୍ଧନ ସହଯୋଗ କରିଥିଲେ।

## ଗୁଗୁଦରୀ ଗାଁରେ ହାତୀ ସୁରକ୍ଷା ସଚେତନତା



**ନାରଦପୁର,୨୦।୧୨(ସମିସ):** ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ଅନ୍ତର୍ଗତ ଗୁଗୁଦରୀ ଗ୍ରାମରେ ଆଜି ମା’ ଦ୍ୱାରଶୁଣି ଉଚ୍ଚବିଦ୍ୟାଳୟ ପକ୍ଷରୁ ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ହୋ ସମାଜ ମହାସଭା ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା, ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର ଜେନା, ଫରେଷ୍ଟ ଗାର୍ଡ କିରାଣି ମହାରଣା, ଫରେଷ୍ଟ ଗାର୍ଡ ଉମେଶ ଦାସ ଯୋଗ ଦେଇଥିଲେ। ଶିକ୍ଷକ ପଦ୍ମନାଭ ପ୍ରଧାନ, ଦାରିଦ୍ର୍ୟ ଭଞ୍ଜନ ବାରିକ, କର୍ମଚାରୀ ପ୍ରତାପଚନ୍ଦ୍ର ମହାନ୍ତ, ହରିହର ପ୍ରଧାନ, ହାତୀ ସୁରକ୍ଷା କର୍ମୀ ଗ୍ରୁପ୍ ମୁଖ୍ୟ ହୃଦାନନ୍ଦ ପାତ୍ର, ସଦସ୍ୟ ହର୍ବଜନ ମହାନ୍ତ, ବୁଲୁ ନାଏକ, ଦୁର୍ଯୋଧନ ପାତ୍ର, ରାଜାରାମ ଓରାମ, ଏଲିଫାଣ୍ଟ ସ୍କ୍ୱାଡ ପୁକାମ ମୁଣ୍ଡା ପରିଚାଳନା କରିଥିବା ବେଳେ ଗ୍ରାମର ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।


## ଖପରାଖାଇରେ ଶୀତବସ୍ତ୍ର ପ୍ରଦାନ

**ଆନନ୍ଦପୁର, ୨୦।୧୨ (ସମିସ):** ଆନନ୍ଦପୁର ପୌରାଞ୍ଚଳ ଖପରାଖାଇ ୧୩ ନମ୍ବର ୱାର୍ଡ ରାଜନଗର, ନୂଆବନିକା, ଜଅଁରା, ସାଉଁଟି ସାହି, ଖପରାଖାଇର ଅସହାୟ ଲୋକଙ୍କୁ ସୁଡୁସୁଡ଼ିଆ ପ୍ରାଥମିକ ବିଦ୍ୟାଳୟ ନିକଟରେ କମ୍ବଳ ପ୍ରଦାନ କରାଯାଇଛି। ଯୁବ ବିଜେପି ନେତା ତଥା ଆଦର୍ଶ ସେବା ସଂଘ ସଭାପତି ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ୬୩ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଏହି ସହାୟତା ଦିଆଯାଇଛି। ଟୁକୁ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯଜ୍ଞ ପ୍ରସାଦ ସାହୁ, ବିଜେପି ନେତା କମଳାକାନ୍ତ ସୁର, ଧନେଶ୍ୱର ସାହୁ, ନାରୀନେତ୍ରୀ ପ୍ରଦୀପ୍ତା ସୁର, ବାବୁଲି ଜେନା କମ୍ବଳ ବିତରଣ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବାରିପଦା/କୁଳିଆଣା,୨୦।୧୨ (ସମିସ):** ୧୮ ନଂ ଜାତୀୟ ରାଜପଥର କୁଚେଇ ଛକ ନିକଟରେ ଶନିବାର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ପରିଚୟ ମିଳି ନ ଥିବାବେଳେ ସେ ବେତନଟୀ ଅଞ୍ଚଳର ବୋଲି କୁହାଯାଉଛି। ମୃତକଙ୍କୁ ତାଙ୍କ ସାଙ୍ଗ ଛାଡିବାକୁ ବାଇକ୍‌ରେ ଯାଉଥିବାବେଳେ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ବାଇକରେ ପଛରେ ବସିଥିବା ଆରୋହୀ ଡାହାଣ ପଟକୁ ଛିଟିକି ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ ଚାଳକ ଜଣଙ୍କ ବର୍ତ୍ତିଯାଇଛନ୍ତି। ଚାଳକ ଜଣଙ୍କ ବୟାନ ଅନୁଯାୟୀ ମୋତେ ସେ ଲିଫ୍ଟ ମାଗିବାରୁ ମୁଁ ନେଇକି ଯାଉଥିଲି ବାରିପଦାରେ ଛାଡ଼ିଥା’ନ୍ତି। ସେ ବେତନଟୀ ଯାଇଥା’ନ୍ତେ। କୁଳିଅଣା ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଜମି ବିକ୍ରିକୁ କେନ୍ଦ୍ରକରି ଲକ୍ଷାଧିକ ଟଙ୍କା ହଡ଼ପ ଘଟଣାରେ ମାଆଝିଅ ଗିରଫ



**ମୋରଡ଼ା,୨୦।୧୨(ସମିସ):** ରାସଗୋବିନ୍ଦପୁର ଥାନା ପୁଲିସ ୨୦୨୩ ରେ ବେତନାସିଆଠାରେ ଏକ ଜମି ବିକ୍ରିକୁ କେନ୍ଦ୍ର କରି ଗଣ୍ଡଗୋଳ ପରେ ଲକ୍ଷାଧିକ ଟଙ୍କା ହଡପକୁ ନେଇ ମାମଲା ରୁଜୁ କରିଥିଲା ପୁଲିସ। ରାସଗୋବିନ୍ଦପୁର ବ୍ଲକ କାନ୍ଥ ଗ୍ରାମର ରାଧାଶ୍ୟାମ ବାରିକଙ୍କ ଅଭିଯୋଗ ମୁତାବକ, ବେତନାସିଆ ଗ୍ରାମର ରୀନାରାଣୀ ବେହେରା ଓ ତାଙ୍କ ଝିଅ ଦିବ୍ୟାଜୋତି ବେହେରା ନିଜସ୍ୱ ଜାଗା ବିକ୍ରି କରିବା ଉଦ୍ଦେଶ୍ୟରେ ଜାଗା ଦେଖାଇ ଅଗ୍ରିମ ଲକ୍ଷାଧିକ ଟଙ୍କା ନେଇଥିଲେ। କିଛିଦିନ ପରେ ଜାଗା ବିକ୍ରି ପାଇଁ କାଗଜପତ୍ର କରିବା କଥା କହିବାରୁ ଉଭୟ କହିଥିଲେ ଆମେ ଟଙ୍କା ନେଇନାହୁଁ। ପରେ ରୀନାରାଣୀଙ୍କ ପରିବାରର ଆଉ ଦୁଇଜଣ ଆସି ଗଣ୍ଡଗୋଳ କରିଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତି କରି ରାସଗୋବିନ୍ଦପୁର ଥାନାରେ ଚାରିଜଣଙ୍କ ନାମରେ ୫୩/୨୩ରେ ମାମଲା ରୁଜୁ ହୋଇଥିଲା। ଆଜି ଚାରିଜଣଙ୍କ ମଧ୍ୟରୁ ରୀନାରାଣୀ ବେହେରା, ତାଙ୍କ ଝିଅ ଦିବ୍ୟାଜୋତି ବେହେରାଙ୍କୁ ବୈଶିଙ୍ଗା ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ‘ଧୁମ୍‌ସା’ର ସପ୍ତମ ସନ୍ଧ୍ୟା

# ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

**ଉଦଳା,୨୦।୧୨(ସମିସ):**



କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମ୍‌ସା-୨୦୨୫ ଉଦଳା ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ମହୋତ୍ସବ ପଡ଼ିଆରେ ଚାଲିଛି। ଏହି ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ, ପଦ୍ମଚରଣ ହାଇବ୍ରୁ, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଓ ମହୋତ୍ସବ କମିଟି ସଭାପତି ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିପିନ୍ ସିଂ ବାଦ୍ରା, କପ୍ତିପଦା ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ପୂର୍ବତନ ଉପଜିଲ୍ଲାପାଳ ଉପେନ୍ଦ୍ରନାଥ ମଲ୍ଲିକ୍, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ରେଣ୍ଡା ଟେଟେ, କପ୍ତିପଦା ତହସିଲଦାର ଆଶିଷ କୁମାର ମହାପାତ୍ର, ଶିକ୍ଷାବିତ୍ ଶରତ ଚନ୍ଦ୍ର ମିଶ୍ର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମନୋରଞ୍ଜନ ମଲ୍ଲିକ ଯୋଗଦେଇ କପ୍ତିପଦା ଉପଖଣ୍ଡର ଐତିହ୍ୟ, ପରମ୍ପରା, ଭାଷା, ସାହିତ୍ୟ, ଲୋକକଳା, ସାମାଜିକ ଓ ସାଂସ୍କୃତିକ ଭାବଧାରା ଓ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ପ୍ରତିଫଳିତ କରି ପ୍ରଦର୍ଶନୀ, ସାଧାରଣସଭା ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ମହୋତ୍ସବ ଆହୁରି କିଭଳି ସୁନ୍ଦର ହୋଇପାରିବ ବୋଲି କହିଥିଲେ। ସପ୍ତମ ସନ୍ଧ୍ୟାର ଆୟୋଜକ ଭାବେ କପ୍ତିପଦା ପଞ୍ଚାୟତ ସମିତି ଦାୟିତ୍ୱ ବହନ କରିଥିଲେ। ମୁଖ୍ୟ ଆକର୍ଷଣ ଥିଲା ପ୍ରଖ୍ୟାତ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆ ଓ ସାଥିଙ୍କ କାର୍ଯ୍ୟକ୍ରମ। କପ୍ତିପଦା ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କଳାକାରଙ୍କ ଦ୍ୱାରା ନାଚ ଓ ଗୀତ ପରିବେଷଣ ହୋଇଥିଲା। ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ଗୀତରେ ଦର୍ଶକ ଝୁମିଥିଲେ।

## ରାମସିଆ ପେଣ୍ଟ୍‌ସର ଦ୍ୱିତୀୟ ରାଜ୍ୟସ୍ତରୀୟ ପାର୍ଟନର ମିଟ୍



**ଚମ୍ପୁଆ, ୨୦।୧୨(ସମିସ):** ଓଡ଼ିଶାରେ ନିର୍ମିତ ରାମସିଆ ପେଣ୍ଟସ ତରଫରୁ ରାଜ୍ୟସ୍ତରୀୟ ପାର୍ଟନସ ୨ୟ ବାର୍ଷିକ ସମ୍ମିଳନୀର ଆଜି ଦିଘାସ୍ଥିତ ରୟାଲ ଟଚ ହୋଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ କମ୍ପାନୀର ନିର୍ଦ୍ଦେଶକ ତଥା କେନ୍ଦୁଝରର ଯୁବ ଶିଳ୍ପୋଦ୍ୟୋଗୀ ବିକାଶ ମିଶ୍ର ଓ ବରିଷ୍ଠ ପ୍ରଥମ ଶ୍ରେଣୀର ବ୍ୟବସାୟୀ। କମ୍ପାନୀର ଉତ୍ପାଦଗୁଡିକ ମଧ୍ୟରେ ଏନାମେଲ ପେଣ୍ଟସ, ପ୍ରାଇମର, ଏମୁଲେସନ, ଡ୍ୟାମଗାର୍ଡ, ଡିଷ୍ଟମ୍ପର ଉଚ୍ଚମାନର ବୋଲି କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି କମ୍ପାନୀର ଉତ୍ପାଦଗୁଡିକର ଉତ୍ପାଦନ ପଦ୍ଧତି, ବିତରଣ ଏବଂ ଏହାର ଗୁଣବତ୍ତା ଉପରେ ଡିଲର ବନ୍ଧୁମାନଙ୍କୁ ବୁଝାଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ଜିଲ୍ଲାର ହୋଲସେଲର, ଡିଲର ବନ୍ଧୁମାନେ ଯୋଗ ଦେଇଥିବା ବେଳେ ଜୟନ୍ତୀ ଗଡ଼ର ବ୍ୟବସାୟୀ ଧାନ ଚାନ୍ଦ ବେହେରା ସମ୍ମାନିତ ହୋଇଥିଲେ।



କେନ୍ଦୁଝର: ଏନ୍‌ଏସ୍ ପୁଲିସ୍ ହାଇସ୍କୁଲଠାରେ ଶନିବାର ସନ୍ଧ୍ୟା ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ୪୨ତମ ଶିଶୁ ଉତ୍ସବର ଉଦ୍‌ଘାଟନୀ ସମାରୋହ

## ପାଟଣାରେ ଖୋଲିବ କାଠଡିପୋ

**ତୁରୁମୁଙ୍ଗା, ୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟରେ ସରକାରୀ ଜାଳେଣି କାଠ ଡିପୋ ପାଇଁର ଦୀର୍ଘ ଦିନରୁ ଦାବିର ହୋଇଆସୁଥିଲା। ଏଥିପାଇଁ ବନବିଭାଗ ପକ୍ଷରୁ ପାଟଣା ଆରଆଇ ସର୍କଲ ଶିବନାରାୟଣପୁର ମୌଜାରେ ଶନିବାର ଜମି ଚିହ୍ନଟ ହୋଇଛି। ଏହାଦ୍ୱାରା ଲୋକେ ଭୋଜିଭାତ ସହ ଶବ ସଂସ୍କାର ପାଇଁ ଜାଳେଣି କାଠ ପାଇପାରିବେ। ତହସିଲ ସୁପରଭାଇଜର ବନମାଳି ନାୟକ, ପାଟଣା ରାଜସ୍ୱ ନୀରିକ୍ଷକ ନରେଶ ମହାନ୍ତ, ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସହ ସ୍ଥାନୀୟ ସାମାଜିକ କର୍ମୀ ଯୁଗୋଳ କିଶୋର ଦାଶ, ସନାତନ ଦାଶ, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ରାଜସ୍ୱ ବିଭାଗ ଲେଣ୍ଡ ସେଡ୍ୟୁଲ ଦାଖଲ କଲେ ଖୁବ୍ ଶୀଘ୍ର କାଠ ଡିପୋ ଖୋଲିବ ବୋଲି ବନପାଳ ସେଠୀ କହିଛନ୍ତି।

## ଦାଦନ ଶ୍ରମିକଙ୍କ ଶବକୁ ଗାଁରେ ପହଞ୍ଚାଇଲେ ବିଧାୟକ

**କେନ୍ଦୁଝର,୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କସଡ଼ା ଗାଁର ରମେଶଚନ୍ଦ୍ର ଦେହୁରୀ (୩୩) ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ଗୁରୁବାର ସେ ଟ୍ରେନ ଯୋଗେ ଘରକୁ ଫେରୁଥିବା ବେଳେ ଛତିଶଗଡ଼ର ଦୁର୍ଗ ଷ୍ଟେସନ ନିକଟରେ ଟ୍ରେନରେ ହଠାତ୍ ଅସ୍ୱାଭାବିକ ଭାବେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ରମେଶଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକେ ଗାଁକୁ ଶବ ଆଣିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଖବର ତେଲକୋଇ ବିଧାୟକ ଡଃ ଫକିର ମୋହନ ନାୟକ ଜାଣିବା ପରେ ସଙ୍ଗେ ସଙ୍ଗେ ଛତିଶଗଡ଼ର ଦୁର୍ଗ ପ୍ରଶାସନ, ରେଳବାଇ ପୁଲିସ, କେନ୍ଦୁଝର ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ଆମ୍ବୁଲାନ୍ସ ଯୋଗେ କସଡା ଗାଁକୁ ଶବ ଆଣିବା ବ୍ୟବସ୍ଥା କରାଇଥିବା ଜଣାପଡିଛି। ବିଧାୟକଙ୍କ ପ୍ରଚେଷ୍ଟାରେ ଛତିଶଗଡ଼ ଦୁର୍ଗଠାରେ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଦୁଃଖରେ ଭାଙ୍ଗି ପଡିଥିବା ପରିବାର ଲୋକେ ଶବ ଗାଁରେ ପହଞ୍ଚିବା ପରେ ଆଶ୍ୱସ୍ତ ହୋଇଛନ୍ତି।

## ପୋଡ଼ିଗଲା ଘର; ବର୍ତ୍ତିଲେ ମା’ ସହ ୩ ପୁଅ

**ବିଶୋଇ,୨୦।୧୨ (ସମିସ):** ଅସନା ପଞ୍ଚାୟତ ବଡ଼ଜାମବିଲା ଗ୍ରାମର ସୁନାରାମ ଟୁଡୁଙ୍କ ସ୍ତ୍ରୀ ଦୁଲାରୀ ଟୁଡୁ (୪୦)ଙ୍କ ଘର ପୋଡି ପାଉଁଶ ହେବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ତେବେ ଦୁଲାରୀ ଓ ତାଙ୍କ ୩ ପୁଅ ବର୍ତ୍ତିଯାଇଛନ୍ତି। ଗତକାଲି ରାତ୍ରି ପ୍ରାୟ ୨ଟା ସମୟରେ ଦୁଲାରୀଙ୍କ ୨ ବଖରା ଚାଳଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଥିବା ଘର ନିକଟରେ ଅର୍ଦ୍ଧନିର୍ମିତ ଅସ୍ଥାୟୀ ଘରେ ଶୋଇଥିବାବେଳେ ଦୁଲାରୀଙ୍କ ପରିବାର ନିଆଁ ଲାଗିବା ଜାଣି ପଡୋଶୀଙ୍କ ସହାୟତାରେ ନିଆଁ ଲିଭାଇଥିଲେ। ପରେ ଦମକଳ ବାହିନୀକୁ ଖବର ଦିଆଯିବା ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସମସ୍ତ ଆସବାବପତ୍ର, ପୋଷାକ, ସୁନାଗହଣା, ଟଙ୍କା ଓ ବର୍ଷକର ସଞ୍ଚିତ ଧାନ ପୋଡ଼ିଯାଇଥିଲା। ସରପଞ୍ଚ ସାବିତ୍ରୀ ନାଏକ, ସାମାଜିକ କର୍ମୀ ଗୋପବନ୍ଧୁ ଗିରି ପ୍ରମୁଖ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସମବେଦନା ଜଣାଇଥିଲେ। ରାଜସ୍ୱ ନିରୀକ୍ଷକ କ୍ଷତି ଆକଳନ କରିଥିଲେ। ଦୁଲାରୀଙ୍କ ସ୍ୱାମୀ ସୁନାରାମ ବାହାର ରାଜ୍ୟରେ କାମ କରୁଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଇଲେଭେନ ଷ୍ଟାର୍ ଓ ବାହାନଡା ଟାଇଗର ବିଜୟୀ

**ବେତନଟୀ, ୨୦।୧୨(ସମିସ):** ବେତନଟୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ-୧୨ର ଚତୁର୍ଥ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ଇଲେଭେନ ଷ୍ଟାର ମୋରଡା ଓ ଆରିୟନ ଫାଇଟର ମଧ୍ୟରେ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚ୍ ବାହାନଡା ଟାଇଗର ଓ କାଲ ଭୈରବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଇଲେଭେନ ଷ୍ଟାର ମୋରଡା ୨୦ ଓଭରରେ ୯ ୱିକେଟ ହରାଇ ୧୪୮ ରନ କରିଥିଲା। ଜବାବରେ ଆରିୟନ ଫାଇଟର ୨୦ ଓଭରରେ ୭ ୱିକେଟ ହରାଇ ୧୩୩ ରନ କରି ପରାଜୟବରଣ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ ବାହାନଡା ଟାଇଗର ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ କାଲ ଭୈରବ ୯.୫ ଓଭରରେ ସମସ୍ତ ୱିକେଟ ହରାଇ ୫୪ ରନ ସଂଗ୍ରହ କରି ପରାଜୟବରଣ କରିଥିଲା। ଖେଳକୁ ସୁଧାକର ପଣ୍ଡା ଓ ଅଭିନାଶ ନାୟକ ପରିଚାଳନା କରିଥିଲେ। ରବିନ୍ଦ୍ର ସାହୁ ସ୍କୋରର ଓ ଗୌରବ ନାଥ, ସୋରଜ ନାଥ ଅନଲାଇନ ସ୍କୋରର ଥିଲେ।

### ● ବିଦ୍ୟାଳୟରେ ସୂଚନା ଫଳକ ପଡ଼ି ଛାତ୍ର ମୃତ୍ୟୁ ଘଟଣା


## କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କଲେ ଅଭିଭାବକ

**ରାଇରଙ୍ଗପୁର,୨୦।୧୨(ସମିସ):** ତିରିଂ ଥାନା ଅନ୍ତର୍ଗତ ବଡ଼ଭୁଣ୍ଡୁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସୂଚନା ଫଳକ ପଡ଼ି ଛାତ୍ରଙ୍କ ମୃତ୍ୟୁ ଘଟିଛି। ଉକ୍ତ ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଥିବା ନେଇ ମୃତ ଛାତ୍ରଙ୍କ ଅଭିଭାବକ ତିରିଂ ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ତାଙ୍କ ପିଲାର ମୃତ୍ୟୁ ଘଟିଛି। ଘଟଣା ଘଟିଥିବାବେଳେ ତାଙ୍କର ଅନୁପସ୍ଥିତିରେ ଶିକ୍ଷକମାନେ ତିରିଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ଅଭିଯୋଗକ୍ରମେ ତିରିଂ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଛାତ୍ର ମୃତ୍ୟୁ ଘଟଣାକୁ ନେଇ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ଯାହାକୁ ନେଇ ରେଡକ୍ରସ ପକ୍ଷରୁ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିବାବେଳେ ବିଧାୟକଙ୍କ ପକ୍ଷରୁ ୪୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଅଧିକ ସହାୟତା ଯୋଗାଇବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସୂଚନା ମିଳିଛି।

ମୃତକ ଜଣକ ତିରିଂ ଥାନା ଅନ୍ତର୍ଗତ ବଡ଼ଭୁଣ୍ଡୁ ଗ୍ରାମର ଅଭିର ଲୋହାର(୭)। ବିଦ୍ୟାଳୟ ପରିସରରେ ୨/୩ ବର୍ଷ ପୂର୍ବେ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ଉକ୍ତ କାର୍ଯ୍ୟର ସୂଚନା ଫଳକ ଶୌଚାଳୟ କଡ଼ରେ ଲାଗିଥିଲା। ଶୁକ୍ରବାର ଅପରାହ୍ନରେ ଖେଳ ଛୁଟିରେ ବିଦ୍ୟାଳୟ ପରିସରରେ ଉକ୍ତ ଛାତ୍ର ଜଣକ ଖେଳୁଥିଲେ। କୌଣସି କାରଣ ବଶତଃ ଫଳକଟି ଭାଙ୍ଗି ତାଙ୍କ ଉପରେ ପଡିଯାଇଥିଲା। ଅଭୟ ଚାପି ହୋଇଯିବାରୁ ତାଙ୍କ ମୁଣ୍ଡରେ ମାଡ଼ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା।

## ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦ୍‌ଘାଟିତ

**ବାରିପଦା,୨୦।୧୨(ସମିସ):**



ବାରିପଦାର ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦଘାଟିତ ହୋଇଛି। ଆୟୋଜନ କମିଟି ଅଧ୍ୟକ୍ଷ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ରକ୍ଷଣାବେକ୍ଷଣ ଉପରେ ଆଲୋକପାତ କରିବା ସହ ବାରିପଦା ପୌରପାଳିକା ସୌଜନ୍ୟରେ ଏହାର ପରିବେଶର ଆଧୁନିକିକରଣ ପାଇଁ ଭିତ୍ତିପ୍ରସ୍ତରର ମଧ ସ୍ଥାପନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଓ ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ ଓ ସମସ୍ତ କାଉନସିଲର ଯୋଗଦେଇ ଶତାୟୁ ମନ୍ଦିରର ରକ୍ଷଣାବେକ୍ଷଣ କରିଆସିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସ୍ମୃତିଚାରଣ କରିଥିଲେ। ଅମିତାଭ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ ବାନାର୍ଜୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏ ଅବସରରେ ଶତବାର୍ଷିକୀ ସ୍ମରଣିକାର ଉନ୍ମୋଚନ କରାଯିବା ସହ ବାଲେଶ୍ୱର ବ୍ରହ୍ମସମାଜର ବର୍ଷୀୟାନ ଆଚାର୍ଯ୍ୟ ଇ. ଅମରେନ୍ଦ୍ର କର, ହାଇଦ୍ରାବାଦର ଡେକାନ ବ୍ରହ୍ମସମାଜ, ନଗରପାଳ ଶ୍ରୀ ମହାନ୍ତି, ରାଜଜେମା ମୃଣାଳିକା ଭଞ୍ଜଦେଓ ଓ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମରଣିକା କମିଟି ଅଧ୍ୟକ୍ଷ ତଥା ମୁଖ୍ୟ ସମ୍ପାଦକ ଡଃ ମୋହିତ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ତଥା ଇ ମାନସ ଷଡ଼ଙ୍ଗୀ, ଆଶିଷ ବସା, ମୋନିଲା ପାଲଙ୍କ ସହଯୋଗରେ ସ୍ମରଣିକା ପ୍ରକାଶିତ ହୋଇଥିଲା। କମିଟିର ଉପସଭାପତି ପୂର୍ଣ୍ଣେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଜିଲ୍ଲା ନୋଡାଲ ଅଧିକାରୀଙ୍କ ମୟୂରଭଞ୍ଜ ଗସ୍ତ

## ଯଶିପୁର ବ୍ଲକ୍‌ର ବିଭିନ୍ନ ସ୍ଥାନ ପରିଦର୍ଶନ



**ରାଇରଙ୍ଗପୁର,୨୦।୧୨ (ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ ମୁଖ୍ୟ ଶାସନ ସଚିବ ତଥା ମୟୂରଭଞ୍ଜ ଜିଲ୍ଲାର ନୋଡାଲ ଅଧିକାରୀ ଶୁଭା ଶର୍ମା ଶନିବାରଠାରୁ ୩ଦିନିଆ ଜିଲ୍ଲା ଗସ୍ତରେ ଆସିଛନ୍ତି। ଯଶିପୁର ଉଚ୍ଚବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ସୋମବାର ସେ ରାଇରଙ୍ଗପୁର ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ପାଞ୍ଚପିଢ଼ ଓ ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ଥାନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିବେ। ଏହାସହିତ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିବେ। ମଙ୍ଗଳବାର କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତ ସମୟରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହାତୀକୁ ଦେଖି କେନାଲରେ ପଶି ବାଇକ୍ ଚାଳକ ଆହତ

**ମୋରଡା,୨୦।୧୨(ସମିସ):** ବେତନଟି ରେଞ୍ଜ ଅନ୍ତର୍ଗତ କପୋଇ ସାପ୍ତାହିକ ହାଟ ନିକଟରେ ଥିବା ଏକ କେନାଲରେ ପଡ଼ି ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ସଇତପୁର ପଞ୍ଚାୟତର ଫାଳଝରୀ ଗ୍ରାମର ସଞ୍ଜୟ ମହାନ୍ତ। ସଞ୍ଜୟ ଗତକାଲି ସନ୍ଧ୍ୟାରେ ବାଇକ ଯୋଗେ ପଳାସବଧା ଗ୍ରାମରେ ଥିବା ଏକ ଘରୋଇ କମ୍ପାନୀକୁ ଯାଉଥିବା ସମୟରେ ଉକ୍ତ କେନାଲରେ ପଡି ଗୁରୁତର ହୋଇଥିଲେ। ସଞ୍ଜୟକୁ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ପରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଦୁଇଟି ହାତୀ ଥିବା ବନ ବିଭାଗ ପ୍ରକାଶ କରିଥିବାବେଳେ ହାତୀକୁ ଦେଖି ଛାନିଆ ହୋଇ ସଞ୍ଜୟ ଉକ୍ତ କେନାଲରେ ପଡ଼ିଯାଇଥିଲେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ଅଭିନେତା ଶ୍ରୀନିବାସନଙ୍କ ପରଲୋକ



କୋଚି, ୨୦।୧୨(ଏଜେନ୍ସି): ଲୋକପ୍ରିୟ ମାଲାୟଲମ ଅଭିନେତା ଶ୍ରୀନିବାସନଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ଅଭିନେତା ହେବା ସହ ନିର୍ଦ୍ଦେଶକ, ସ୍କ୍ରିନରାଇଟର, ପ୍ରଯୋଜକ ମଧ୍ୟ ଥିଲେ। ସେ ଆଜି ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ସମସ୍ୟା ଓ ହୃଦଘାତରେ ପୀଡିତ ଥିଲେ। ସେ କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ଉଦୟାମପୁରସ୍ଥିତ ନିଜ ଘରେ ହିଁ ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ଡାଏଲିସିସ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ କୋଚିର ତ୍ରିପୁନିଥୁରାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ହିଁ ସେ ପରଲୋକ ଗମନ କରିଥିଲେ। ୧୯୫୬ ଏପ୍ରିଲ ୬ରେ ସେ କେରଳର ଥାଲାସେରି ନିକଟସ୍ଥ ପଟ୍ଟାୟମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ସ୍କୁଲ ଶିକ୍ଷକ ଓ ମାତା ଜଣେ ଗୃହିଣୀ ଥିଲେ। ପାଠ ପଢ଼ା ସାରିବା ପରେ ସେ ଚେନ୍ନାଇର ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରୁ ସିନେମା ସମ୍ପର୍କରେ ଅଧ୍ୟୟନ କରିଥିଲେ। ନିଜର ସଫଳ କ୍ୟାରିଅରରେ ସେ ୨୨୫ଠାରୁ ଅଧିକ ସିନେମାରେ କାର୍ଯ୍ୟ କରିଛନ୍ତି।

## ଟ୍ରେନ୍‌ରେ କଟି ୩ ମୃତ

କୋଲକାତା, ୨୦।୧୨(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଶନିବାର ସକାଳେ ଟ୍ରେନ୍‌ରେ କଟି ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଘନ କୁହୁଡି କାରଣରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ଏଥିରେ ୨ ଜଣ ଲୋକ ଆହତ ମଧ୍ୟ ହୋଇଛନ୍ତି। ଏମାନେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତହେରପୁର ରାଲିରେ ଯୋଗ ଦେବାକୁ ବାହରି ଥିଲେ। ଏହି ଦୁର୍ଘଟଣା ତହେରପୁର ଓ ବଡ଼କୁଲ୍ଲା ଷ୍ଟେସନ ମଝିରେ ହିଁ ଘଟିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ୪୦ ଜଣ ବିଜେପି ସମର୍ଥକ ଏକ ବସ ଯୋଗୁଁ ମୁର୍ସିଦାବାଦରୁ ତହେରପୁର ଆସୁଥିଲେ। କିନ୍ତୁ ବସରୁ ୫ଜଣ ଓହ୍ଲାଇ ରେଳ ଲାଇନ ପାର କରି ଯିବାକୁ ପ୍ରୟାସ କରୁଥିଲେ। ହଠାତ ଟ୍ରେନ୍ ଆସିଥିଲା ଓ ଘନ କୁହୁଡି ଯୋଗୁଁ ସେମାନେ ନିଜକୁ ବଞ୍ଚାଇ ପାରିନଥିଲେ। ମୃତକଙ୍କୁ କ୍ରିଷ୍ଣାନଗର ଥାନାକୁ ନିଆଯାଇଛି ଓ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପାଇଁ ତୃଣମୂଳ କଂଗ୍ରେସ ବିଜେପି ନେତୃତ୍ୱକୁ ସମାଲୋଚନା କରିଛି।

## ତୋଶାଖାନା ଦୁର୍ନୀତି ମାମଲା | ଇମ୍ରାନ, ପତ୍ନୀ ବୁଶ୍‌ରାଙ୍କୁ ୧୭ ବର୍ଷ ଜେଲ୍, ୧୬ କୋଟି ଜରିମାନା

ଇସଲାମାବାଦ୍, ୨୦।୧୨(ଏଜେନ୍ସି): ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପାକିସ୍ତାନ ତେହେରିକ-ଇ ଇନ୍‌ସାଫ ପାର୍ଟିର ପ୍ରତିଷ୍ଠାତା ତଥା ସୁପ୍ରିମୋ ଇମ୍ରାନ ଓ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ସରକାରୀ ଉପହାର ଦୁର୍ନୀତି-୨ ମାମଲାରେ ୧୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ଫେଡେରାଲ ଇନଭେଷ୍ଟିଗେସନ ଏଜେନ୍ସି (ଏଫ୍‌ଆଇଏ)ର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ରାୟ ଶୁଣାଇଛନ୍ତି। ଦୁହିଁଙ୍କ ଉପରେ ୧୬.୪ କୋଟି ଟଙ୍କାର ଜରିମାନା ମଧ୍ୟ କରାଯାଇଛି।

ଏହି ମାମଲା ଏକ ଦାମୀ ବୁଲଗାରୀ ଘଡ଼ି ସେଟ୍ ସହିତ ଜଡିତ। ଏହି ଘଡ଼ି ସେଟ୍ ୨୦୧୮ରେ ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ ଇମ୍ରାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ଓ ଏହାର ମୂଲ୍ୟ ୨ କୋଟି ଟଙ୍କା ଥିଲା। ତେବେ ଏହି ଉପହାରର ପ୍ରକୃତ ମୂଲ୍ୟ ବିଷୟରେ ଇମ୍ରାନ ପାକିସ୍ତାନ ଅଭିଲେଖାଗାରକୁ ଜଣାଇ ନଥିଲେ। ସେ କହିଥିଲେ ଏହି ଘଡିର ମୂଲ୍ୟ ମାତ୍ର ୫ ଲକ୍ଷ ଟଙ୍କା।



ଫଳରେ ଏହି ଘଡି ପାକିସ୍ତାନ ସରକାରୀ ରାଜକୋଷକୁ ଯାଇପାରି ନଥିଲା। ଇମ୍ରାନ ଏହାକୁ ବ୍ୟକ୍ତିଗତ ଭାବେ ବିକ୍ରି କରିବାକୁ ଚାହୁଁଥିଲେ। ରାୱଲପିଣ୍ଡିର ଆଦିଆଲା ଜେଲରେ ହୋଇଥିବା ସ୍ୱତନ୍ତ୍ର ଶୁଣାଣି ସମୟରେ ସ୍ୱତନ୍ତ୍ର ଜଜ୍ ଶାହରୁଖ ଅର୍ଜୁମନ୍ ଏହି ରାୟ ଶୁଣାଇଛନ୍ତି। ଅନ୍ୟଏକ ଦୁର୍ନୀତି ମାମଲାରେ ଇମ୍ରାନ ୨୦୨୩ରୁ ଆଦିଆଲା ଜେଲ୍‌ରେ ରହିଛନ୍ତି। ଇମ୍ରାନ ୭୩ ବର୍ଷୀୟ ହୋଇଥିବାରୁ ଓ ବୁଶରା ଜଣେ ମହିଳା ହୋଇଥିବାରୁ ଦଣ୍ଡ କମ୍ କରାଯାଇଛି ବୋଲି କୁହାଯାଇଛି। ବୁଶରାଙ୍କ କାରଣରୁ ଇମ୍ରାନ ଏହି ଦୁର୍ନୀତି ମାମଲାରେ ଫସି ଯାଇଥିଲେ। ଉପହାର ସ୍ୱରୂପ ମିଳିଥିବା ଘଡ଼ିକୁ ଇମ୍ରାନ ପତ୍ନୀ ବୁଶରାଙ୍କୁ ଦେଇଥିଲେ। ବୁଶରା କିନ୍ତୁ ଏହି ଘଡ଼ିକୁ ନିଜର ଜଣେ ମନ୍ତ୍ରୀଙ୍କ ଦ୍ୱାରା ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ନିୟମ ଅନୁସାରେ ଯଦି କୌଣସି ଉପହାରର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ଏହାକୁ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି କିଣିପାରିବେ। ଯଦି କେହି ନ କିଣନ୍ତି, ତେବେ ଏହାର ନିଲାମୀ ହୋଇଥାଏ। କିନ୍ତୁ ଇମ୍ରାନ ୨ କୋଟି ଟଙ୍କାର ଘଡିର ମୂଲ୍ୟକୁ କେତେବେଳେ ୫ ଓ କେତେବେଳେ ୭ ଲକ୍ଷ ଟଙ୍କା ବୋଲି କହିଥିଲେ। ସେ ଏହି ମୂଲ୍ୟରେ କ୍ରୟ କରି ତାକୁ ପ୍ରକୃତ ମୂଲ୍ୟ ଅର୍ଥାତ୍ ଦୁଇ କୋଟି ଟଙ୍କାରେ ବିକ୍ରି କରିଥିଲେ ଓ ଏହି ମାମାଲାରେ ଫସିଯାଇଥିଲେ। ଉଲ୍ଲେଖଥାଉ କି, ଇମ୍ରାନଙ୍କ ବିରୋଧରେ ୧୦୦ରୁ ଊର୍ଦ୍ଧ୍ୱ ମାମଲା ଚାଲୁଛି। ସେ ୨୦୨୩ ଅଗଷ୍ଟରୁ ଜେଲ୍‌ରେ ରହିଛନ୍ତି। ଦୁର୍ନୀତି ମାମଲାରେ ତାଙ୍କୁ ୧୪ ବର୍ଷ ଜେଲ ହୋଇସାରିଛି। ଏଥିରେ ସରକାରୀ ଉପହାର (ତୋଶାଖାନା ମାମଲା) ବିକ୍ରୟ ଓ ସରକାରୀ ଗୁପ୍ତତଥ୍ୟ ଲିକ୍ ମାମଲା ସାମିଲ ରହିଛି।

# ହାଦିଙ୍କର ଅନ୍ତିମ ସଂସ୍କାରରେ ଭାରତବିରୋଧୀ ସ୍ଲୋଗାନ

ଢ଼ାକା, ୨୦।୧୨(ଏଜେନ୍ସି): ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ପରିଚିତ ଥିବା ଛାତ୍ରନେତାଉସ୍ମାନହାଦିଙ୍କରଆଜିଅନ୍ତିମସଂସ୍କାରକରାଯାଇଛି। ଢାକା ବିଶ୍ୱବିଦ୍ୟାଳୟାରେ ଜାତୀୟ କବି କାଜି ନାଜରୁଲ ଇସଲାମଙ୍କ କବର ନିକଟରେ ତାଙ୍କୁ ସାମାଧି ଦିଆଯାଇଛି। ଏହାପୂର୍ବରୁ ଅପରାହ୍ଣ ୨.୩୦ରେ ସଂସଦ ଭବନର ସାଉଥ ପ୍ଲାଜାରେ ତାଙ୍କ ପାଇଁ ଜନାନା ନମାଜ ପାଠ କରାଯାଇଥିଲା। ତେବେ ଏହି ଅନ୍ତିମ ସଂସ୍କାର ବେଳେ ତାଙ୍କର ସମର୍ଥକମାନେ ଭାରତ-ବିରୋଧୀ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ହାଦିଙ୍କ ହତ୍ୟାକାଣ୍ଡ ପଛରେ ଭାରତର ହାତ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି କାରଣରୁ ହାଦିଙ୍କ ସମର୍ଥକମାନେ ବାଂଲାଦେଶର ବିଭିନ୍ନ ସ୍ଥାନରେ ଭାରତୀୟ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି।

ଇତିମଧ୍ୟରେ ଇନ୍‌କିଲାବ ମଞ୍ଚର ନେତା ଅବଦୁଲ୍ଲା ଅଲ ଜାବେର ନାମଜ ପାଠ ପରେ ସମର୍ଥକଙ୍କୁ ଶାହାବାଗ ଯିବାକୁ ଆହ୍ୱାନ ଦେଇଥିଲେ। ଆମେ ଶୋକ କିମ୍ବା ଦୁଃଖ ପ୍ରକାଶ କରିବାକୁ ଆସିନାହୁଁ। ଆମେ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କ ହତ୍ୟା ଘଟଣାର ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ସେ କହିଥିଲେ। ଏହି ମାମଲାରେ ସରକାର ଗତ ୨୪ ଘଣ୍ଟା ମଧ୍ୟରେ କି ପଦକ୍ଷେପ ନେଇଛନ୍ତି ସେ ନେଇ ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ନମାଜ ପରେ ଅନ୍ତରୀଣ ସରକାରଙ୍କ ଉପଦେଷ୍ଟା ମହମ୍ମଦ ୟୁନୁସ ମଧ୍ୟ କହିଥିଲେ ଯେ ଯେପର୍ଯ୍ୟନ୍ତ ବାଂଲାଦେଶର ଅସ୍ତିତ୍ୱ ରହିଛି, ସେ ପର୍ଯ୍ୟନ୍ତ ହାଦି ଆମ ହୃଦୟରେ ରହିଥିବେ। ସେ ଜଣେ ଉଦୀୟମାନ ଯୁବ ନେତା ଥିଲେ। ଏହାସହିତ ସେ ପ୍ରତିଶ୍ରୁତି ଦେଇଥିଲେ ଯେ ହାଦିଙ୍କ ହତ୍ୟାକାରୀଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ସଂସଦ ନିର୍ବାଚନରେ ହାଦୀ ସ୍ୱାଧୀନ ପ୍ରାର୍ଥୀ ଭାବେ

■ କାଜି ନଜରୁଲ ଇସ୍‌ଲାମଙ୍କ କବର ନିକଟରେ ସମାଧି

■ ହିନ୍ଦୁ ଯୁବକଙ୍କ ଭିଡ଼ ହତ୍ୟା ମାମଲାରେ ୭ ଗିରଫ

ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଥିଲେ। ୟୁନୁସ, ଖାଲେଦା ଜିଆଙ୍କ ବିଏନପି ଏବଂ କଠୋରପନ୍ଥୀ ଜମାତ ଇସଲାମୀ ସହ ତାଙ୍କର ମତାନ୍ତ ଥିଲା। ସେ ପାକିସ୍ତାନ ବା ଅନ୍ୟ କୌଣସି ରାଷ୍ଟ୍ରର ହସ୍ତକ୍ଷେପକୁ ପସନ୍ଦ କରୁନଥିଲେ। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ଇତିମଧ୍ୟରେ ବାଂଲାଦେଶରେ ଗତକାଲି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ମାମଲାରେ ରାପିଡ ଆକ୍ସନ ବାଟାଲିଅନ (ଆରଏବି) ୭ ଜଣ ଲୋକଙ୍କୁ ଗିରଫ କରିଛି। ଆରଏବି-୧୪ ବିଭିନ୍ନ ସ୍ଥାନରେ ଚଢାଉ କରି ଏମାନଙ୍କୁ



ଗିରଫ କରିଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଦୀପୁ ଏକ କାରଖାନାାରେ କାମ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଥିଲେ। ତାଙ୍କ ଉପରେ ତାଙ୍କ ଦିବ୍ୟାଙ୍ଗ ପିତା, ମାତା, ପତ୍ନୀ ଓ ପିଲା ନିର୍ଭର କରୁଥିଲେ। ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, କଂଗ୍ରେସ ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଏହି ଘଟଣାକୁ ନିନ୍ଦା କରିଛନ୍ତି। ମହମ୍ମଦ ୟୁନୁସୁଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାର ମଧ୍ୟ ଏହି ଘଟଣାକୁ ନନ୍ଦା କରିଛି। ଉଲ୍ଲେଖଥାଉ କି, ଆୱାମୀ ଲିଗ୍ ସୁପ୍ରିମୋ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପରେ ଭାରତ- ବିରୋଧୀ ହିଂସା କମିବାର ନା ନେଉନାହିଁ। ହସିନା ଭାରତରେ ଆଶ୍ରୟ ନେଇଥିବାରୁ ତାଙ୍କର ବିରୋଧୀମାନେ ଭାରତ ବିରୋଧରେ ବିଷ ଉଗାରୁଛନ୍ତି। ନିହତ ଯୁବ ନେତା ହାଦି ମଧ୍ୟ ଭାରତ ବିରୋଧରେ ବିସ୍ଫୋରକ ବୟାନ ଦେଉଥିଲେ।

## ବିପଦରେ ଜମ୍ମୁ-କଶ୍ମୀରର ରାଟଲ୍ ଜଳବିଦ୍ୟୁତ୍ ପ୍ରକଳ୍ପ

ଶ୍ରୀନଗର, ୨୦।୧୨(ଏଜେନ୍ସି): ଜମ୍ମୁ-କଶ୍ମୀରର କିସ୍ତୱାରରେ ଚେନାବ ନଦୀ ଉପରେ ନିର୍ମିତ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପକୁ ନେଇ ଏବେ ବିପଦ ସୃଷ୍ଟି ହୋଇଛି। ଜମ୍ମୁ-କଶ୍ମୀର ପୁଲିସ ଦେଇଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପରେ କାର୍ଯ୍ୟରତ ୨୯ଜଣ ଶ୍ରମିକ ଆତଙ୍କବାଦୀଙ୍କ ସମ୍ପର୍କରେ ରହିଛନ୍ତି। ଏହି ଶ୍ରମିକମାନେ ଦେଶ ବିରୋଧୀ ଓ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ଏହି ଶ୍ରମିକମାନଙ୍କୁ ନିଯୁକ୍ତ ଦେବାର ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ପୁଲିସ କମ୍ପାନୀକୁ କହିଛି। ଏହି ଶ୍ରମିକମାନେ ଏବେ ପ୍ରକଳ୍ପର ସୁରକ୍ଷା ନେଇ ଗମ୍ଭୀର ବିପଦ ସୃଷ୍ଟି କରିଛନ୍ତି। ଏଭଳି ଶ୍ରମିକଙ୍କ କାର୍ଯ୍ୟକଳାପ ଓ ଗତିବିଧି ଉପରେ କମ୍ପାନୀ ନଜର ରଖିବା ଉଚିତ ବୋଲି କୁହାଯାଇଛି। ଏହି ୮୫୦ ମେଗାୱାଟ୍‌ର ପ୍ରକଳ୍ପ ନ୍ୟାସନାଲ ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ (ଏନ୍‌ଏଚ୍‌ପିସିଏଲ୍) ଓ ଜମ୍ମୁ-କଶ୍ମୀର ସରକାରଙ୍କ ମିଳିତ ଉଦ୍ୟମରେ ନିର୍ମାଣ କରାଯାଉଛି। ୩, ୭୦୦ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ (ଏମ୍‌ଇଆଇଏଲ)କୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୨୯ ଜଣ ଶ୍ରମିକଙ୍କ ମଧ୍ୟରୁ ୫ ଜଣ ସକ୍ରିୟ ଥିବା କିମ୍ବା ଆତ୍ମସମର୍ପଣ କରିଥିବା ଆତଙ୍କବାଦୀଙ୍କ ସମ୍ପର୍କୀୟ ବୋଲି ପୁଲିସ ଭେରିଫିକେଶନରେ ଜାଣିବାକୁ ପାଇଥିଲା। ଜଣେ କର୍ମଚାରୀଙ୍କ ଦାଦା ହିଜବୁଲ ମୁଝାହିଦ୍ଦିନର ଆତଙ୍କବାଦୀ ମହମ୍ମଦ ଅମିନ ବୋଲି ଜଣାପଡ଼ିଛି। ଏମ୍‌ଇଆଇଏଲ କମ୍ପାନୀ ମଧ୍ୟ ଏ ନେଇ ନିଜର ସ୍ପଷ୍ଟୀକରଣ ଦେଇଛି। ଶ୍ରମିକମାନେ ନିଜେ ଆତଙ୍କବାଦୀ ହୋଇ ନଥିବାରୁ ସେମାନଙ୍କୁ ହଟାଇବା କଷ୍ଟକର। ଏମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ଆପରାଧିକ ମାମଲା ନାହିଁ। ତେବେ ଏମାନଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି ଏମ୍‌ଇଆଇଏଲ ପୁଲିସକୁ ଆଶ୍ୱାସନା ଦେଇଛି।

## ଯାତ୍ରୀଙ୍କୁ ମାଡ଼ମାରି ପାଇଲଟ ନିଲମ୍ବିତ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଦିଲ୍ଲୀ ବିମାନ ବନ୍ଦରର ଟର୍ମିନାଲ-୧ରେ ଦାୟିତ୍ୱରେ ନଥିବା ଜଣେ ପାଇଲଟ ଶୁକ୍ରବାର ଅଙ୍କିତ ଦିୱାନ ନାମକ ଜଣେ ଯାତ୍ରୀଙ୍କ ସହ ମାଡ଼ପିଟ୍ କରି ତାଙ୍କୁ ଲହୁଲୁହାଣ କରିଥିଲେ। ଏହାପରେ ଅଙ୍କିତ ସାମାଜିକ ଗଣମାଧ୍ୟମରେ ନିଜ ସହିତ ହୋଇଥିବା ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ ନିଜର ଆହତ ହୋଇଥିବା ରକ୍ତାକ୍ତ ଚେହେରା ଓ ପାଇଲଟଙ୍କ ପୋଷାକ ମଧ୍ୟ ପୋଷ୍ଟ କରିଥିଲେ। ଘଟଣା ସାମ୍ନାକୁ ଆସିବା ମାତ୍ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ) ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଏୟାର ଇଣ୍ଡିଆର ସମ୍ପୃକ୍ତ ପାଇଲଟ ବୀରେନ୍ଦ୍ର ସେଜୱାଲଙ୍କୁ ନିଲମ୍ବିତ କରାଯାଇଛି।



ପାଇଲଟ ଡ୍ୟୁଟିରେ ନଥିଲେ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। ସେ ଅନ୍ୟଏକ ବିମାନର ଯାତ୍ରୀ ଥିଲେ। ଆମେ ତାଙ୍କୁ ଦାୟିତ୍ୱରୁ ହଟାଇଛୁ ଓ ତଦନ୍ତ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଘଟଣା ପରେ ଅଙ୍କିତ ଦିୱାନ ଏହି ଘଟଣା ପରେ ଏକ ପୋଷ୍ଟ ଲେଖିଛନ୍ତି। ଏହି ମାମଲାକୁ ରଫାଦଫା କରିବା ପାଇଁ ମୋ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଜବରଦସ୍ତି ମୋ ଦ୍ୱାରା ଏକ ଚିଠି ଲେଖାଯାଇଥିଲା। ଯଦି ମୁଁ ଏପରି ନ କରିଥାନ୍ତି ତେବେ, ମୋତେ ବିମାନ ଯାତ୍ରାରୁ ବଞ୍ଚିତ ହେବାକୁ ପଡ଼ିଥାନ୍ତା ବୋଲି ସେ କହିଛନ୍ତି।

## ୨୪ରେ ଇସ୍ରୋ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍‌କ୍ଷେପଣ କରିବ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଖ୍ରୀଷ୍ଟମାସ ପୂର୍ବରୁ ଆସନ୍ତା ୨୪ ତାରିଖରେ ତା'ର ସବୁଠାରୁ ଶକ୍ତିଶାଳୀ ରକେଟ ମହାକାଶକୁ ଛାଡିବ ବୋଲି ଘୋଷଣା କରିଛି। ଏହାକୁ ଇସ୍ରୋର ବାହୁବଳୀ ରକେଟ ବା ଏଲ୍‌ଭିଏମ୍‌୩ (ଲଞ୍ଚ ଭେଇକଲ ମାର୍କ-୩) ବୋଲି କୁହାଯାଉଛି। ଏହି ରକେଟ ମାଧ୍ୟମରେ ଆମେରିକର ବ୍ଲ୍ୟୁବାର୍ଡ ବ୍ଲକ-୨ ନାମକ ଏକ ବିଶାଳ ବାଣିଜ୍ୟିକ ଉପଗ୍ରହକୁ ମହାକାଶକୁ ପଠାଯିବ। ଏହି ରକେଟର ଉଚ୍ଚତା ୪୩ ମିଟର ଓ ଓଜନ ୬୪୦ ଟନ ବୋଲି କୁହାଯାଇଛି। ଏହି ରକେଟ ୮, ୦୦୦ କେଜି ଓଜନର ଜିନିଷକୁ ଲୋ ଆର୍ଥ ଅର୍ବିଟକୁ ନେଇ ପାରିବ। ବ୍ଲ୍ୟୁବାର୍ଡ ବ୍ଲକ-୨ ଉପଗ୍ରହର ଓଜନ ପାଖାପାଖି ୬.୫ ଟନ ବୋଲି କୁହାଯାଇଛି। ୨୪ ତାରିଖ ୮.୫୪ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ ପ୍ୟାଡରୁ ଏହାକୁ ଛଡ଼ାଯିବ। ଦେଶବ୍ୟାପୀ ଥିବା ମହାକାଶପ୍ରେମୀ ଏହି ଉତ୍‌କ୍ଷେପଣ ପ୍ରକ୍ରିୟାର ସିଧାପ୍ରସାରଣ ଦେଖିପାରିବେ। ଏହି ମିଶନ ଏଲଭିଏମ୍-୩ ରକେଟର ଷଷ୍ଠ ଉଡାଣ କାର୍ଯ୍ୟକ୍ରମ ହେବ। ଇସ୍ରୋ ଏବେ ଏହାଠାରୁ ଅଧିକ ଶକ୍ତିଶାଳୀ ରକେଟ 'ସୂର୍ଯ୍ୟ (ଏନ୍‌ଜିଏଲ୍‌ଭି)' ଉପରେ କାର୍ଯ୍ୟ କରୁଛି। ଏହାର ଉଚ୍ଚତା ୯୨ ମିଟର ହେବ ଓ ଭବିଷ୍ୟତରେ ଏହା ଚନ୍ଦ୍ର ଅଭିଯାନରେ ସହାୟକ ହେବ। ଏହି ଐତିହାସିକ ମୁହୂର୍ତ୍ତକୁ ଶ୍ରୀହରିକୋଟାରେ ଥିବା ଲଞ୍ଚ ଭେଇକଲ ଗ୍ୟାଲେରୀରରେ ସିଧାସଳଖ ଦେଖିହେବ। ଏହାକୁ ୟୁଟ୍ୟୁବ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିହେବ।

## ଆମେରିକା ଆକ୍ରମଣରେ ୭୦ ଆଇଏସ୍ ଆଡ୍ଡା ଧ୍ୱଂସ

ଡମାସ୍କସ, ୨୦।୧୨(ଏଜେନ୍ସି): ଆମେରିକା ଶୁକ୍ରବାର ପଶ୍ଚିମ ଏସିଆ ଦେଶ ସିରିଆରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ସହିତ ଜଡିତ ୭୦ଟି ଠିକଣା ଉପରେ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିଛି। କିଛିଦିନ ତଳେ ସିରିଆରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜଣେ ଟ୍ରାନ୍ସଲେଟରଙ୍କୁ ମାରିଦିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ମୃତ୍ୟୁବରଣ କରିଥିବା ଦୁଇ ଆମେରିକୀୟ ସୈନିକ ଆୟୋବା ରାଜ୍ୟର ବାସନ୍ଦା। ଆୟୋବା ରାଜ୍ୟକୁ 'ହକ୍‌ଆଇ ଷ୍ଟେଟ୍' କୁହାଯାଇଥାଏ। ଏଥିପାଇଁ ଏହା 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ଆମେରିକା କହିବା ଅନୁସାରେ ଆତଙ୍କବାଦୀ ରହୁଥିବା ଠିକଣା ଅସ୍ତ୍ରଶସ୍ତ୍ର ରଖାଯାଉଥିବା ଗୋଦାମ ଉପରେ ହିଁ ଆକ୍ରମଣ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ଅପରେସନ ନେଇ ନିଜର ପ୍ରତିକ୍ରିୟା ପକାଶ କରିଛନ୍ତି। ନିଜ ପ୍ରତିଶ୍ରୁତି ପୂରଣ କରିଛି ବୋଲି ସେ କହିଛନ୍ତି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ ହେଗସେଥ କହିଛନ୍ତି ଯେ, ପ୍ରତିଶୋଧ ସ୍ୱରୂପ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହା କୌଣସି ନୂଆ ଯୁଦ୍ଧର ଆରମ୍ଭ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଯେଉଁମାନେ ଆମେରିକା ସୈନ୍ୟକୁ ମାରିଛନ୍ତି ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ନିଜ ନାଗରିକ ତଥା ସୈନ୍ୟଙ୍କ ରକ୍ଷା ପାଇଁ କେବେ ପଛକୁ ହଟିବା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଡିସେମ୍ବର ୧୩ରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜେଟ ଟ୍ରାନ୍ସଲେଟରଙ୍କୁ ଆକ୍ରମଣ କରାଯାଇ ମାରି ଦିଆଯାଇଥିଲା। ଅବଶ୍ୟ ଆଇଏସ୍‌ଆଇଏସ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନଥିଲା। ଏହାପରେ ଆମେରିକା କିଛି ଜବାବ ଦେବ ବୋଲି ଆଶଙ୍କା ମଧ୍ୟ କରାଯାଉଥିଲା। ଆକ୍ରମଣକାରୀଙ୍କୁ ଆମେରିକା ଜବାବ ଦେଉଛି ବୋଲି ଟ୍ରମ୍ପ କହିଛନ୍ତି।

## ଅନୁପ୍ରବେଶକାରୀଙ୍କୁ କିଏ ଦେଉଥିଲା ଶରଣ?

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ବର୍ଷ ବର୍ଷ ଧରି କଂଗ୍ରେସ କରିଥିବା ତ୍ରୁଟିକୁ ଆମେ ସୁଧାରିବାକୁ ପ୍ରୟାସ କରୁଛୁ। ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ଯୋଜନାବଦ୍ଧ ଭାବେ ଶରଣ ଦେଉଥିଲା। କିନ୍ତୁ ଆମେ ସେମାନଙ୍କୁ ହଟାଇବାକୁ ପ୍ରୟାସ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୌହାଟୀର ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। କଂଗ୍ରସ ସବୁବେଳେ ଆସାମର ବିରୋଧରେ କାର୍ଯ୍ୟ କରିଆସୁଛି। ଅନୁପ୍ରବେଶକାରୀଙ୍କୁ ଶରଣ ଦେବା ଫଳରେ ରାଜ୍ୟରେ ଜନସଂଖ୍ୟାରେ ଆଶାତୀତ ପରିବର୍ତ୍ତନ ହୋଇଛି। ଏବେ ଏହା ଆସାମର ସୁରକ୍ଷା ସାଙ୍ଗକୁ ରାଜ୍ୟର ପରିଚୟକୁ ବିପଦରେ ପକାଇଛି। ଏହିକ୍ରମରେ ସେ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଦେଶ ବିରୋଧୀ ଲୋକଙ୍କ କବଳରୁ ସରକାର ଆସାମର ସମ୍ବଳକୁ ମୁକ୍ତ କରିବାକୁ କଠିନ ପରିଶ୍ରମ କରୁଛନ୍ତି। ମୋଦୀ ଦୁଇଦିନିଆ ଗସ୍ତରେ ଆସାମ ଯାଇଛନ୍ତି। ସେ ଗୌହାଟୀରେ ଲୋକପ୍ରିୟ ଗୋପୀନାଥ ବୋର୍ଦ୍ଦୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂତନ ଟର୍ମିନାଲ



ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ପ୍ରଥମ ପ୍ରକୃତି-ଥିମ ବିଶିଷ୍ଟ ବିମାନ ବନ୍ଦରର ଟର୍ମିନାଲ ବିବେଚିତ ହେଉଛି। ଏହାର ଥିମ ବାଉଁଶ ବଗିଚା ଉପରେ ନିର୍ମିତ ହୋଇଛି। ମୋଦୀ ରବିବାର ଆସାମରେ ୧୫, ୬୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ସେ ଗୋପୀନାଥ ବୋର୍ଦ୍ଦୋଲୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପୂର୍ବରୁ ସେ ପଶ୍ଚିମବଙ୍ଗରେ ରାଲିରେ ଯୋଗ ଦେଇ ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିଥିଲେ। ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାର ଜନତାଙ୍କୁ ଲୁଟପାଟ୍ କରିବା ସହ ଡରାଇବାର ସବୁ ସୀମା ପାରକରିଛି।

# ଧରାପଡ଼ିଲା କ୍ଲିଣ୍ଟନଙ୍କ କାରନାମା; ଏପ୍‌ଷ୍ଟିନ ଫାଇଲରୁ ଟ୍ରମ୍ପ ଗାଏବ୍

ୱାସିଂଟନ, ୨୦।୧୨ (ଏଜେନ୍ସି): ବିଶ୍ୱରେ ଚହଳ ପକାଇଥିବା ବହୁ ଚର୍ଚ୍ଚିତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲ ଖୋଲିଛି। ଏହା ଅନେକ ବଡ଼ ବଡ଼ ବ୍ୟବସାୟୀ, ନେତା ଓ ସେଲିବ୍ରିଟିଙ୍କ କଳା କାରନାମାର ଗୁମର ଖୋଲି ଦେଇଛି। ଭାରତୀୟ ସମୟ ଶୁକ୍ରବାର ରାତି ୨ଟା୩୦ରେ ଆମେରିକା ନ୍ୟାୟ ବିଭାଗ ଏହି ଯୌନ କେଲେଙ୍କାରୀରେ ଯୌନ ପିପାସୁ ଏପଷ୍ଟିନଙ୍କ ସହ ଜଡ଼ିତ ୩ ଲକ୍ଷ ଦଲିଲକୁ ୭ଟି ସେଟ୍‌ରେ ଜାରି କରିଛି। ଆହୁରି କିଛି ଫାଇଲ ଜାରି କରାଯିବ ବୋଲି କୁହାଯାଇଛି। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅନେକ ହାଇପ୍ରୋଫାଇଲ ବ୍ୟବସାୟୀ, ସେଲିବ୍ରିଟି, ଶିକ୍ଷାବିତ ଏବଂ ରାଜନେତାଙ୍କ ନାମ ରହିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ପପ୍ ସିଙ୍ଗର ମାଇକେଲ ଜ୍ୟାକସନ, ହଲିଉଡ ଅଭିନେତା କ୍ରିସ ଟକ୍କର, କେଭିନ ସ୍ପେସି, ଆମେରିକୀୟ ଉପସ୍ଥାପକ ଓପ୍ରା ୱିନଫ୍ରେ, ଆରବପତି ରିଚାର୍ଡ ବ୍ରେସନନ, ବ୍ରିଟେନ ରାଜକୁମାର ଆଣ୍ଡ୍ରୁ ଏବଂ ତାଙ୍କ ପତ୍ନୀ ସାରା ଫର୍ଗୁସନ ପ୍ରମୁଖ ସାମିଲ ଅଛନ୍ତି। ଏହି ଦଲିଲର ପ୍ରଥମ ୭ ପୃଷ୍ଠାରେ ମସାଜ ଦେଉଥିବା ୨୫୪ ମହିଳାଙ୍କ ନାମ ରହିଛି। ତେବେ ସେମାନଙ୍କ ପରିଚୟ ପ୍ରକାଶ କଲେ ବିପଦ ଥିବାରୁ ମୁହଁକୁ କଳା କରିଦିଆଯାଇଛି।

କିଛି ଫଟୋରେ ଯୁବତୀଙ୍କ ସହ କ୍ଲିଣ୍ଟନ ଗାଧୋଉଥିବା ଏବଂ ପାର୍ଟି କରୁଥିବା ଦେଖାଯାଉଛି। ଆଉ କିଛି ଫଟୋରେ ସେ ଯୁବତୀଙ୍କ ସହ ହଟ୍-ଟବରେ ନଜର ଆସୁଛନ୍ତି। କିନ୍ତୁ ଉକ୍ତ ଯୁବତୀଙ୍କ ଫଟୋକୁ କଳା କରିଦିଆଯାଇଛି। ଅନ୍ୟ ଏକ ଫଟୋରେ ଏପଷ୍ଟିନଙ୍କ ସହଯୋଗୀ ଘିସଲାନୀ ମାକ୍ସୱେଲଙ୍କ ସହ କ୍ଲିଣ୍ଟନ ପହଁରୁ ଥିବା ଦେଖାଯାଉଛି। ସେହିପରି ମିକି ଜାଗର ଏବଂ ମାଇକେଲ ଜ୍ୟାକସନଙ୍କୁ ଏକାଠି ଦେଖିବାକୁ ମିଳୁଛି। ବ୍ରିଟିଶ ଯୁବରାଜ ଆଣ୍ଡ୍ରୁ ୫ ମହିଳାଙ୍କ କୋଳରେ ଶୋଇଥିବା ଦେଖାଯାଉଛି। ତାଙ୍କ ପତ୍ନୀ ସାରାଙ୍କୁ ଅନ୍ୟ ଜଣେ ମହିଳାଙ୍କ ସହ ଦେଖାଯାଇଛି। ଏପଷ୍ଟିନର କୋଳରେ ନାବାଳିକା ବସିଥିବା ନଜର ଆସୁଛି। ଏପିଷ୍ଟନ ଫାଇଲକୁ ୪ଟି ସେଟ୍‌ରେ ଜାରି କରାଯାଇଛି। ଏଥିରେ ୩.୫୦୦ରୁ ଅଧିକ ଫାଇଲ ଏବଂ ୨.୫ ଜିବିର ଫଟୋ ସାମିଲ ରହିଛି। ୯୫ ହଜାରରୁ ଅଧିକ ଫଟୋ ଥିବା କୁହାଯାଉଛି। ଏହି ଖୁଲାସାର କି ପ୍ରଭାବ ପଡ଼ିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଜାତୀୟ ସୁରକ୍ଷା ସହ ଜଡ଼ିତ ଥିବାରୁ ଆଉ କିଛି ଫାଇଲକୁ ରୋକି ଦିଆଯାଇଛି ବୋଲି ଆମେରିକା ନ୍ୟାୟ ବିଭାଗ କହିଛି। ଫାଇଲ୍ସରେ ଥିବା କଣ୍ଟାକ୍ଟ ବୁକ୍‌ରେ ଟ୍ରମ୍ପଙ୍କ ନାମ ମଧ୍ୟ ରହିଛି। ତେବେ ଏହି ବୁକ୍ କାହାର ତାହା ଜଣାପଡ଼ି ନାହିଁ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ଯୌନ ଅପରାଧୀ ଏପଷ୍ଟିନର ଘନିଷ୍ଠ ସହଯୋଗୀ ଥିଲେ। ସେ ଅନେକ ମାସ ପର୍ଯ୍ୟନ୍ତ ଏହି ଫାଇଲକୁ ଜାରି ନ କରିବା ପାଇଁ ଲଢେଇ ଲଢ଼ି ଥିଲେ। ମାତ୍ର ଯୌନକର୍ମୀ ଚାଲାଣ ମାମଲାରେ ଜେଲ୍‌ରେ ଥିବାବେଳେ ୨୦୧୯ରେ ନ୍ୟୁୟର୍କ ଜେଲ୍‌ରେ ଏପଷ୍ଟିନ ଆତ୍ମହତ୍ୟା କରିଥିବା ଖବର ଆସିଥିଲା। କିନ୍ତୁ ସେ ସମୟରେ ଜେଲ୍‌ର ସ୍ଥିତିକୁ

■ ଯୁବତୀଙ୍କ ସହ ହଟ୍-ଟବରେ ବିଲ୍ କ୍ଲିଣ୍ଟନ

■ ମାଇକେଲ ଜ୍ୟାକ୍‌ସନଙ୍କ ଫଟୋ ଭାଇରାଲ



ଦେଖିଲେ ଏହା ହତ୍ୟାକାଣ୍ଡ ଭଳି ମନେ ହୁଏ। କାରଣ ଏହି ଘଟଣା ଦିନ କୌଣସି ସିସିଟିଭି କାମ କରୁ ନ ଥିଲା। କୌଣସି ସୁରକ୍ଷାକର୍ମୀ ସେଲ୍ ଭିତରେ ନ ଥିଲେ। ତେଣୁ ଏହି ମାମଲାକୁ ଚପାଇବା ପାଇଁ ଜେଲ୍‌ରେ ଏପଷ୍ଟିନଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି।

ଏହି ଏପଷ୍ଟିନ ଫାଇଲ ଜାରି କରିବା ପାଇଁ ଟ୍ରମ୍ପଙ୍କ ଉପରେ ଚାପ ପଡ଼ିଥିଲା। ବିରୋଧୀଙ୍କ ସହିତ ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନ ମଧ୍ୟ ଏହା ସପକ୍ଷରେ ଗୃହରେ ଭୋଟ କରିଥିଲା। ବହୁମତରେ ବିଲ୍ ପାରିତ ହୋଇଥିବା ଟ୍ରମ୍ପ ଏହାକୁ ରୋକି ପାରି ନ ଥିଲେ। ଏଥିପାଇଁ ବ୍ରିଟେନ ରାଜା ମଧ୍ୟ ଚାପ ପକାଇଥିବା କୁହାଯାଉଥିଲା। ସେଥିପାଇଁ ଟ୍ରମ୍ପ ବ୍ରିଟେନ ଗସ୍ତରେ ଯାଇ ରାଜା ଚାର୍ଲ୍ସଙ୍କୁ ଭେଟିଥିଲେ। କିନ୍ତୁ ଏହାର କୌଣସି ଲାଭ ମିଳି ନ ଥିଲା। ଏହି ଫାଇଲରେ ବ୍ରିଟେନ ଯୁବରାଜ ଆଣ୍ଡ୍ରୁଙ୍କ ନାମ ରହିଛି। ପରିବାର ଇଜ୍ଜତ ତଳେ ପଡ଼ିଯିବ ବୋଲି ବ୍ରିଟେନ ରାଜା ମଧ୍ୟ ଏହାକୁ ରୋକିବାକୁ ପ୍ରୟାସ କରିଥିବା ଚର୍ଚ୍ଚା ହେଉଛି।




# ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ 'ଚକ୍ରାନ୍ତ'

ପରିବାର ଛାଡ଼ି ଅନେକ ବାହାରକୁ ଆସନ୍ତି। କିଏ ପାଠ ପଢ଼ିବା ଲକ୍ଷ୍ୟରେ ତ କିଏ ଚାକିରି କରିବା ଉଦ୍ଦେଶ୍ୟରେ। ମାତ୍ର ଅନେକ ସମୟରେ ଆମ ଜୀବନର ପ୍ରକୃତ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଭିନ୍ନ ମୋଡ଼ରେ ପାଦ ଦେଇଥାଉ। ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଥିବା 'ଚକ୍ରାନ୍ତ' ଚଳଚ୍ଚିତ୍ରରେ ମଧ୍ୟ ଏଭଳି କିଛି କାହାଣୀ ଦେଖିବାକୁ ମିଳିବ। ଏହି ସିନେମାଟି ଆସନ୍ତା ଜାନୁଆରୀ ମାସରେ ମୁକ୍ତିଲାଭ କରିବାକୁ ଯାଉଛି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଯେଉଁଥିରେ ଭରପୂର କମେଡି ଅଛି। ବିଶେଷକରି ଏହି କାହାଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ଅଛି। 'ଲକ୍ଷେଶ୍ୱର ପ୍ରଡ଼କସନ୍' ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି। 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନୁ ନାୟକ। କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୁମନ ମହାନ୍ତି ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି। ■


# ବ୍ରହ୍ମପୁରର ପର୍ଶୁ

କେ କେ ଜଣେ ଉଚ୍ଚକୋଟୀର ଅଭିନେତା। ସେ ଯେଉଁ ଚରିତ୍ରରେ ଅଭିନୟ କରନ୍ତି, ଦର୍ଶକଙ୍କ ହୃଦୟରେ ଏକ ନିଆରା ଛାପ ଛାଡ଼ି ଯାଆନ୍ତି। ଆଗାମୀ ଚଳଚ୍ଚିତ୍ର 'ଲଢେଇ'ରେ ତାଙ୍କୁ ସେମିତି ଏକ ଦମ୍‌ଦାର ଚରିତ୍ର ମିଳିଛି। ପର୍ଶୁ ଜେନା ଯିଏ କି ଚଳଚ୍ଚିତ୍ରର ମୁଖ୍ୟ ଖଳନାୟକ। ବ୍ରହ୍ମପୁର ସହର ତା' କଥାରେ ଚାଲେ। ରାଜନୈତିକ ମହଲରେ ବି ତା'ର ବେଶ୍ ଭଲ ହାତ। ନାୟକ ସହିତ ତା'ର ସାଙ୍ଗମାନେ ପରିସ୍ଥିତିରେ ପଡ଼ି ପର୍ଶୁ ଜେନା ଗ୍ୟାଙ୍ଗରେ ଯୋଗ ଦିଅନ୍ତି। ପର୍ଶୁ ସେମାନଙ୍କୁ ଶରଣ ଦିଏ, କାମ ଦିଏ। କିନ୍ତୁ ଏଭଳି ସମୟ ଆସେ ସେମାନେ ପର୍ଶୁକୁ ଆଉ ମାନନ୍ତି ନାହିଁ। ଏଇଠାରୁ କାହାଣୀ ମୋଡ଼ ନିଏ। ଆଗକୁ କ'ଣ ଘଟେ, ତାହା ଫିଲ୍ମ ଦେଖିଲା ପରେ ଦର୍ଶକେ ଜାଣି ପାରିବେ। ଡିସେମ୍ବର ୩୧ରେ ସିନେମା 'ଲଢ଼େଇ' ମୁକ୍ତିଲାଭ କରୁଛି। ନିଜ ଚରିତ୍ରକୁ ଯଥେଷ୍ଟ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି ଏବଂ ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି କେକେ କହିଛନ୍ତି। ■



# ଏଥର '୪ ଇଡିୟଟସ୍'

ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ଫିଲ୍ମ 'ଥ୍ରୀ ଇଡିୟଟସ୍'କୁ ଲୋକେ ଏବେ ବି ଦେଖିବାକୁ ପସନ୍ଦ କରୁଛନ୍ତି। ଏହାରି ଭିତରେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ହେଉଥିଲା। ଏବେ ନିର୍ମାତା ଏହାର ସିକ୍ୱେଲର ଅସ୍ଥାୟୀ ନାମକରଣ କରିଛନ୍ତି। ଏହାର ନାଁ '୪ ଇଡିୟଟସ୍' ରଖାଯାଇଛି। ଆଗକୁ ଏହାର ନାଁରେ




ପରିବର୍ତ୍ତନ ବି ହୋଇପାରେ। ଯଦିଓ ସିକ୍ୱେଲର କାହାଣୀ ପୂର୍ବରୁ ସ୍ଥିର ହୋଇସାରିଛି, ତଥାପି ୨୦୨୬ରେ ଏହାର ସୁଟିଂ ଆରମ୍ଭ ହେବା କୁହାଯାଉଛି। ସେହିପରି ସିକ୍ୱେଲରେ ଚତୁର୍ଥ ଇଡିୟଟ୍‌ର ସନ୍ଧାନରେ ଏବେ ଏହାର ନିର୍ମାତା ଅଛନ୍ତି। ପ୍ରଥମ ଭାଗ ତୁଳନାରେ ଏହାର ସିକ୍ୱେଲ ଯେଭଳି ଅଧିକ ଭଲ ହେବ, ସେ ଦିଗରେ ପ୍ରଚେଷ୍ଟା ଚାଲିଛି। ଅନ୍ୟପଟେ ୨୦୦୯ ମସିହାରେ ମୁକ୍ତିଲାଭ କରିଥିଲା। ଏହାର ମୁଖ୍ୟ ଚରିତ୍ରରେ ଅମିର ଖାନ, ଆର୍ ମାଧବନ, ଶରମନ ଯୋଶୀ ଏବଂ କରିନା କପୁର ସାମିଲ ଥିଲେ। ବକ୍ସ ଅଫିସ୍‌ରେ ଏହା ପ୍ରାୟ ୨୦୦ କୋଟିର ବ୍ୟବସାୟ କରିଥିଲା। ■

# ଫି' ପାଇଁ ଚର୍ଚ୍ଚାରେ ସନ୍ନି



ଖୁବ୍ଶୀଘ୍ର ଆସିବାକୁ ଯାଉଛି ହିନ୍ଦୀ ସିନେମା 'ବର୍ଡର-୨'। ଏହା ୧୯୯୭ ମସିହାରେ ସୁପରହିଟ୍ ଫିଲ୍ମ 'ବର୍ଡର'ର ସିକ୍ୱେଲ। ଏହି ସିନେମାରେ ଜଣେ କଳାକାରଙ୍କ ପାରିଶ୍ରମିକକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ତେବେ ଫିଲ୍ମର ମୁଖ୍ୟ ଚରିତ୍ରରେ ସନ୍ନି ଦେଓ୍ୱଲ ନଜର ଆସିବେ। ଏହି ସିନେମାରେ ସେ ସବୁଠୁ ଅଧିକ ପାରିଶ୍ରମିକ ଦାବି କରିଥିବା କୁହାଯାଉଛି। ଏପରିକି ଉକ୍ତ ସିନେମାର ସେ ହେଲେ ଦାମୀ ଅଭିନେତା। ସେ ୫୦ କୋଟି ଟଙ୍କା ନେବେ। ତାଙ୍କର ଏହି ଫି' 'ବର୍ଡର' ସିନେମା ତୁଳନାରେ ୪୦ ଗୁଣ ଅଧିକ। ବରୁଣ ଏବଂ ଦିଲଜିତ୍ ମଧ୍ୟ 'ବର୍ଡର ୨' ସିନେମାରେ ନଜର ଆସିବେ। ଏହି ୱାର୍ ସିନେମା ଲାଗି ବରୁଣଙ୍କୁ ୧୫-୨୦ କୋଟି ଟଙ୍କା ଦିଆଯିବ। ସେହିପରି ଦିଲଜିତ୍‌ଙ୍କୁ ପ୍ରାୟ ୧୦ କୋଟି ଦିଆଯିବ। ଅନ୍ୟପଟେ ଏହି ସିନେମାଟି ୨୦୨୬ ମସିହା ଜାନୁଆରୀ ୨୩ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■

ସାକ୍ଷାତକାର

ଅନେକେ ପିଲାଦିନେ କଳାକାର ହେବାକୁ ସ୍ୱପ୍ନ ଦେଖନ୍ତି। କାହାର ସ୍ୱପ୍ନ ସାକାର ହୁଏ ଆଉ କାହାର ସ୍ୱପ୍ନ ଅଧାରେ ରହିଯାଏ। ତେବେ ସଫଳ କଳାକାର ହେବାକୁ ବେଶ୍ ପରିଶ୍ରମ ଓ ସାଧନା କରିବାକୁ ପଡ଼ିଥାଏ। ଏମିତି ଜଣେ କଳାକାର ହେଉଛନ୍ତି ... ର ରୋଶନ ରାଉତ, ... ଙ୍କର ପ୍ରତିଭା ବଳରେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିପାରିଛନ୍ତି। ସିନେମା ଦେଖି ଅଭିନେତାଟିଏ ହେବାକୁ ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ। ସ୍ୱପ୍ନ ପୂରା କରିବାକୁ ପ୍ରଥମେ ସେ ଡ୍ୟାନ୍ସ କ୍ଲାସରେ ... ଦେଇଥିଲେ। ପରେ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଡିସନ ଦେଇ ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଥିଲେ ରୋଶନ। ଏବେ ସେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ 'ଲକି' ଭୂମିକାରେ ଅଭିନୟ କରୁଛନ୍ତି। ରୋଶନଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

# 'ମଞ୍ଚ ପରେ ସବୁଠି ଅଭିନୟ କରିବା ସହଜ'

**ରୋଶନ ରାଉତ, ଅଭିନେତା**



**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

- ପିଲାଦିନେ ଅଧରାତି ଯାଏଁ ମୁଁ ସବୁ ହିନ୍ଦୀ ସିନେମା ଦେଖୁଥିଲି। ହେଲେ ପଢ଼ାରେ କେବେ ଅବହେଳା କରୁନଥିଲି। ସିନେମା ଦେଖି ଅଭିନୟ ପ୍ରତି ମୋର ଦୁର୍ବଳତା ବଢ଼ିଥିଲା। ଦ୍ୱାଦଶ ଶ୍ରେଣୀରେ ନୃତ୍ୟ ଶିଖିବା ଆରମ୍ଭ କଲି। କଲେଜ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଯୋଗ ଦେଇଥିଲି। 'ଏବଂ ଅଭିମନ୍ୟୁ' ମୋର ଅଭିନୀତ ପ୍ରଥମ ମଞ୍ଚ ନାଟକ। ଏଥିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି। ପରେ ପରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ବିଷର୍ଣ୍ଣ ଭାରତ', 'ତନ୍ଦ୍ରାଲୋକର ପ୍ରହରୀ', 'ବାବାଜୀ' ଆଦି ମଞ୍ଚ ନାଟକରେ ଅଭିନୟ କରି ଦର୍ଶକଙ୍କଠାରୁ ଅଜସ୍ର ଭଲପାଇବା ପାଇଛି। ଜଣେ କଳାକାର ନିଜକୁ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ଚାହେଁ। ସେମିତି ମୋର ଧାରାବାହିକରେ କାମ କରିବାକୁ ଇଚ୍ଛା ହେଲା। ଅଡିସନ୍ ଦେଇ ମନୋନୀତ ହେଲି। 'କିଏ' ହେଉଛି ମୋର ପ୍ରଥମ ଧାରାବାହିକ। 'ତୋ ପାଇଁ ମୁଁ', 'ସୌଭାଗ୍ୟବତୀ', 'ଦିବ୍ୟଦୃଷ୍ଟି', 'ଝିଲି', 'ରାଜଯୋଗ' ଆଦି ଧାରାବାହିକରେ ଅଭିନୟ କରିଛି। ଏବେ 'ତୋରି ପାଇଁ ତୋ ପାଇଁ' ରେ 'ଲକି' ଭୂମିକାରେ ଅଭିନୟ କରୁଛି।

**'ତୋରି ପାଇଁ ତୋ ପାଇଁ'ର ଲକି ଚରିତ୍ର ବିଷୟରେ କିଛି କୁହନ୍ତୁ?**

- ଏହି ଧାରାବାହିକରେ ମୁଁ ରାମର ସାନ ଭାଇ ଲକ୍ଷଣ ଭୂମିକାରେ ଅଭିନୟ କରୁଛି। ସମସ୍ତେ ମୋତେ ଲକି ଡାକୁଛନ୍ତି। ଲକି ବହୁତ ପଜିଟିଭି। ରାମଙ୍କୁ ଲକ୍ଷଣ ଯେମିତି ଭଲପାଉଥିଲେ ଏଥିରେ ମୁଁ ମୋ ଭାଇ ରାମଙ୍କୁ ସେତିକି ଭଲ ପାଉଛି। ହେଲେ ଦୁଃଖର ବିଷୟ ମୋର ଧର୍ମପତ୍ନୀ ଜଣେ ଖଳପ୍ରକୃତିର। ଆମ ଘର ଭାଙ୍ଗିବା ତାଙ୍କର ମୂଳ ଉଦ୍ଦେଶ୍ୟ। ଏ ବିଷୟରେ ଲକି ଅଜଣା। ହେଲେ ବି ଲକି ପରିବାରର ସୁଖ ସମୃଦ୍ଧି ବଜାୟ ରଖିବା ପାଇଁ ଭାଇ ଆଉ ପତ୍ନୀ ଉଭୟଙ୍କୁ ନେଇ ଚଳୁଛି।

**ପ୍ରଥମ ଦିନ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

- ମଞ୍ଚରେ ଅଭିନୟ କଲାପରେ ଯେ କୌଣସି ସ୍ଥାନରେ ଅଭିନୟ କରିବା ସହଜ ହୁଏ। ମଞ୍ଚରେ ବିନା କଟ୍ କି ଓକେରେ ସଂଳାପ କୁହାଯାଏ। ତେବେ କ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଟେକ୍ନିକାଲ୍ ଜ୍ଞାନ ସଂପର୍କରେ ଜାଣିବାକୁ ପଡ଼ିଥାଏ। ତେଣୁ ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା। ସିନିୟର୍ କଳାକାରଙ୍କଠାରୁ କାମ ଶିଖିଥିଲି। ପରେ କ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି।

**ସୁଟିଂ ନଥିଲେ କ'ଣ କରନ୍ତି?**

- ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ବହିଗୁଡ଼ିକ ପଢ଼େ। ଗୀତ ଗାଇବାକୁ ବହୁତ ଭଲପାଏ। ପରିବାର ସହିତ ସମୟ ବିତାଏ। ଫିଟ୍ ରହିବାକୁ ଭୋର୍‌ରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ। ପରେ ଜିମ୍ ଯାଏ। ସୁଟିଂ ଥିଲେ ସମୟ ଅନୁସାରେ କାମ କରେ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

- 'ଝିଲି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମେ ସମସ୍ତେ ଭଲ ସାଙ୍ଗ ଥିଲୁ। 'ଝିଲି' ସୁଟିଂ ସେଟ୍ ସାଇଟ୍‌ରେ ଭଗବାନ ଶିବ ଓ ହନୁମାନଙ୍କର ମନ୍ଦିରଟି ଥିଲା। ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆଳତୀ ଯାଇ ଦେଖୁଥିଲୁ। ସକାଳୁ ବି ସମୟ କାଢ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ। ସେହି ସମୟ ମୋ ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ।

**କେଉଁ ଚରିତ୍ରରେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି?**

- 'ଝିଲି' ଧାରାବାହିକର ହାପି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି।

**ବଡ଼ ପରଦାରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛନ୍ତି?**

- ଜଣେ କଳାକାର ପାଇଁ ବଡ଼ ପରଦା କି ଛୋଟ ପରଦା କିଛି ନ ଥାଏ। ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ। ନିଃଶ୍ୱାସ ଚାଲିଥିବା ଯାଏଁ ଅଭିନୟ କରିବି। ■

**ପରଦା ପଛର କାହାଣୀ**

# ୧୦୫ ଥର ଖାରଜ ପରେ ମନୋନୀତ

ଗୀତ ହେଉଛି ଫିଲ୍ମର ଜୀବନ। ଏଭଳି ଅନେକ ପୁରୁଣା କ୍ଲାସିକ୍ ଗୀତ ରହିଛି, ଯାହାକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି। ତେବେ ଗୀତ ଲେଖି ପରଦାରେ ଚିତ୍ରଣ କରିବା ଖୁବ୍ କଷ୍ଟକର। ଏଥିପାଇଁ ଗୀତ ଲେଖାଠୁ ନେଇ ସୁଟିଂ ପର୍ଯ୍ୟନ୍ତ ସବୁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ୧୯୬୦ ମସିହାରେ ମୁକ୍ତିଲାଭ କରିଥିଲା 'ମୁଗଲ-ଏ-ଆଜମ' ଚଳଚ୍ଚିତ୍ର। ଏହି ଫିଲ୍ମରେ ଏଭଳି ଏକ ଗୀତ ରହିଛି, ଯାହାକୁ ସଙ୍ଗୀତକାର ନୌଶାଦ ୧୦୫ ଥର ଖାରଜ କରିବା ପରେ ମନୋନୀତ କରିଥିଲେ। ଗୀତିଟି ଥିଲା "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..."। ଏହି ଗୀତ ଲେଖିବାକୁ ଗୀତିକାର ଶକିଲ ବଦାୟୁନି ଖୁବ୍ ପରିଶ୍ରମ କରିଥିଲେ। ସେ ଗୀତଟିକୁ ୧୦୬ ଥର ଲେଖିବା ପରେ ସଫଳ ହୋଇଥିଲେ। ୬ ମିନିଟ୍ ୧୬ ସେକେଣ୍ଡର ଏହି ଗୀତ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁ ଥିଲା। ଗୀତର ସୁଟିଂ ପାଇଁ ଫିଲ୍ମ ନିର୍ମାତା ଏକ ଭବ୍ୟ ବିଳାସମୟ ସେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ। ସେ ସମୟରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଗୀତକୁ କୋକିଳକଣ୍ଠୀ ଲତା ମଙ୍ଗେସକର୍ ସୁଲଳିତ କଣ୍ଠରେ ଗାନ କରିଥିଲେ। "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." ଗୀତରେ ଅଭିନେତ୍ରୀ ମଧୁବାଲା ହୃଦୟସ୍ପର୍ଶୀ ନୃତ୍ୟ ପରିବେଷଣ କରିଛନ୍ତି। କେ. ଏସ୍ ଆସିଫ୍‌ଙ୍କ ନିର୍ଦ୍ଦେଶିତ 'ମୁଗଲ-ଏ-ଆଜମ' ଫିଲ୍ମ ବେଶ୍ ଲୋକପ୍ରିୟ ହୋଇପାରିଥିଲା। ଏହି ଫିଲ୍ମ ନିର୍ମାଣ ପାଇଁ ୧୬ ବର୍ଷ ସମୟ ଲାଗିଥିଲା। ତେବେ ୧୦୫ ଥର ଲେଖିବା ପରେ ଚୂଡ଼ାନ୍ତ ହୋଇଥିବା "ପ୍ୟାର୍ କିୟା ତୋ ଡର୍‌ନା କ୍ୟା..." ଗୀତଟି ଏବେ ବି ଶ୍ରୋତାମାନଙ୍କ ହୃଦୟରେ ଶିହରଣ ସୃଷ୍ଟି କରେ। ■



# ଇଶାନ କିସାନ ପୁରସ୍କୃତ

ମୁମ୍ବଇ, ୨୦।୧୨ (ଏଜେନ୍ସି): ଆସନ୍ତା ଟି-୨୦ ବିଶ୍ୱକପ୍ ପାଇଁ ଘୋଷିତ ଭାରତୀୟ ଦଳରେ ୱିକେଟ୍ ରକ୍ଷକ ବ୍ୟାଟ୍ସମ୍ୟାନ ଭାବେ ଇଶାନ୍ କିସାନ୍ ସ୍ଥାନ ପାଇଛନ୍ତି। ଦଳ ଘୋଷଣା ବେଳେ ମନୋନୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର କହିଥିଲେ ଯେ ୱିକେଟ୍ ରକ୍ଷକ ହିଁ ଇନିଂସ ଓପନ୍ କରିବେ। କାରଣ ଦଳରେ ଶୁଭମନ ଗିଲ୍ ନାହାନ୍ତି। ଦଳରେ ଥିବା ଦୁଇ ୱିକେଟ୍ ରକ୍ଷକ ସଞ୍ଜୁ ସାମ୍ସନ ଓ ଇଶାନ୍ କିସାନ୍ ଟି-୨୦ କ୍ରିକେଟ୍‌ରେ ବିଶେଷଜ୍ଞ ଓପ୍‌ନର। ଦୁହେଁ ପୂର୍ବରୁ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ୨୦୨୩ ପରେ ଇଶାନ୍ କିସାନ୍ ଜାତୀୟ ଦଳକୁ ଫେରିବା କାହାରିକୁ ଚକିତ କରିନାହିଁ। ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ ଲାଗି ଇଶାନ୍ କିସାନଙ୍କୁ ପୁରସ୍କୃତ କରିଛନ୍ତି। ନିକଟରେ କିସାନ୍‌ଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ପ୍ରଥମଥର ସୟଦ୍ ମୁସ୍ତାକ୍ ଅଲୀ ଟି-୨୦ ଟ୍ରଫି ଚାମ୍ପିଅନ୍ ହୋଇଛି। ଠିକ୍ ସମୟରେ କିସାନ୍ ବ୍ୟକ୍ତିଗତ ଭାବେ ଭଲ ପ୍ରଦର୍ଶନ କରି ଝାଡ଼ଖଣ୍ଡ ପାଇଁ ୧୦ଟି ଇନିଂସରୁ ୨ଟି ଲେଖାଏଁ ଶତକ ଓ ଅର୍ଦ୍ଧଶତକ ସହ ସର୍ବାଧିକ ୫୧୭ ରନ୍ କରିଛନ୍ତି। ତାଙ୍କ ଆଭ୍‌ରେଜ ୫୭.୪୪ ଓ ଷ୍ଟ୍ରାଇକ୍ ରେଟ୍ ୧୯୭ ଥିଲା।। ହରିୟାଣା ବିପକ୍ଷ ଫାଇନାଲରେ ସେ ୪୯ ବଲ୍‌ରୁ ୧୦ଟି ଛକା ଓ ୪ଟି ଚୌକା ସହ ୧୦୧ ରନ୍ କରିଥିଲେ। ସୂଚନାଯୋଗ୍ୟ; ଘରୋଇ କ୍ରିକେଟ୍ ଖେଳୁନଥିବାରୁ ଦେଢ଼ବର୍ଷ ତଳେ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରୁ ତାଙ୍କୁ ବାଦ୍ ଦିଆଯାଇଥିଲା। ଏହା ପରେସେ ଘରୋଇ କ୍ରିକେରେ ନିୟମିତ ଭଲ ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିଛନ୍ତି।

# ଇଂଲଣ୍ଡର ଆସେସ ଆଶା ଧୂଳିସାତ୍



ଆଡିଲେଡ୍,୨୦।୧୨(ଏଜେନ୍ସି): ଅଧିନାୟକ ପ୍ୟାଟ କମିନ୍ସଙ୍କ ଦମ୍‌ଦାର ଓ ନାଥାନ ଲାୟନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୮୫ ରନ୍‌ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩୪୯ ରନ୍ କରିଥିଲା। ଏହା ଫଳରେ ଇଂଲଣ୍ଡ ଆଗରେ ୪୩୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୭ ରନ୍ ସଂଗ୍ରହ କରିଛି। ଏହା ଫଳରେ ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବାକୁ ଇଂଲଣ୍ଡକୁ ବାକିଥିବା ୪ ୱିକେଟ ବିନିମୟରେ ଆଉ ୨୨୮ ରନ୍ ଆବଶ୍ୟକ ହେଉଛି। ଏହି ଲକ୍ଷ୍ୟରେ ପହଞ୍ଚିବା ଇଂଲଣ୍ଡ ଲାଗି କେବଳ କଷ୍ଟକର ନୁହେଁ, ଅସମ୍ଭବ। ଏହା ଫଳରେ ପ୍ରଥମ ଦୁଇଟି ଟେଷ୍ଟରେ ପରାଜିତ ହୋଇଥିବା ଇଂଲଣ୍ଡର ଆସେସ୍ ସିରିଜ୍ ଜିତିବା ଆଶା ଧୂଳିସାତ ହୋଇଯାଇଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଟ୍ରାଭିସ ହେଡ୍ ସର୍ବାଧିକ ୧୭୦ ଓ ଆଲେକ୍ସ କ୍ୟାରୀ ୭୨ ରନ୍ କରିଥିଲେ। ଇଂଲଣ୍ଡର ଜୋଶ ଟଙ୍ଗ୍‌ଙ୍କୁ ୪ଟି ଓ ବ୍ରାଇଡନ କାର୍ସଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଜ୍ୟାକ୍ କ୍ରାଲୀ ୮୫, ଜୋ ରୁଟ୍ ୩୯ ଓ ହ୍ୟାରୀ ବ୍ରୁକ୍ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର କମିନ୍ସ ଓ ଲାୟନଙ୍କୁ ୩ଟି ଲେଖାଏଁ ୱିକେଟ ମିଳିଛି।

# କାଭେମ ହଜ୍‌ଙ୍କ ଅପରାଜିତ ଶତକ

ମାଉଣ୍ଟ ମାଉଙ୍ଗାନୁଇ,୨୦।୧୨(ଏଜେନ୍ସି): କାଭେମ ହଜ୍‌ଙ୍କ ଅପରାଜିତ ଶତକ, ବ୍ରାଣ୍ଡନ କିଙ୍ଗ୍ ଓ ଅନ୍ୟମାନଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ନ୍ୟୁଜିଲାଣ୍ଡ ସହ ଚାଲିଥିବା ତୃତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ ଏଡ଼ାଇବାରେ ସମର୍ଥ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୮ ୱିକେଟରେ ୫୭୫ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ହଜ୍‌ଙ୍କ ଅପରାଜିତ ୧୦୯, କିଙ୍ଗ୍‌ଙ୍କ ୬୩ ରନ୍ ସହାୟତାରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୬ ୱିକେଟରେ ୩୮୧ ରନ୍ କରିବା ସହ ଫଲୋଅନ୍ ଏଡାଇବାକୁ ସମର୍ଥ ହୋଇଛି। ହଜ୍‌ଙ୍କ ସହ ଆଣ୍ଡରସନ ଫିଲିପ୍ ୧୨ ରନ୍‌ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜନ୍ କ୍ୟାମ୍ପବେଲ ଓ ଆଲିକ୍ ଆଥାନାଜେ ୪୫ ରନ୍ ଲେଖାଏଁ, ଜଷ୍ଟିନ ଗ୍ରିଭ୍‌ସ ୪୩ ଓ ଟେଭିନ୍ ଇମ୍‌ଲାଚ୍ ୨୭ ରନ୍‌ର ଲଢୁଆ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଜ୍ୟାକବ ଡଫି ଓ ଆଜାଜ ପଟେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ଟେଷ୍ଟର ଆଉ ୨ ଦିନ ଖେଳ ବାକି ରହିଛି।

## ନ୍ୟୁଜିଲାଣ୍ଡ ଟୁର୍ ଓ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

# ବାଦ୍ ପଡ଼ିଲେ ଶୁବମନ୍ ଗିଲ୍




ମୁମ୍ବଇ,୨୦।୧୨(ଏଜେନ୍ସି): ଆସନ୍ତାବର୍ଷ ବା ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ନିକଟ୍‌ରେ ଦକ୍ଷିଣ ଆଫ୍ରିକା ସହ ଟି-୨୦ ଖେଳିଥିବା ଭାରତୀୟ ଦଳର ଉପଅଧିନାୟକ ତଥା ଓପନର ଶୁବମନ ଗିଲ୍‌ଙ୍କୁ ବାଦ୍ ଦିଆଯାଇଛି। ଗିଲ୍‌ଙ୍କ ସହ ସିରିଜ୍‌ର ନଂ-୧ ୱିକେଟକିପର ଜିତେଶ ଶର୍ମା ମଧ୍ୟ ବାଦ୍ ପଡ଼ିଛନ୍ତି। ସେମାନଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ୱିତୀୟ ୱିକେଟକିପର/ରିଜର୍ଭ ଓପନର ଭାବେ ଇଶାନ କିସାନ ଦଳକୁ ଫେରିଛନ୍ତି। ଫର୍ମରେ ନ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଅକ୍ଷର ପଟେଲ ପୂର୍ବପରି ଉପଅଧିନାୟକ ପଦକୁ ଫେରିଛନ୍ତି। ଏହାଛଡ଼ା ଫିନିସର ରିଙ୍କୁ ସିଂଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି। ଏହି ଟିମ୍ ମଧ୍ୟ ଭାରତରେ ଜାନୁଆରୀ ୨୧ରୁ ୩୧ ମଧ୍ୟରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଖେଳିବ। ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୫ଟି ଟିମ୍‌କୁ ନେଇ ଗଠିତ ଗ୍ରୁପ୍-ଏ'ରେ ଭାରତ ଫେବୃଆରୀ ୭ରେ ଆମେରିକା ସହ ଖେଳି ଅଭିଯାନ ଆରମ୍ଭ କରିବ। ଫେବୃଆରୀ ୧୨ରେ ନାମିବ୍ୟା, ୧୫ରେ ପାକିସ୍ତାନ ଓ ୧୮ରେ ନେଦରଲାଣ୍ଡସ ସହ ଖେଳି ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳିବ। ଏହା ପରେ ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮, ମାର୍ଚ୍ଚ ୪ ଓ ୫ରେ ସେମିଫାଇନାଲ ଓ ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଟୁର୍ ଲାଗି ଘୋଷିତ ଦଳରେ ବ୍ୟାଟର ଭରି ରହିଛନ୍ତି। ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓପନ ରହିଛନ୍ତି। ସଞ୍ଜୁ ନଂ-୧ ଓ ଇଶାନ ନଂ-୨ ୱିକେଟକିପର ଓ ରିଜର୍ଭ ଓପନର ରହିଛନ୍ତି। ମିଡିଲ ଅର୍ଡରରେ ସୂର୍ଯ୍ୟକୁମାର, ତିଲକ ବର୍ମା ଓ ରିଙ୍କୁ ସିଂଙ୍କ ସହ ୪ ଅଲରାଉଣ୍ଡର ରହିଛନ୍ତି। ଦୁଇଜଣ ପେସ୍ ଓ ଦୁଇ ଜଣ ସ୍ପିନ୍ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ପେସ୍ ବୋଲିଂ, ଅକ୍ଷର ଓ ୱାଶିଂଟନ ସୁନ୍ଦର ସ୍ପିନ୍ ବୋଲିଂ ଅଲରାଉଣ୍ଡର ଭାବେ ସ୍ଥାନ ପାଇଛନ୍ତି। ପେସ ବୋଲର ଭାବେ ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଖେଳିବେ। ଦୁଇ ସ୍ପେଶାଲିଷ୍ଟ ସ୍ପିନର ହେଲେ ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବ। ଦଳକୁ ଫେରିଥିବା ରିଙ୍କୁ ସିଂ ଫିନିସର ଭୂମିକାରେ ଦାୟିତ୍ୱ ତୁଲାଇବେ। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇଥିଲା।

**ଘୋଷିତ ଦଳ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶପ୍ରୀତ୍ ବୁମ୍‌ରା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ।

### ନ୍ୟୁଜିଲାଣ୍ଡ ଗସ୍ତସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ଭଦୋଦରା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
| ୭।୨ | ଆମେରିକା | ମୁମ୍ବଇ |
| ୧୨।୨ | ନାମିବ୍ୟା | ଦିଲ୍ଲୀ |
| ୧୫।୨ | ପାକିସ୍ତାନ | କଲମ୍ବୋ |
| ୧୮।୨ | ନେଦରଲାଣ୍ଡସ | ଅହମ୍ମଦାବାଦ୍ |


ଆଣ୍ଟି-ଡୋପିଂ ନିୟମ ଉଲ୍ଲଘଂନ

# ଭାରତ ବିଶ୍ୱରେ ପ୍ରଥମ

ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି): ପ୍ରଥମଥର ଲାଗି ଆଣ୍ଟି-ଡୋପିଂ ନିୟମ ଉଲ୍ଲଘଂନ କରିବାରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ୨୦୨୩ ବର୍ଷ ଲାଗି ପ୍ରକାଶିତ ଏହି ରିପୋର୍ଟରେ ଭାରତର ଆଥଲେଟମାନେ ୨୨୨ଟି ନିୟମ ଉଲ୍ଲଘଂନ କରି ଧରାପଡ଼ିଛନ୍ତି। ଏହି ବିଭାଗରେ ରୁଷ ପ୍ରଥମ ସ୍ଥାନ ଅଧିକାର କରିଥାଏ। ୱାଡା ଦ୍ୱାରା କରାଯାଇଥିବା ପରୀକ୍ଷାରେ ଏହି ନିୟମ ଉଲ୍ଲଘଂନକାରୀ ଧରାପଡ଼ିଛନ୍ତି ଓ ସେମାନଙ୍କୁ ଦଣ୍ଡବିଧାନ କରାଯିବ ବୋଲି ଜଣାଯାଇଛି।

## ଜାତୀୟ ସୁଟିଂ ଚାମ୍ପିଅନସିପ୍

# ଗୁରୁଜୋତ, ରାୟଜାଙ୍କୁ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର,୨୦।୧୨(ସମିସ): ନୂଆଦିଲ୍ଲୀର ଡକ୍ଟର କାର୍ଣ୍ଣି ସିଂହ ସୁଟିଂ ରେଞ୍ଜରେ ୬୮ତମ ଜାତୀୟ ସୁଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ଜିନ୍ଦର ଷ୍ଟିଲ ପ୍ରୋତ୍ସାହିତ ସୁଟର ଗୁରଜୋତ ସିଂହ, ରାୟଜା ଧୀଲନ ଓ ମୈରାଜ ଅହମ୍ମଦ୍ ଖାନ୍ ଏକାଧିକ ପଦକ ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗୁରଜୋତ୍ ଓ ରାୟଜା ସ୍ୱର୍ଣ୍ଣ ଜିତିଥିଲାବେଳେ ମୈରାଜଙ୍କୁ ରୌପ୍ୟ ପଦକ ମିଳିଛି। ପୁରୁଷ ସ୍କିଟ୍ ଇଭେଣ୍ଟରେ ଗୁରଜୋତ ସିଂହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲରେ ଏକାଧିକ ଅଲିମ୍ପିଆନଙ୍କୁ ପଛରେ ପକାଇ ସେ ପ୍ରଥମସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ସ୍କିଟ୍‌ରେ ରାୟଜା ଅସାଧାରଣ କ୍ରୀଡ଼ା ପ୍ରଦର୍ଶନ କରି ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଉଭୟ ସିନିଅର ଓ ଜୁନିଅର ମହିଳା ସ୍କିଟ୍‌ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏମାନଙ୍କ ବ୍ୟତୀତ ମୈରାଜ ଅହମ୍ମଦ୍ ଖାନ୍ ଦୁଇଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସର୍ବୋଚ୍ଚ ସ୍ତରରେ ସ୍ଥିର ପ୍ରଦର୍ଶନ କରି ପରବର୍ତ୍ତୀ ପିଢ଼ିର ସୁଟରମାନଙ୍କୁ ପ୍ରେରଣା ଯୋଗାଇବା ସହ ଜିନ୍ଦଲ ଷ୍ଟିଲ ସେମାନଙ୍କ ଯାତ୍ରାରେ ଦୀର୍ଘକାଳୀନ ପ୍ରୋତ୍ସାହନ ଜାରି ରଖି ଗର୍ବିତ।

# ଆଜି ସର୍ବଭାରତୀୟ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଫାଇନାଲ୍

ଭାପୁର,୨୦।୧୨(ସମିସ): ଏଠାରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଦିନ ହେବ।ଏହି ଫାଇନାଲରେ ପରସ୍ପରକୁ ଭେଟିବେ ଭୁବନେଶ୍ୱର ଦୁଇ ଦଳ ସାଇ ଇଲେଭେନ ଓ ତମାଣ୍ଡୋ କ୍ରିକେଟ କ୍ଲବ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଖେଳପଡିଆରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଛି। ପ୍ରଥମ ସେମିଫାଇନାଲରେ ଏମଏମସିସି ସମ୍ବଲପୁରକୁ ହରାଇ ସାଇ ଇଲେଭେନ ଓ ଦ୍ୱିତୀୟ ସେମିଫାଇନାଲରେ କେସିଏ କଳାହାଣ୍ଡି କୁ ହରାଇ ଟମାଣ୍ଡୋ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି।ଦୁଇ ଦଳ ସେମାନଙ୍କ ସମସ୍ତ ଶକ୍ତି ଖଟାଇ ଚାମ୍ପିଅନ ହୋଇ ଦେଢ ଲକ୍ଷ ଟଙ୍କା ଓ ବୃହତ୍ ଟ୍ରଫି ଜିତିବା ପାଇଁ ଚେଷ୍ଟା କରିବେ। ଫାଇନାଲରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ , ବିଧାୟକ ଅରୁଣ କୁମାର ସାହୁ, ରମେଶ ବେହେରା, ପ୍ରଦୀପ ସାହୁ ଓ ମୁଖ୍ୟ ଆକର୍ଷଣ ମଧ୍ୟପ୍ରଦେଶର ରାଜ୍ୟ ସଭା ସାଂସଦ ଉମେଶ ନାଥ ମହାରାଜ ଯୋଗ ଦେବେ ବୋଲି ଆୟୋଜକ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## ● ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ ଫାଇନାଲରେ ବାରଙ୍ଗ ବାୟାର-ତଣ୍ଡିକଣା

ବାରଙ୍ଗ,୨୦।୧୨(ସମିସ): ଗଣ୍ଡରପୁର ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣାମେଣ୍ଟର ୭ମ ଦିବସ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ ବାରଙ୍ଗ ବାୟାର ୬-୪ ଟାଇବ୍ରେକର ଗୋଲରେ ଆମଣର ଜୟଦୁର୍ଗା କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ସୁଜିତ୍ କୁମାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ତାଣ୍ଡିକଣାର କୃଷକବନ୍ଧୁ କ୍ଲବ୍ ୨-୦ ଗୋଲରେ କଟକ ସିଆରଆରଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

**ଗୋଠପୁର - ପ୍ରତାପନଗରୀ ଫାଇନାଲ:** ସେହିପରି ଅନ୍ୟ ଏକ ବିଭାଗର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗୋଠପୁରର ମା ମଙ୍ଗଳା କ୍ଲବ ୧-୦ ଗୋଲରେ ମୁଣ୍ଡୁମାଣର ଜୟଜଗନ୍ନାଥ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ପ୍ରତାପନଗରୀ ପ୍ରତାପ କ୍ଲବ୍ ମଧ୍ୟ ୧-୦ ଗୋଲ ରେ ବାଉଲକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ନକୁଳ ରାଉତ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ରବିବାର ଫାଇନାଲ ମୁକାବିଲା ଖେଳାଯିବ।

## ମହିଳା କାନୋସ୍ଲିଣ୍ଟ ଦଳ ଚୟନ ଶିବିର ସୋମବାର

କଟକ,୨୦।୧୨(ସମିସ): ୩୬ତମ ଜାତୀୟ ପୁରୁଷ ଓ ମହିଳା କାନୋସ୍ଲିଣ୍ଟ ଚାମ୍ପିଅନସିପ୍ ହେବାକୁ ଯାଉଛି। ଏହାକୁ ଲକ୍ଷ୍ୟରେ ରଖି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ପକ୍ଷରୁ ଆସନ୍ତା ସୋମବାର ୨୨ ତାରିଖରେ ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ରାଜ୍ୟ ଦଳ ଚୟନ ଶିବିର ଆୟୋଜନ ହେବ। ପ୍ରତ୍ୟେକ ଜିଲ୍ଲାର ଖେଳାଳି ଏଥିରେ ଭାଗ ନେଇ ପାରିବେ। ବିଭିନ୍ନ ବିଭାଗରେ ଚାକିରି କରୁଥିବା ଖେଳାଳି ମଧ୍ୟ ଶିବିରରେ ସାମିଲ ହୋଇ ପାରିବେ। ଇଚ୍ଛୁକ ଜଳକ୍ରୀଡ଼ା ପ୍ରତିଯୋଗୀମାନେ ରାଜ୍ୟ ଦଳର ପ୍ରଶିକ୍ଷକ ଜନସନ ସିଂହ ଓ ରାଜ କୁମାର ନିସାଦଙ୍କ ସହ ଯୋଗାଯୋଗ କରିବାକୁ ସଂଘର ସମ୍ପାଦକ ବିପିନ ଦାଶ ନିବେଦନ କରିଛନ୍ତି।

# ଭାରତର ରେକର୍ଡ ୯ମ ସିରିଜ୍ ବିଜୟ




ଅହମ୍ମଦାବାଦ୍,୨୦।୧୨(ଏଜେନ୍ସି): ଏଠାରେ ଶୁକ୍ରବାର ଖେଳାଯାଇଥିବା ୫ମ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୨୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୨୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ୬୩ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଓ ୧୦ ୱିକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ଫଳରେ ଭାରତ ୩-୧ ବ୍ୟବଧାନରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଜିତିବା ସହ ଏକାଧିକ ରେକର୍ଡର ଅଧିକାରୀ ହୋଇଛି।

**୯, ୧୦ ଓ ୧୧:** ଏହି ସିରିଜ୍ ବିଜୟ ଫଳରେ ଭାରତ ଘରୋଇ ମାଟିରେ ରେକର୍ଡ ୯ମ ସିରିଜ୍ ବିଜୟୀ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ୨୦୦୬ରୁ ୨୦୧୦ ମଧ୍ୟରେ ଅଷ୍ଟ୍ରେଲିଆ କ୍ରମାଗତ ୮ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଥିଲା।

ସେହିପରି ସମସ୍ତ ଟି-୨୦ରେ ଭାରତ କ୍ରମାଗତ ୧୦ଟି ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହା ମଧ୍ୟରେ ଏସିଆ କପ୍ ଓ ବିଶ୍ୱକପ୍ ରହିଛି। ପୂର୍ବରୁ ପାକିସ୍ତାନ ୨୦୧୬ରୁ ୨୦୧୮ ମଧ୍ୟରେ ୧୧ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଛି।

୨୦୨୩ରେ ଭାରତ ଶେଷଥର ୱେଷ୍ଟଇଣ୍ଡିଜ୍ ନିକଟରୁ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିଥିଲା। ଏହାକୁ ମିଶାଇ ଭାରତ ୧୧ଥର ସକାଶେ ଦ୍ୱିପାକ୍ଷିକ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହି ରେକର୍ଡ ଭାରତ ନାମରେ ରହିଛି। ପୂର୍ବରୁ ଦଳ କ୍ରମାଗତ ୧୨ଟି ଦ୍ୱିପାକ୍ଷିକ ସିରିଜ୍‌ରେ ବିଜୟୀ ହୋଇଛି।

**୧୬:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତ ଖେଳିଥିବା ସମସ୍ତ ଟି-୨୦ରେ ଏହା ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବରୁ ୨୦୦୭ ଇଂଲଣ୍ଡ ବିପକ୍ଷ ଡର୍ବାନ ଟି-୨୦ରେ ଯୁବରାଜ ସିଂହ ୧୨ଟି ବଲ୍‌ରେ ୫୦ ରନ୍ ପୂରଣ କରି ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ କରିଥିଲେ। ଗତବର୍ଷ ଇଂଲଣ୍ଡ ବିପକ୍ଷରେ ଅଭିଷେକ ଶର୍ମା ୧୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ।

**୫ମ ଖେଳାଳି:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ ଟି-୨୦ରେ ୨୦୦୦ ରନ୍ ଓ ୧୦୦ ୱିକେଟ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ପଞ୍ଚମ ଖେଳାଳି। ତାଙ୍କ ପୂର୍ବରୁ ମାଲେସିଆର ବିରନଦୀପ ସିଂହ, ଜିମ୍ବାୱେର ସିକନ୍ଦର ରାଜା, ବାଂଲାଦେଶର ସାକିବ ଅଲ ହାସନ ଓ ଆଫଗାନିସ୍ତାନର ମହମ୍ମଦ୍ ନବି ଏହି ସଫଳତାର ଅଧିକାରୀ ହୋଇଥିଲେ। ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ ଏକମାତ୍ର ପେସ୍ ବୋଲର।

**ବ୍ୟୟବହୁଳ ବୋଲିଂ :** ଏହି ମ୍ୟାଚ୍‌ରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୫୩ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେଇଥିଲେ। କିନ୍ତୁ ସମସ୍ତ ଅନ୍ତର୍ଜାତୀୟ ଟି-୨୦ରେ ବ୍ୟୟବହୁଳ ବୋଲିଂ ସ୍ପେଲ୍ ସାବ୍ୟସ୍ତ ହୋଇଛି। ପୂର୍ବରୁ ୨୦୧୭ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତର ଯୁଜବେନ୍ଦ୍ର ଚହଲ ୪ ଓଭରରେ ୫୨ ରନ୍ ଦେଇ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ବରୁଣ ତୃତୀୟଥର ଲାଗି ଗୋଟିଏ ସିରିଜ୍‌ରେ ୧୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସଫଳ ହୋଇଛନ୍ତି।

# ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଡ୍ର' ମ୍ୟାଚ୍‌ରୁ ଓଡ଼ିଶାକୁ ୩ ପଏଣ୍ଟ




ଭୁବନେଶ୍ୱର,୨୦।୧୨ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଓଡ଼ିଶା ଓ ବିହାର ମଧ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍ ବିନା ହାରଜିତ ଫଇସଲାରେ ଶେଷ ହୋଇଛି। ଏଲିଟ୍ ଗ୍ରୁପ୍ 'ବି'ର ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଆଗୁଆ ଥିବାରୁ ଓଡ଼ିଶାକୁ ୩ ଓ ବିହାରକୁ ୧ ପଏଣ୍ଟ ମିଳିଛି। ବିହାରର ପ୍ରଥମ ଇନିଂସ ସ୍କୋର୍ ୨୮୮ ରନ୍ ଜବାବରେ ଓଡ଼ିଶା ୯ ୱିକେଟ୍ ହରାଇ ୩୨୨ ରନ୍‌କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସରେ ୩୪ ରନ୍ ପଛରେ ରହିବା ପରେ ବିହାର ଶନିବାର ତୃତୀୟ ତଥା ଅନ୍ତିମ ଦିନରେ ମ୍ୟାଚ୍ ସମାପ୍ତି ବେଳକୁ ଦ୍ୱିତୀୟ ଇନିଂସରେ ୩ ୱିକେଟ୍‌ରେ ୯୮ ରନ୍ କରିଥିଲା। ଆସନ୍ତା ୨୩ରୁ ମୋରେନାରେ ପଞ୍ଜାବ ବିପକ୍ଷରେ ଓଡ଼ିଶା ୪ର୍ଥ ମ୍ୟାଚ୍ ଖେଳିବ। ଓଡ଼ିଶାର ପ୍ରଥମ ଇନିଂସରେ ଚାରି ଜଣ ଅର୍ଦ୍ଧଶତକ ହାସଲ କରିଥିଲେ। ଓପ୍‌ନର ଅରବିନ୍ଦ ମୁଦୁଲି ୬ଟି ଚୌକା ସହ ୫୧ ଏବଂ ଅଧିନାୟକ ନୀଲ୍ ନୀତିନ ମହାନ୍ତି ୧୪ଟି ଚୌକା ସହ ୭୫ ରନ୍ କରିଥିଲେ। ୧୮୭ ରନ୍‌ରେ ଓଡ଼ିଶା ୬ଟି ୱିକେଟ୍ ହରାଇବା ପରେ ଓମ୍‌ପ୍ରକାଶ ଦାସ ଓ ତପନ ଗୁପ୍ତା ଅତି ମୂଲ୍ୟବାନ ୮୮ ରନ୍ ଯୋଗ କରିବାରୁ ଓଡ଼ିଶା ପ୍ରଥମ ଇନିଂସରେ ଆଗୁଆ ହୋଇ ପାରିଥିଲା। ଓମ୍‌ପ୍ରକାଶ ଦାସ ୧୨୭ ବଲ୍‌ରୁ ୧୬ଟି ଚୌକା ସହ ୮୧ ଏବଂ ତପନ ଗୁପ୍ତା ଗୋଟିଏ ଛକା ଓ ୬ଟି ଚୌକା ସହ ୫୫ ରନ୍ କରିଥିଲେ। ହିମାଂଶୁ ସାହୁ ୧୬ ରନ୍‌କରି ଅପରାଜିତ ଥିଲେ। ବିହାରର ବିବେକ ଆନନ୍ଦ ଓ ଶିବାଂଶ ୩ଟି ଲେଖାଏଁ ଏବଂ ପାର୍ଥ ୨ଟି ୱିକେଟ୍ ନେଇଥିଲେ। ପରେ ବିହାରର ଦ୍ୱିତୀୟ ଇନିଂସରେ ଶ୍ୱେତମ୍ ୧୯, ପୀୟୁଷ କୁମାର ୧ ଓ ଅଧିନାୟକ ଯଶ ୫୪ ବଲ୍‌ରୁ ୧୦ଟି ଚୌକା ସହ ୪୭ ରନ୍ କରିଥିଲେ। ଅଭିନବ ସିହ୍ନା ୨୧ ରନ୍‌କରି ଅପରାଜିତ ଥିଲେ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS